ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୩୧/୨୦୨୦ (୧୬ ପୃଷ୍ଠା) | Balasore, Friday, January 31/2020 | ★★★★
୪୬ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



## ୪୫ ବର୍ଷରେ ପ୍ରୀତି

ପ୍ରୀତି ଜିଣ୍ଟା ଶୁକ୍ରବାର ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ବଲିଉଡ୍ ଫିଲ୍ମ 'ଦିଲ୍ ସେ'ରେ ଡେବ୍ୟୁ କରିଥିଲେ। ୦୮

୧୫

## ରାଣୀ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ ଦି ଇୟର'

ବିଶ୍ୱର ପ୍ରଥମ ହକି ଖେଳାଳିଭାବେ ଭାରତୀୟ ମହିଳା ଦଳ ଅଧିନାୟିକା ରାଣୀ ରାମପାଲ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ ଦି ଇୟର' ପୁରସ୍କାର ପାଇଛନ୍ତି।



# ଏବର୍ଷ ଲାଗୁ ହେବନି ଯୁକ୍ତ୨ ପ୍ରଥମ ବର୍ଷ ପାସ୍ ଫେଲ୍ ବ୍ୟବସ୍ଥା

**ଭୁବନେଶ୍ୱର, ୩୦।୧(ବ୍ୟୁରୋ):** ଚଳିତ ବର୍ଷ ଯୁକ୍ତ୨ ପ୍ରଥମ ବର୍ଷ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ ହେବ ନାହିଁ। ପ୍ରଥମ ବର୍ଷରେ ୩୩% ମାର୍କ ବାଧ୍ୟତାମୂଳକ ନେଇ ପୂର୍ବରୁ ଯାହା ଘୋଷଣା ହୋଇଥିଲା ତାହା ଲାଗୁ ହେବନାହିଁ। କେବଳ ସେତିକି ନୁହେଁ, ଦ୍ୱିତୀୟ ବର୍ଷକୁ ଉନ୍ନୀତ ହେବାକୁ ହେଲେ ୭୫% ଉପସ୍ଥାନ ନିୟମ ମଧ୍ୟ ଲାଗୁ ହେବ ନାହିଁ। ଏହି ନିୟମ ଆସନ୍ତା ବର୍ଷଠାରୁ ଲାଗୁ କରାଯିବ ବୋଲି ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଯୁକ୍ତ୨ ପ୍ରଥମ ବର୍ଷରେ ୩୩% ମାର୍କ ବାଧ୍ୟତାମୂଳକ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯିବା ପରେ ଏହାକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ତୀବ୍ର ବିରୋଧ ହୋଇଥିଲା। ସାରା ରାଜ୍ୟରେ ଛାତ୍ରଛାତ୍ରୀମାନେ ଏନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାକୁ ନଜରରେ ରଖି ମନ୍ତ୍ରୀ ଏ ଦିଗରେ ପୁଣି ଥରେ ବିଚାର କରାଯିବ ବୋଲି କହିଥିଲେ।



# ବନ୍ଧୁକ ବୁଲାଇଲେ, ଗୁଳି ଚଳାଇଲେ

## ସିଏଏ ବିରୋଧୀ ଶୋଭାଯାତ୍ରାବେଳେ ରାମଭକ୍ତଙ୍କ ଉନ୍ମତ୍ତକାଣ୍ଡ

- ଜାମିଆର କଶ୍ମୀରୀ ଛାତ୍ର ଆହତ
- ହତ୍ୟା ଉଦ୍ୟମ ମାମଲା ରୁଜୁ
- କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ଦିନକୁ ଦିନ ହିଂସା ବଢ଼ିବାରେ ଲାଗିଛି। ଏହିକ୍ରମରେ ଗୁରୁବାର ଦିଲ୍ଲୀର ଜାମିଆ ନଗରରେ ଏକ ଅଭାବନୀୟ ଘଟଣା ଘଟିଛି। ବିକ୍ଷୋଭକାରୀମାନେ ଶୋଭାଯାତ୍ରା ପାଇଁ ବାହାରୁଥିବାବେଳେ ଜଣେ ଯୁବକ 'ଏଇ ନିଅ ସ୍ୱାଧୀନତା' କହିବା ସହ ବନ୍ଧୁକ ବୁଲାଇ ସେମାନଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଏଥିରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଶାଦାବ ଫାରୁକ ନାମକ ଜଣେ ଛାତ୍ର ଆହତ ହୋଇଛନ୍ତି। ଆକ୍ରମଣକାରୀ ଯୁବକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦିଲ୍ଲୀ ପୋଲିସକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଅନ୍ୟପକ୍ଷରେ ଗୁଳିମାଡ଼ ବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାଜପା ନେତାଙ୍କ 'ଗୋଲି ମାରୋ' ସ୍ଲୋଗାନର ପ୍ରଭାବରେ ଏପରି ଘଟିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ସରଗରମ ହୋଇଛି।

ମିଳିଥିବା ସୂଚନାନୁସାରେ ଜାମିଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁବାର ଅପରାହ୍ନ ୧୨ଟାରେ ଏକ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଜାମିଆ ନଗରସ୍ଥିତ ଏହି ୟୁନିଭର୍ସିଟି କ୍ୟାମ୍ପସ୍‌ର ଗେଟ୍ ନମ୍ବର ୭ରୁ ରାଜଘାଟ ପର୍ଯ୍ୟନ୍ତ ଯାଉଥିବା ଶୋଭାଯାତ୍ରାକୁ ପୋଲିସ ଅନୁମତି ଦେଇ ନ ଥିଲା। ହୋଲି ଫାମିଲି ହସ୍ପିଟାଲ ନିକଟରେ ସେମାନଙ୍କୁ ଅଟକାଇବା ପାଇଁ ବହୁସଂଖ୍ୟକ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ। ଶୋଭାଯାତ୍ରାକୁ ରୋକିବା ଲାଗି ପୋଲିସ ଯୋଜନା କରୁଥିବାବେଳେ ଭିଡ଼ ଭିତରୁ ହଠାତ୍ ଜଣେ ଯୁବକ ବାହାରିଥିଲେ। ସେ ବିକ୍ଷୋଭକାରୀମାନଙ୍କ ଆଗରେ ବନ୍ଧୁକ ବୁଲାଇବା ସହ ବାରମ୍ବାର 'ୟେ ଲୋ ଆଜାଦୀ' ବୋଲି ସ୍ଲୋଗାନ ଦେଉଥିଲେ। ପୋଲିସ ତାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେ ଗୁଳି ଚଳାଇ ସାରିଥିଲେ। ଜାମିଆ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ଛାତ୍ର ଶାଦାବଙ୍କ ବାମହାତରେ ଗୁଳି ବାଜିଥିଲା। ଏହି କଶ୍ମୀରୀ ଛାତ୍ରଙ୍କୁ ଏମ୍ସର ଟ୍ରମା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି ଓ ସେ ବିପଦମୁକ୍ତ ଅଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଘଟଣାସ୍ଥଳରରେ କାବୁ କରିବା ପରେ ଥାନାକୁ ନେଇ ପଚରାଉଚରା କରୁଛି ବୋଲି ଡିସିପି ଚିନ୍ମୟ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ହାଇଡ୍ରାମା ବେଳର ଦୃଶ୍ୟ ଟେଲିଭିଜନ କ୍ୟାମେରାରେ କଏଦ୍ ହେବା ସହ ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁଳ ପ୍ରସାରିତ ହୋଇଛି।

ଅଭିଯୁକ୍ତଙ୍କ ସମ୍ପର୍କରେ ମିଳିଥିବା ପ୍ରାଥମିକ ସୂଚନାନୁସାରେ ସେ ଜଣେ ନାବାଳକ ଓ ତାଙ୍କ ବୟସ ୧୭ ବର୍ଷ। ଆଧାର କାର୍ଡ ଅନୁସାରେ ତାଙ୍କ ନାମ ରାମଭକ୍ତ ଗୋପାଳ ଓ ସେ ଗୌତମବୁଦ୍ଧ ନଗର (ନୋଏଡା) ଅଞ୍ଚଳର। ଜେୱର କସ୍‌ବେ ବାସିନ୍ଦା ରାମଭକ୍ତ ଗୋପାଳଙ୍କ ବାପା ଜଣେ ପାନଦୋକାନୀ ବୋଲି ଜଣାପଡ଼ିଛି। ବନ୍ଧୁକ ବୁଲାଇବା ପୂର୍ବରୁ ଅଭିଯୁକ୍ତ ରାମଭକ୍ତ ଗୋପାଳ ଫେସ୍‌ବୁକ୍‌ରେ କେତେକ ମେସେଜ୍ ପୋଷ୍ଟିଂ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, 'ଶାହିନବାଗ ଖେଳ ଖତମ'। ଆଉ ଏକ ପୋଷ୍ଟରେ 'ମୋର ଶେଷଯାତ୍ରା ବେଳେ ମୋ ମରଶରୀରକୁ ଦୟାକରି ଗୈରିକ ରଙ୍ଗର ଚାଦରରେ ଘୋଡ଼ାଇବ' ଏବଂ 'ଜୟ ଶ୍ରୀରାମ' ଲେଖିଥିଲେ। ଉକ୍ତ ପୋଷ୍ଟଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ସେଗୁଡ଼ିକୁ ନେଇ ତନାଘନା ଚଳାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହି ବିଷୟକୁ ଗମ୍ଭୀରତାର ସହ ନେଇଛନ୍ତି। ସେ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ସମ୍ପୃକ୍ତ ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣାକୁ କେନ୍ଦ୍ର ସରକାର ବରଦାସ୍ତ କରିବେ ନାହିଁ। ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଶାହା ଟୁଇଟ୍ କରିଛନ୍ତି। ଏହି ଘଟଣା ପରେ ଜାମିଆ ନଗର ଅଞ୍ଚଳରେ ଉତ୍ତେଜନା ବୃଦ୍ଧିପାଇଛି। ଫେବୃଆରୀ ୮ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଘୁଞ୍ଚାଇବା ପାଇଁ ଭାଜପା ଏପରି କରାଇଥିବା ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଅଭିଯୋଗ ଆଣିଛି।

# ୮ ବର୍ଷର ଝିଅକୁ ମାଡ଼ ମାରି ଲହୁଲୁହାଣ

- ହାତଗୋଡ଼ ବାନ୍ଧି ଥାନା ଜିମା ଦେଲେ ଲୋକେ
- ଗିରଫ ପରେ କୋର୍ଟ ଚାଲାଣ

**ଉଦଳା ,୩୦।୧(ଡ଼ି.ଏନ୍.ଏ.):** ନିଶା ଯେ ମଣିଷକୁ କେଉଁ ସ୍ତରକୁ ନେଇଯାଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପାଟଶାଣୀପୁର ପଞ୍ଚାୟତର ଖଲାଡି ଗ୍ରାମରେ। ଏହି ଗ୍ରାମର ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ୮ ବର୍ଷର ଝିଅକୁ ମାଡ଼ ମାରି ଲହୁଲୁହାଣ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ବ୍ୟକ୍ତିଙ୍କ ହାତ ଗୋଡ଼ ବାନ୍ଧି ଗ୍ରାମ ରାସ୍ତାରେ ପକାଇ ଦେଇଥିଲେ। ପରେ ମେପାଲିସ ପହଞ୍ଚି ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଖଲାଡି ଗ୍ରାମର ରମେଶ ଚନ୍ଦ୍ର ମୁର୍ମୁ ବୁଧବାର ସନ୍ଧ୍ୟାରେ ନିକଟସ୍ଥ ସାପ୍ତାହିକ ହାଟକୁ ଯାଇ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କ ପଡୋଶୀଙ୍କ ଘରେ କୌଣସି କଥାକୁ ନେଇ ଝଗଡା ହେଉଥିବା ବେଳେ ରମେଶ ଉକ୍ତ ଘଟଣାରେ ମୁଣ୍ଡ ପୂରାଇଥିଲେ। ଯାହାକୁ ନେଇ ରମେଶ ଏବଂ ପଡୋଶୀଙ୍କ ମଧ୍ୟରେ ଝଗଡ଼ା ☞ପୃଷ୍ଠା-୪

# ୯୩୩ କୋଟି ଟଙ୍କା ଜମା କରି ଖଣି ଚଳାଅ

## ସାରଦା ମାଇନ୍ସକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ବନ୍ଦ ରହିଥିବା ଖଣି କାର୍ଯ୍ୟ ଆରମ୍ଭ କରିବାକୁ ସାରଦା ମାଇନ୍ସ ପ୍ରାଇଭେଟ ଲିମିଟେଡ (ଏସଏମ୍‌ପିଏଲ)କୁ ଗୁରୁବାର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ତେବେ ଆସନ୍ତା ଫେବୃଆରୀ ୨୯ ସୁଦ୍ଧା ପରିବେଶ କ୍ଷତିପୂରଣ ରାଶି ବାବଦରେ ୯୩୩ କୋଟି ଟଙ୍କା ଓଡ଼ିଶା ସରକାରଙ୍କ ନିକଟରେ ଜମାଦେବାକୁ ସାରଦା ମାଇନ୍ସକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏସ.ଏ. ବୋବଡେ, ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ନବୀନ ଜିନ୍ଦଲ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ)କୁ ଏସଏମ୍‌ପିଏଲର ଠାକୁରାଣୀ ଖଣିରେ ଥିବା ଉଚ୍ଚମାନର ଲୁହାପଥର ନେବାକୁ ଅନୁମତି ଦେଇଛନ୍ତି। ତେବେ ଏସଏମ୍‌ପିଏଲ ପରିବେଶ କ୍ଷତିପୂରଣ ରାଶି ୯୩୩ କୋଟି ଟଙ୍କା ଭରଣା କରିବା ପରେ ଜେଏସ୍‌ପିଏଲ ଲୁହାପଥର ନେଇପାରିବ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି।

ଓଡ଼ିଶାରେ ଥିବା ପ୍ଲାଣ୍ଟ ଲାଗି ରୋକ ଲାଗିଥିବା ସାରଦା ମାଇନ୍ସରୁ ଆଇରନ ଓର୍ ନ ଉଠାଇବାକୁ ଜାନୁୟାରୀ ୧୬ରେ ସୁପ୍ରିମକୋର୍ଟ ଜେଏସପିଏଲକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ରାଜ୍ୟ ସରକାରଙ୍କୁ ପରିବେଶ କ୍ଷତିପୂରଣ ରାଶି ୯୩୩ କୋଟି ଟଙ୍କା ଦେବାକୁ ସର୍ବୋଚ୍ଚ ଅଦାଲତ ସାରଦା ମାଇନ୍ସ ପ୍ରାଇଭେଟ ଲିମିଟେଡକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥ ପଇଠ ନ କରିବା ଯାଏ ଖଣି କାର୍ଯ୍ୟ ଆରମ୍ଭ ନ କରିବାକୁ ଅଦାଲତ କହିଥିଲେ। ସୂଚନାଯୋଗ୍ୟ, ଏସଏମ୍‌ପିଏଲ ଜେଏସପିଏଲକୁ ଉଚ୍ଚମାନର ଲୁହାପଥର ଠାକୁରାଣୀ ବ୍ଲକରୁ ଯୋଗାଇ ଦେଇଥାଏ। ତେବେ ପରିବେଶ ମଞ୍ଜୁରୀ ନ ଥିବାରୁ ୨୦୧୪ ମାର୍ଚ୍ଚ ୩୧ରୁ ଏହି ଖଣିରୁ ଲୁହାପଥର ଯୋଗାଣ ବନ୍ଦ କରି ଦିଆଯାଇଛି। ଏହି ଖଣି ଚାଲୁ କରିବାକୁ ଏସଏମ୍‌ପିଏଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

# ଧନ୍ଦାମୂଳକ ତାଲିମ ନେବେ ଭିକାରି

## ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ଭିକାରିଙ୍କୁ ଥଇଥାନ କରାଯିବ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ବିଭିନ୍ନ ଦେବାଳୟ ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତିମାନଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଭିକାରିମାନଙ୍କୁ ଧନ୍ଦାମୂଳକ ତାଲିମ ଦିଆଯିବ। ସେମାନେ କିପରି ସ୍ୱାଭିମାନର ସହ ବଞ୍ଚିପାରିବେ ସେ ନେଇ ବ୍ୟବସ୍ଥା ହେବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଓ ପୁରୀରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିକାରିମାନଙ୍କୁ ତାଲିମ ଦିଆଯିବା ବ୍ୟବସ୍ଥା କରାଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ରାଜ୍ୟ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ☞ପୃଷ୍ଠା-୪

# ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ: ମୋଦି

**ନୂଆଦିଲ୍ଲୀ,୩୦।୧(ପି.ଟି.)**

## ଆଜିଠାରୁ ବଜେଟ ଅଧିବେଶନ



ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଥିବାବେଳେ ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୦-୨୧ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ବଜେଟ ଉପସ୍ଥାପନର ଦିନକ ପୂର୍ବରୁ ଅର୍ଥାତ୍ ୩୧ ତାରିଖରେ ସରକାର ଚଳିତବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବେ। ଏହା ଉପରେ ସମସ୍ତଙ୍କର ନଜର ରହିବ। କାରଣ ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ବର୍ଷର ଆର୍ଥିକ ପ୍ରଦର୍ଶନର ସବିଶେଷ ତଥ୍ୟ। ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ଗୁରୁବାର ସର୍ବଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜନୈତିକ ଦଳଗୁଡ଼ିକର ସହଯୋଗ ଲୋଡ଼ିଥିଲେ। ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଆର୍ଥିକ ପ୍ରସଙ୍ଗ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ସାମ୍ପ୍ରତିକ ଅନ୍ତର୍ଜାତୀୟ ସ୍ଥିତିରୁ ଭାରତ କିପରି ଲାଭ ଉଠାଇବ, ତାହା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ କହିଥିବା ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ସର୍ବଦଳୀୟ ବୈଠକରେ ୨୬ଟି ଦଳର ନେତା ଯୋଗ ଦେଇଥିଲେ।

ବିରୋଧୀ ଦଳଗୁଡ଼ିକ ସିଏଏ ବିରୋଧୀ ଆନ୍ଦୋଳନ ସମେତ ଦେଶରେ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥା, ବେରୋଜଗାରି ବୃଦ୍ଧି ଆଦି ପ୍ରସଙ୍ଗ ଉଠାଇଥିଲେ। ସରକାର ବିକ୍ଷୋଭକାରୀଙ୍କ ପାଖରେ ନ ପହଞ୍ଚିବା ଅହଂକାର ବୋଲି ସେମାନେ ଅଭିଯୋଗ କରିଥିଲେ। ଜମ୍ମୁ-କଶ୍ମୀରରେ ଅଟକ ଥିବା ରାଜନେତାମାନଙ୍କୁ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ସତ କହିବେ ତ

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୯




Vencobb Fresh Chicken — Taste the difference!
30.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 72 | 122 | 132 |
| BHM | 70 | 119 | 129 |

*Conditions Apply
Issued in the Interest of Consumers




ସିଏଏ, ଏନ୍‌ଆରସି, ଏନ୍‌ପିଆରକୁ ବିରୋଧରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର 'ଆମେ ଭାରତବାସୀ' ବ୍ୟାନରରେ ଆୟୋଜିତ ଜନସମାବେଶ। (ରିପୋର୍ଟ: ପୃଷ୍ଠା-୫)

# ୟୁପିରେ ୨୦ ପିଲା ବନ୍ଧକ

## ଉଦ୍ଧାର ଲାଗି ପୋଲିସର ଉଦ୍ୟମ ଜାରି

**ଫାରୁଖାବାଦ (ୟୁପି), ୩୦।୧(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ଫାରୁଖାବାଦରେ ଜଣେ ଅପରାଧୀ ୨୦ ଜଣ ପିଲାଙ୍କୁ ନେଇ ବନ୍ଧକ ରଖିଥିବା ଜଣାପଡିଛି। ସେ ଜନ୍ମଦିନ ପାଳନ ପାଇଁ ପିଲାମାନଙ୍କୁ ଘରକୁ ଡାକି ବନ୍ଧକ ରଖିଥିଲେ। ଫାରୁଖାବାଦର ମହମ୍ମଦାବାଦ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ପିଲାମାନଙ୍କୁ ଘରେ ତାଲା ପକାଇ ରଖିଥିବା ବ୍ୟକ୍ତିଙ୍କ ନାମ ସୁଭାଷ ବଥାମ। ତାଙ୍କ ନାଁରେ ଫୌଜଦାରି ମାମଲା ରହିଛି। ସ୍ଥାନୀୟ ଲୋକେ ଘର ଖୋଲିବାକୁ ଉଦ୍ୟମ କରିବାରୁ ସେ ଭିତରୁ ଗୁଳି ଚଳାଇବା ସହ ଝରକା ଦେଇ ଏକ ବୋମା ଫିଙ୍ଗିଥିଲେ। ଏଥିରେ ଜଣେ ଆହତ ହୋଇଛନ୍ତି। ତାଙ୍କ ବିରୋଧରେ ଭୁଲ୍‌ରେ ଫୌଜଦାରି ମାମଲା ରୁଜୁ ହୋଇଥିବା ସୁଭାଷ କହିଛନ୍ତି। ଘର ଭିତରୁ ପିଲାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଯବାନ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏନ୍‌ଏସ୍‌ଜି କମାଣ୍ଡୋମାନଙ୍କୁ ଷ୍ଟାଣ୍ଡବାଏ ରଖାଯାଇଥିବା ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ କହିଛନ୍ତି। ଏହା ଅତ୍ୟନ୍ତ କଠିନ ପରିସ୍ଥିତି ହୋଇଥିବାରୁ ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ପିଲାମାନଙ୍କୁ ନିରାପଦର ସହ ଉଦ୍ଧାର କରିବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସ୍ଥାନୀୟ ବିଧାୟକ ନଗେନ୍ଦ୍ର ସିଂ ସେଠାରେ ପହଞ୍ଚି ସୁଭାଷଙ୍କ ସହ କଥା ହେବାକୁ ଉଦ୍ୟମ କରୁଛନ୍ତି। ପୋଲିସ ମଧ୍ୟ ସୁଭାଷଙ୍କ ସମ୍ପର୍କୀୟ ଓ ଗାଁ ମୁଖିଆମାନଙ୍କୁ ଡାକିଛି।



ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି କରାଯାଇଛି। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ବାଚନ କମିଶନ (ଇସି)ଙ୍କ ଅନୁମତି ଲୋଡ଼ିଥିଲେ। ଦିଲ୍ଲୀ ପୋଲିସ କମିଶନରଙ୍କ କାର୍ଯ୍ୟକାଳ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ବୃଦ୍ଧି ଲାଗି ଇସି ଅନୁମତି ଦେଇଛନ୍ତି। ୨୦୧୭ ଜାନୁୟାରୀରେ ଦିଲ୍ଲୀ ପୋଲିସ ମୁଖ୍ୟ ଭାବେ ନିଯୁକ୍ତ ହୋଇଥିବା ୧୯୮୫ ବ୍ୟାଚର ଆଇପିଏସ୍ ଅଫିସର ଅମୂଲ୍ୟଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହେଉଥିଲା।



# ଗୁଳିକାଣ୍ଡକୁ ନେଇ ତେଜିଲା ରାଜନୀତି

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ଦିଲ୍ଲୀର ଜାମିଆ ନଗରରେ ଗୁରୁବାର ଘଟିଥିବା ଗୁଳିକାଣ୍ଡକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଘୁଞ୍ଚାଇବା ପାଇଁ ଏହା ଭାଜପାର ଏକ ଷଡ଼ଯନ୍ତ୍ର ବୋଲି ଶାସକ ଆମ୍ ଆଦ୍ମୀ ପାର୍ଟି (ଏଏପି) ସମାଲୋଚନା କରିଛି। କଂଗ୍ରେସ ଏହାକୁ ଏନ୍‌ଡିଏ ସରକାର ପ୍ରାୟୋଜିତ ଆତଙ୍କବାଦ ବୋଲି ଅଭିହିତ କରିଥିବାବେଳେ ଭାଜପା ନେତାଙ୍କ ଘୃଣା ମନ୍ତବ୍ୟ ଯୋଗୁ ଏପରି ଘଟିଥିବା ସିପିଆଇ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ଜାମିଆ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ନିନ୍ଦା କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଂଘର ଜେନେରାଲ ବଡି ମିଟିଙ୍ଗ୍‌ରେ ଦାବି କରାଯାଇଛି।

ଏଏପି ନେତା ସଞ୍ଜୟ ସିଂ କହିଛନ୍ତି, ଫେବୃୟାରୀ ୮ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ସୁନିଶ୍ଚିତ। ଏହା ଜାଣିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ନେତାମାନେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ଭଳି ଦିନରେ ଦଙ୍ଗା ଭଳି ସ୍ଥିତି ସୃଷ୍ଟି କରିଛନ୍ତି। ଶାହା ଦିଲ୍ଲୀ ପୋଲିସର ହାତ ବାନ୍ଧି ଦେଇଥିବାରୁ ଆକ୍ରମଣକାରୀ ଗୁଳି ଚଳାଇବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ସଞ୍ଜୟ ଟୁଇଟ୍ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଦିଲ୍ଲୀର ଆଇନଶୃଙ୍ଖଳା ପରିସ୍ଥିତି ଖରାପ ହେବାରେ ଲାଗିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି। ଦଳ ପକ୍ଷରୁ ଶାହାଙ୍କୁ ସବୁଠୁ ଅଯୋଗ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଅଭିହିତ କରାଯାଇ ତାଙ୍କ ଇସ୍ତଫା ଦାବି କରାଯାଇଛି। କଂଗ୍ରେସ ନେତା ମନୀଷ ତିୱାରୀଙ୍କ ମତରେ ଭାଜପା ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଧ୍ରୁବୀକରଣ କରୁଛି। ଯେଉଁ ଘୃଣା ଦିନେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିଲା, ତାହା ଆଜି ଭାରତର ଅର୍ଥନୀତିକୁ ପଙ୍ଗୁ କରିଦେଇଛି। ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ଯେପରି ଭାବେ ଜଣେ ଅଜ୍ଞାତ ଯୁବକ ଗୁଳି ଚଳାଇଲେ, ତାହା ଏନ୍‌ଡିଏ ସରକାର ବିଗତ ମାସେ ଧରି ଦେଶରେ ସୃଷ୍ଟି କରିଥିବା ଘୃଣା ବାତାବରଣର ପରିଣାମ। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଭାଜପା ଏମ୍‌ପି ପରଭେଶ ବର୍ମାଙ୍କୁ ସେମାନଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାରରୁ ବାଦ୍ ଦେଇ ନିର୍ବାଚନ କମିଶନ ଉଚିତ ପଦକ୍ଷେପ ନେଇଛନ୍ତି। ସେହିପରି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି, ଜାମିଆ ଗୁଳିକାଣ୍ଡ ହେଉଛି ନିର୍ବାଚନ ପ୍ରଚାର ବେଳେ ଭାଜପା ନେତାଙ୍କ ବିବାଦୀୟ ମନ୍ତବ୍ୟର ପ୍ରତ୍ୟକ୍ଷ ପରିଣାମ। 'ବିଶ୍ୱାସଘାତଙ୍କୁ ଗୁଳି କର' ବୋଲି ସ୍ଲୋଗାନ ଦେଇଥିବା ଅନୁରାଗ ଠାକୁରଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି।



ଜାମିଆ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ଶୋଭାଯାତ୍ରା ବେଳେ ସେମାନଙ୍କୁ ଶାନ୍ତ କରିବା ପାଇଁ ଜଣେ ପୋଲିସ ଅଧିକାରୀ ଉଦ୍ୟମ କରୁଛନ୍ତି।

**'ଭୋଟ ଘୁଞ୍ଚାଇବାକୁ ଭାଜପାର ଚକ୍ରାନ୍ତ'**

- ଅମିତ୍ ଶାହାଙ୍କ ଇସ୍ତଫା ଦାବି କଲା ଏଏପି
- ଭାଜପା ନେତାଙ୍କ ଘୃଣା ମନ୍ତବ୍ୟ ଯୋଗୁ ଏପରି ଘଟିଛି: ସିପିଆଇ
- ଗାନ୍ଧିଜୀଙ୍କୁ ହତ୍ୟା କରିଥିବା ଘୃଣା ଆଜି ଅର୍ଥନୀତିକୁ ପଙ୍ଗୁ କରିଦେଇଛି: କଂଗ୍ରେସ

## ଅନୁରାଗ, ପର୍‌ଭେଶଙ୍କୁ ଇସି ଛାଟ



**ନିର୍ବାଚନ ପ୍ରଚାରରେ ଲାଗିଲା କଟକଣା**

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ବିବାଦୀୟ ମନ୍ତବ୍ୟ ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଭାଜପା ଏମ୍‌ପି ପର୍‌ଭେଶ ବର୍ମାଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ଲଗାଯାଇଛି। ଅନୁରାଗ ୩ ଦିନ ଏବଂ ପର୍‌ଭେଶ ୪ ଦିନ ପାଇଁ ଦିଲ୍ଲୀରେ ନିର୍ବାଚନ ପ୍ରଚାର କରିପାରିବେ ନାହିଁ। ନିର୍ବାଚନ କମିଶନ (ଇସି) ଦୁଇନେତାଙ୍କୁ ସେମାନଙ୍କ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଥିଲେ। ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ନ ଥିବା ଇସି ଉପରୋକ୍ତ କଟକଣା ଲଗାଇଛନ୍ତି। ପଶ୍ଚିମ ଦିଲ୍ଲୀର ଏମ୍‌ପି ପର୍‌ଭେଶ ମଙ୍ଗଳବାର ଏକ ସଭାରେ କହିଥିଲେ, କଶ୍ମୀରୀ ପଣ୍ଡିତମାନଙ୍କ ପ୍ରତି ଉପତ୍ୟକାରେ ଯେପରି ଘଟିଥିଲା ତାହା ଦିଲ୍ଲୀରେ ଘଟିପାରେ। ଶାହିନବାଗ୍‌ରେ ଆନ୍ଦୋଳନ ଚଳାଇଥିବା ଲକ୍ଷାଧିକ ସିଏଏ ବିରୋଧୀ ବିକ୍ଷୋଭକାରୀ ଘରେ ପଶି ମହିଳାମାନଙ୍କୁ ବଳାତ୍କାର ଓ ହତ୍ୟା କରିପାରନ୍ତି ବୋଲି ସେ ସତର୍କ କରାଇଥିଲେ। ସେହିପରି ଅନୁରାଗ ଏକ ନିର୍ବାଚନୀ ସଭାରେ ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କୁ ସମାଲୋଚନା କରିବା ସହ ଦେଶଦ୍ରୋହୀଙ୍କୁ ଗୁଳି କରିଦିଅ ବୋଲି କହିଥିଲେ। ଏଭଳି ବିବାଦୀୟ ମନ୍ତବ୍ୟ ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇସିଙ୍କ ନିକଟରେ ଦାବି ହୋଇଥିଲା।

## ୩ ବଳାତ୍କାରୀଙ୍କୁ ଫାଶୀ ଦଣ୍ଡାଦେଶ



**ହାଇଦ୍ରାବାଦ, ୩୦।୧**

- ଅସିଫାବାଦ ଗଣବଳାତ୍କାର, ହତ୍ୟା ମାମଲା
- ବାସନ ବିକୁଥିବା ମହିଳାଙ୍କୁ ତଣ୍ଟିକାଟି ମାରିଥିଲେ

ତେଲଙ୍ଗାନାର ଅସିଫାବାଦ ଜିଲା ଅନ୍ତର୍ଗତ ଆଦିଲାବାଦର ସ୍ୱତନ୍ତ୍ର କୋର୍ଟ ଗୁରୁବାର ୩ ବଳାତ୍କାରୀଙ୍କୁ ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟ ୩ ଅଭିଯୁକ୍ତ ଶୈକ୍ ବାବୁ, ଶେକ୍ ଶାବୁଦ୍ଦିନ, ଶେକ୍ ମକଦୁମ୍‌ଙ୍କୁ ଗଣବଳାତ୍କାର, ହତ୍ୟା ମାମଲାରେ ମାତ୍ର ଦୁଇମାସ ମଧ୍ୟରେ ଦୋଷୀ ଦର୍ଶାଇ ଚରମ ଦଣ୍ଡାଦେଶ ଦେଇଛନ୍ତି। ଆଇପିସିର ୩୦୨ ଓ ଅନ୍ୟ ଦଫା ସେମାନଙ୍କ ବିରୋଧରେ ଲଗାଯାଇଛି। ଗତବର୍ଷ ନଭେମ୍ବର ୨୪ରେ ଇଲ୍ଲାପତର ଗ୍ରାମରେ ବାସନ ଓ ବେଲୁନ୍ ଆଦି ବିକ୍ରି କରୁଥିବା ଜଣେ ମହିଳାଙ୍କୁ ଟେକିନେଇ ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର ପରେ ତଣ୍ଟିକାଟି ହତ୍ୟା କରାଯାଇଥିଲା। ପୀଡ଼ିତାଙ୍କ ମୋବାଇଲ ନମ୍ବର ଓ ରକ୍ତଭିଜା ଲୁଗାକୁ ଆଧାର କରି ତଦନ୍ତ ଜୋର୍ ଧରିଥିଲା। ନଭେମ୍ବର ୨୭ରେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ମାମଲାରେ ୨୫ ସାକ୍ଷୀଙ୍କ ମତାମତ ଓ ପୋଲିସର ଡିଏନ୍‌ଏ ରିପୋର୍ଟ ସହ ଅନ୍ୟ ବୈଜ୍ଞାନିକ ତଥ୍ୟ କୋର୍ଟରେ ହାଜର କରାଯାଇଥିଲା। ଜଘନ୍ୟ କାଣ୍ଡକୁ ନେଇ ଜିଲାରେ ବିକ୍ଷୋଭ ଜାରି ରହିବା ପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟରେ ମାମଲାର ଶୁଣାଣି କରିଥିଲେ।

## ତିହାର ଜେଲରେ ଜଲ୍ଲାଦ



**ନୂଆଦିଲ୍ଲୀ,୩୦।୧(ପି.ଟି.):** ନିର୍ଭୟା ମାମଲାର ୪ ଦୋଷୀଙ୍କୁ ଆସନ୍ତା ୧ରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଗୁରୁବାର ତିହାର ଜେଲରେ ପହଞ୍ଚିଛନ୍ତି ଜଲ୍ଲାଦ ପବନ। ଉତ୍ତରପ୍ରଦେଶର ମେରଠ ଜେଲରୁ ପବନ ଆସି ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। ଜଲ୍ଲାଦ ଭାବେ କାମ କରିବାରେ ପବନ ହେଉଛନ୍ତି ତାଙ୍କ ପରିବାରର ତୃତୀୟ ପିଢ଼ି। ସେ ଜେଲ ପରିସରରେ ରହିବେ। ଫାଶୀ ଦଉଡ଼ି କେତେ ଶକ୍ତ ତାହା ସେ ଯାଞ୍ଚ କରିବେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଅକ୍ଷୟଙ୍କ କ୍ୟୁରେଟିଭ ପିଟିଶନ ଖାରଜ

**ନୂଆଦିଲ୍ଲୀ,୩୦।୧(ପି.ଟି.)**



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଦୋଷୀଙ୍କୁ ଫାଶୀ ଦିଆଯିବା ଲାଗି ଧାର୍ଯ୍ୟ ତାରିଖକୁ ଆଉ ଦୁଇଦିନ ବାକି ଥିବାବେଳେ ଗୁରୁବାର ଅକ୍ଷୟ ସିଂଙ୍କ କ୍ୟୁରେଟିଭ୍ ପିଟିଶନ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଫାଶୀ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି ପାଇଁ ଦୋଷୀ ଅକ୍ଷୟ ଦାଏର କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତର ୫ ଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି।

ଅକ୍ଷୟ ନିଜ ପିଟିଶନରେ ଏଭଳି ୧୭ ମାମଲା ସମ୍ପର୍କରେ ଅବତାରଣା କରିଥିଲେ, ଯେଉଁଠି ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀଙ୍କ ଫାଶୀ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରାଯାଇଥିଲା। ଜଷ୍ଟିସ୍ ଏନ୍.ଭି. ରମନ୍ନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଅରୁଣ ମିଶ୍ର, ଆର୍.ଏଫ୍. ନରିମାନ, ଆର୍. ବାନୁମତୀ ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅକ୍ଷୟଙ୍କ ସୁଧାରାତ୍ମକ ପିଟିଶନର ଶୁଣାଣି ଚ୍ୟାମ୍ବରରେ କରିଥିଲେ। ଖଣ୍ଡପୀଠ କହିଥିଲେ, ମୌଖିକ ଶୁଣାଣି ପାଇଁ ଆବେଦନକୁ ଖାରଜ କରାଯାଉଛି। ସେହିପରି ମୃତ୍ୟୁ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି ପାଇଁ ମଧ୍ୟ ହୋଇଥିବା ପିଟିଶନ ଖାରଜ ହୋଇଛି। ଆମେ ସମସ୍ତ ଦସ୍ତାବିଜକୁ ଅନୁଧ୍ୟାନ କରିଛୁ। ଆମ ମତରେ ଏହାର ଶୁଣାଣି କରିବାର କୌଣସି ଯଥାର୍ଥତା ନାହିଁ। ଫଳରେ ଅକ୍ଷୟଙ୍କ ନିକଟରେ ଏବେ କେବଳ ରାଷ୍ଟ୍ରପତିଙ୍କ ପାଖରେ ରାଜକ୍ଷମା ଆବେଦନର ବିକଳ୍ପ ରହିଛି। ଏହା ପୂର୍ବରୁ ସୁପ୍ରିମକୋର୍ଟ ମୁକେଶ ସିଂ ଓ ବିନୟ ଶର୍ମାଙ୍କ କ୍ୟୁରେଟିଭ୍ ପିଟିଶନକୁ ମଧ୍ୟ ଖାରଜ କରିସାରିଛନ୍ତି। ସେହିପରି ରାଷ୍ଟ୍ରପତି ରାଜକ୍ଷମା ଆବେଦନକୁ ଖାରଜ କରିବା ପରେ ତାକୁ ଚ୍ୟାଲେଞ୍ଜ କରି ମୁକେଶ ସିଂ ଦାଏର କରିଥିବା ପିଟିଶନକୁ ବୁଧବାର ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଫାଶୀଖୁଣ୍ଟରୁ ବର୍ତ୍ତିବା ପାଇଁ ମୁକେଶଙ୍କ ସମସ୍ତ ଆଇନଗତ ବିକଳ୍ପ ଶେଷ ହୋଇଯାଇଛି। ଅନ୍ୟପକ୍ଷରେ ଚତୁର୍ଥ ଦୋଷୀ ପବନ ଗୁପ୍ତା ଅଦ୍ୟାବଧି କ୍ୟୁରେଟିଭ୍ ପିଟିଶନ ଦାଏର କରିନାହାନ୍ତି। ପ୍ରକାଶ ଯେ, ତଳ କୋର୍ଟ ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ସମସ୍ତ ୪ ଦୋଷୀଙ୍କୁ ଫାଶୀ ଦେବା ପାଇଁ ଗତ ୨୨ରେ ଦ୍ୱିତୀୟଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଥିଲେ।

### ଜେଲକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ କୋର୍ଟ

**ନୂଆଦିଲ୍ଲୀ:** ନିର୍ଭୟା ମାମଲାର ୪ ଦୋଷୀଙ୍କୁ ଫେବୃୟାରୀ ୧ରେ ଫାଶୀ ଦିଆଯିବାକୁ ଥିବାବେଳେ ଗୁରୁବାର ତିହାର ଜେଲକୁ ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଅତିରିକ୍ତ ସେସନ୍ସ କୋର୍ଟ ଏ.କେ. ଜୈନ ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟତମ ଦୋଷୀ ବିନୟ ଶର୍ମା ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ ଜାରି ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିନୟଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଏ.ପି. ସିଂ ଆସନ୍ତା ୧ ତାରିଖରେ ଫାଶୀ ନ ଦେବା ପାଇଁ ତିହାର ଜେଲକୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେଣୁ ଷ୍ଟାଟସ୍ ରିପୋର୍ଟ ଦାଖଲ ପରେ ନିର୍ଭୟା ମାମଲାର ଦୋଷୀ ୧ ତାରିଖରେ ଫାଶୀ ପାଇବେ କି ନାହିଁ ତାହା ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

**[ଇତିହାସର ଆଇନାରେ]**

### ଜାନୁୟାରୀ ୩୧ର ପ୍ରମୁଖ ଘଟଣା

**୧**୯୯୬ ଜାନୁୟାରୀ ୩୧ରେ ଏକ ବିସ୍ଫୋରକ ବୋଝେଇ ଟ୍ରକ୍ ଶ୍ରୀଲଙ୍କାର ରାଜଧାନୀ ସହର କଲମ୍ବୋରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଗେଟ୍‌ରେ ଧକ୍କା ଖାଇବାରୁ ଏହା ବିସ୍ଫୋରଣ ହୋଇ ୮୮ ଜଣଙ୍କ ପ୍ରାଣ ନେଇଥିଲା। ପ୍ରାୟ ୧,୪୦୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

**୨**୦୦୯ ଜାନୁୟାରୀ ୩୧ରେ କେନିଆର ମୋଲୋଠାରେ ଥିବା ଏକ ତୈଳଟାଙ୍କିରେ ନିଆଁ ଲାଗିଯିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିସ୍ଫୋରଣ ଯୋଗୁ ପ୍ରାୟ ୧୧୩ ଜଣ ପ୍ରାଣ ହରାଇଥିବାବେଳେ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

# ଆଜି ଇୟୁ ଛାଡ଼ିବ ବ୍ରିଟେନ

**ଲଣ୍ଡନ,୩୦।୧**



ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଶୁକ୍ରବାର ରାତି ୧୧ଟାରେ ଅଲଗା ହୋଇଯିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତିକୁ ଚୂଡ଼ାନ୍ତ ଅନୁମୋଦନ ମିଳିଯାଇଛି। ବ୍ରସେଲ୍ସରେ ଥିବା ୟୁରୋପୀୟ ପାର୍ଲାମେଣ୍ଟର ବ୍ରିଟିଶ ସଦସ୍ୟମାନେ ସେମାନଙ୍କ ଅଫିସ୍ ଛାଡ଼ିବା ଆରମ୍ଭ କରିଛନ୍ତି। ସବୁ ରାଷ୍ଟ୍ର ସହ ବନ୍ଧୁତ୍ୱ ବଜାୟ ରଖିବା ପ୍ରତିଶ୍ରୁତି ସ୍ୱରୂପ ନୂତନ ମୁଦ୍ରା ପ୍ରସାରଣ କରାଯିବ। ବୁଧବାର ୟୁରୋପୀୟ ପାର୍ଲାମେଣ୍ଟରେ ବ୍ରେକ୍‌ଜିଟ ରାଜିନାମା ଉପରେ ଦୀର୍ଘ ସମୟ ଆଲୋଚନା ପରେ ଭୋଟ ନିଆଯାଇଥିଲା। ୬୨୧ ସଦସ୍ୟ ସପକ୍ଷରେ ଓ ୪୯ ଜଣ ବିପକ୍ଷରେ ଭୋଟ ଦେଇଥିଲେ। ଏହି ସମୟରେ ପାର୍ଲାମେଣ୍ଟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। କେତେକ ସଦସ୍ୟଙ୍କ ଆଖିରେ ଲୁହ ଆସିଯାଇଥିଲା। ଆମେ ଆପଣମାନଙ୍କୁ ସବୁବେଳେ ଭଲପାଇବୁ ଓ ଆପଣମାନେ ଆମଠାରୁ ଦୂରେଇଯିବେନାହିଁ ବୋଲି ଇୟୁ କମିଶନ ଅଧ୍ୟକ୍ଷ ଉର୍ସୁଲ ଭନ ଡେର୍ ଲେୟେନ କହିଥିଲେ। ଶୁକ୍ରବାର ବ୍ରିଟେନ ୟୁରୋପୀୟ ସଂଘରୁ ଅଲଗା ହୋଇଗଲେ ମଧ୍ୟ ବର୍ଷ ଶେଷ ପର୍ଯ୍ୟନ୍ତ ଏହା ଇୟୁର ଆର୍ଥିକ ବ୍ୟବସ୍ଥା ମଧ୍ୟରେ ରହିବ। ତେବେ ଆର୍ଥିକ ନୀତି ସମ୍ପର୍କରେ ଏହା କୌଣସି ପ୍ରସ୍ତାବ କିମ୍ବା ପରାମର୍ଶ ଦେଇପାରିବ ନାହିଁ। ୨୮ ସଦସ୍ୟ ବିଶିଷ୍ଟ ୟୁରୋପୀୟ ସଂଘରୁ ଅଲଗା ହୋଇଯିବାରେ ବ୍ରିଟେନ ହେଉଛି ପ୍ରଥମ ରାଷ୍ଟ୍ର।

## ଅସ୍ତ୍ର ଛାଡ଼ିଲେ ୧,୬୧୫ ଉଗ୍ରପନ୍ଥୀ

**ଗୁଆହାଟୀ, ୩୦।୧(ପି.ଟି.)**

ନ୍ୟାଶ୍ନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲାଣ୍ଡ(ଏନ୍‌ଡିଏଫ୍‌ବି) ର ୧,୬୧୫ କ୍ୟାଡର ଗୁରୁବାର ଅସ୍ତ୍ର ପରିତ୍ୟାଗ କରି ସାମାଜିକ ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଓ ରାଜ୍ୟ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଆଗରେ ୩ ଗୋଷ୍ଠୀର ଉଗ୍ରପନ୍ଥୀମାନେ ନିଜକୁ ଆତ୍ମସମର୍ପଣ କରିଛନ୍ତି। ଏନ୍‌ଡିଏଫ୍‌ବି, ଅଲ୍ ବୋଡୋ ଷ୍ଟୁଡେଣ୍ଟ୍ସ ୟୁନିୟନ ସହ କେନ୍ଦ୍ର ଓ ଆସାମ ସରକାର ଶାନ୍ତିଚୁକ୍ତି ସ୍ୱାକ୍ଷର କରିବାର ୩ ଦିନ ପରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏନ୍‌ଡିଏଫ୍‌ବି–ପ୍ରୋଗ୍ରେସିଭ୍‌ର ୮୩୬, ଏନ୍‌ଡିଏଫ୍‌ବି–ରଞ୍ଜନ ଗୋଷ୍ଠୀର ୫୭୯ ଓ ଏନ୍‌ଡିଏଫ୍‌ବି(ଏସ୍)ର ୨୦୦ କ୍ୟାଡର ଶାନ୍ତି ଓ ସାମାଜିକ କାର୍ଯ୍ୟରେ ସହଯୋଗ ଲାଗି ମନ ବଳାଇଛନ୍ତି ଓ ଏହା ଅନ୍ୟମାନଙ୍କୁ ବାଟ କଢ଼ାଇବ ବୋଲି ମୁଖ୍ୟମନ୍ତ୍ରୀ ସୋନୋୱାଲ କହିଛନ୍ତି। ଏହି ଅବସରରେ ଏନ୍‌ଡିଏଫ୍‌ବି କ୍ୟାଡରମାନେ ଏ.କେ. ରାଇଫଲ, ଲାଇଟ୍ ମେସିନ ଗନ୍, ଷ୍ଟେନ୍‌ଗନ୍ ଆଦି ମୋଟ ୪,୮୦୦ ଅସ୍ତ୍ରଶସ୍ତ୍ର ତ୍ୟାଗ କରିଛନ୍ତି। ଆସାମରେ ଶାନ୍ତି ଓ ବିକାଶ ଲାଗି ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୯.୦ |
| ଚାନ୍ଦବାଲି | ୨୯.୨ | ୨୦.୦ |
| କଟକ | -- | -- |
| ପାରାଦ୍ୱୀପ | ୨୭.୬ | ୨୩.୦ |
| ଭୁବନେଶ୍ୱର | ୩୧.୨ | ୨୨.୦ |
| ଗୋପାଳପୁର | ୨୯.୯ | ୨୧.୬ |
| ପୁରୀ | ୩୦.୦ | ୨୨.୮ |
| ଅନୁଗୋଳ | ୨୯.୧ | ୧୫.୬ |
| ବାରିପଦା | ୨୬.୪ | ୨୧.୦ |
| ଝାରସୁଗୁଡ଼ା | ୨୮.୨ | ୧୭.୫ |
| କେନ୍ଦୁଝର | ୨୭.୨ | ୧୭.୦ |
| ସମ୍ବଲପୁର | ୨୯.୧ | ୧୮.୫ |
| ସୁନ୍ଦରଗଡ଼ | ୨୯.୦ | ୧୩.୦ |
| ହୀରାକୁଦ | ୨୮.୬ | ୧୯.୩ |
| ତାଳଚେର | ୩୦.୦ | ୧୪.୫ |
| ଭବାନୀପାଟଣା | ୨୭.୫ | ୧୯.୦ |
| ବଲାଙ୍ଗୀର | ୨୮.୫ | ୧୯.୫ |
| କୋରାପୁଟ | ୨୯.୬ | ୧୫.୪ |
| ଫୁଲବାଣୀ | ୨୬.୨ | ୧୬.୮ |
| ଟିଟିଲାଗଡ଼ | ୩୨.୦ | ୧୫.୫ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୨୭.୨ | ୧୫.୪ |
| ଦାରିଙ୍ଗିବାଡ଼ି | ୨୪.୫ | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

# କରୋନା ଭୟ: ଜାହାଜରେ ଫସିଛନ୍ତି ୭୦୦୦ ଲୋକ

**ସିଭିଟାଭେଛିଆ (ଇଟାଲୀ),୩୦।୧**




କରୋନା ଭୂତାଣୁ ସଂକ୍ରମଣ ଭୟରେ ଇଟାଲୀର ଏକ କ୍ରୁଜ୍ ଜାହାଜରେ ୭୦୦୦ ଲୋକ ସମୁଦ୍ର ମଧ୍ୟରେ ଅଟକି ରହିଛନ୍ତି। ଜାହାଜରେ ଥିବା ଜଣେ ୫୪ ବର୍ଷୀୟା ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କଠାରେ କରୋନା ଭୂତାଣୁ ରହିଥିବା ସନ୍ଦେହ କରାଯାଉଛି। ମାକାଉରୁ ଆସିଥିବା ଉକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ସେମାନଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। କୋଷ୍ଟା ସ୍ମେରାଲ୍ଡା ନାମକ ଏହି ଜାହାଜ ରୋମ୍‌ଠାରୁ ୩୫ ମାଇଲ ଦୂର ସିଭିଟାଭେଛିଆ ବନ୍ଦରରେ ଅଟକି ରହିଛି। ଏହା ପାଲମା ଡି ମାଲୋର୍କାରୁ ଆସିଥିଲା। କରୋନା ସଂକ୍ରମଣ ସନ୍ଦେହ କରାଯାଉଥିବା ଦମ୍ପତି ୨୫ରେ ହଂକଂରୁ ବିମାନ ଯୋଗେ ମିଲାନ ଆସି ସେଠାରୁ ଜାହାଜରେ ଆସୁଥିଲେ। ଡାକ୍ତରଙ୍କୁ ଛାଡ଼ିଲେ ଅନ୍ୟ କାହାକୁ ଉକ୍ତ ଜାହାଜ ମଧ୍ୟରେ ପ୍ରବେଶ କରିବାକୁ କିମ୍ବା ବାହାରିବାକୁ ଅନୁମତି ଦିଆଯାଉନାହିଁ।

**ଆଜି ୟୁହାନରୁ ଭାରତୀୟଙ୍କୁ ଫେରାଇ ଅଣାଯିବ**

କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ କୁହାଯାଉଥିବା ଚାଇନାର ୟୁହାନ ସହରରୁ ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ସେମାନଙ୍କୁ ଦୁଇଟି ବିମାନରେ ଫେରାଇ ଆଣିବା ପାଇଁ ଚାଇନା କର୍ତ୍ତୃପକ୍ଷଙ୍କୁ ଅନୁମତି ମଗାଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କୁ ୟୁହାନ ସହରରୁ ଖାଲି କରାଯିବ ବୋଲି ବେଜିଂସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।

### ଭାରତରେ ପ୍ରଥମ କରୋନା ରୋଗୀ କେରଳରେ ଚିହ୍ନଟ

**ଥିରୁଭାନନ୍ତପୁରମ୍:** ଭାରତର ପ୍ରଥମ କରୋନା ଭୂତାଣୁ ସଂକ୍ରମିତ ରୋଗୀ କେରଳର ଥ୍ରିଶୂର ଜିଲାରେ ଚିହ୍ନଟ କରାଯାଇଛି। ଚାଇନାର ୟୁହାନରୁ ଫେରିଥିବା ଜଣେ ଛାତ୍ରୀଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି ବୋଲି କେରଳ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ସ୍ପଷ୍ଟ କରିଛନ୍ତି। ଉକ୍ତ ଛାତ୍ରୀଙ୍କୁ ହସ୍ପିଟାଲରେ ଅନ୍ୟମାନଙ୍କଠାରୁ ଅଲଗା ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଶୈଳଜା ସୂଚନା ଦେଇଛନ୍ତି। ଚାଇନାରୁ ଫେରିଥିବା ଅନ୍ୟ ୩ ଜଣଙ୍କୁ ମଧ୍ୟ ଥ୍ରିଶୂର ହସ୍ପିଟାଲର ଆଇସୋଲେସନ ୱାର୍ଡରେ ଭର୍ତ୍ତି କରାଯାଇଛି।




# ନିଲାମ ପୂର୍ବରୁ ଅନୁମତି କାର୍ଯ୍ୟ ସାରିବାକୁ ପରାମର୍ଶ

**ଖଣି ଚିନ୍ତା**

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଖଣି ନିଲାମ ପୂର୍ବରୁ ସମସ୍ତ ପ୍ରକାର ଅନୁମତି(କ୍ଲିୟରାନ୍ସ) ଆଗୁଆ ଶେଷ କରିବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଖଣି ନିଲାମ ପାଇଁ ହେଉଥିବା ବିଳମ୍ବକୁ ଏଡାଇଦିଆଯିବା ସହ ବଡ ବଡ କମ୍ପାନୀଗୁଡିକୁ ଆକର୍ଷିତ କରାଯାଇପାରିବ। ଏପରି କି ଏ କ୍ଷେତ୍ରରେ ବିଦେଶୀ ପୁଞ୍ଜିବିନିଯୋଗକୁ ମଧ୍ୟ ପ୍ରୋତ୍ସାହନ ମିଳିପାରିବ। ପାଇଲଟ ପ୍ରକଳ୍ପ ଆଧାରରେ ନିଲାମ ପୂର୍ବରୁ ଖଣି ସମ୍ପର୍କିତ ସମସ୍ତ ଅନୁମତି ଆଗୁଆ ନେବାକୁ ଖଣି ମନ୍ତ୍ରଣାଳୟ ଓଡିଶା ସମେତ ମଧ୍ୟପ୍ରଦେଶ ଏବଂ କର୍ନାଟକ ସରକାରଙ୍କୁ ଅନୁରୋଧ କରିଛି। ଖଣି ମନ୍ତ୍ରଣାଳୟ ସଚିବ ସୁଶିଲ କୁମାର ନୂତନ ଲିଜ୍‌ଧାରୀଙ୍କ ପାଇଁ ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଭିଜନ-୨୦୨୪କୁ ଦୃଷ୍ଟିରେ ରଖି ନିଲାମ ପୂର୍ବରୁ ସମସ୍ତ କ୍ଲିୟରାନ୍ସ କରିବା ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ନିଷ୍ପତ୍ତି ହୋଇଥିଲା। ଏହି କମିଟିର ଘୋଷଣା ଅନୁଯାୟୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଖଣି ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ଲିଜ୍‌ଧାରୀଙ୍କୁ ୨୦ ପ୍ରକାର କ୍ଲିୟରାନ୍ସ ନେବାକୁ ପଡିଥାଏ। ସେଥିରୁ କେନ୍ଦ୍ର ସରକାରଙ୍କ ନିକଟରୁ ୯ ଓ ରାଜ୍ୟ ସରକାରଙ୍କ ନିକଟରୁ ୧୧ଟି ମଞ୍ଜୁରୀ ନେବାକୁ ବ୍ୟବସ୍ଥା ରହିଛି। ଏସବୁ କ୍ଲିୟରାନ୍ସ ନେବାକୁ ୨ରୁ ୩ ବର୍ଷ ସମୟ ଲାଗିଯାଉଛି। ଏଥିଯୋଗୁ ଲିଜଧାରୀ ନିଲାମ ନେବା ପରେ ମଧ୍ୟ ତୁରନ୍ତ ଖଣି କାର୍ଯ୍ୟ ଆରମ୍ଭ କରିପାରୁ ନାହାନ୍ତି। ଖଣି ଯେହେତୁ ରାଜ୍ୟ ମାଲିକାନାରେ ରହିଛି ସେହି ଦୃଷ୍ଟିରୁ ରାଜ୍ୟ ସରକାର ଏସବୁ କ୍ଲିୟରାନ୍ସ ନେବାକୁ ଆଗୁଆ କେନ୍ଦ୍ର ସରକାରଙ୍କୁ ଆବେଦନ କରିବାକୁ କୁହାଯାଇଛି। ପରିବେଶ ଓ ଜଙ୍ଗଲ ଏହି ଦୁଇଟି ଅନୁମତି ଖଣି ଖନନ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ। ପୂର୍ବ ସମନ୍ୱୟ ସମିତି ବୈଠକରେ ମଧ୍ୟ ରାଜ୍ୟ ସରକାର ଏ ନେଇ ରାଜି ହୋଇଛନ୍ତି। ଏହାଦ୍ୱାରା ନିଲାମ ପ୍ରକ୍ରିୟା ଅଧିକ ଆକର୍ଷଣୀୟ ହୋଇପାରିବ। ଏ ଦିଗରେ ବୃହତ୍ ପୁଞ୍ଜିନିବେଶର ମଧ୍ୟ ବାଟ ଖୋଲିଯିବ। ଅନ୍ୟପକ୍ଷରେ ୪୬ଟି ନନ୍ କ୍ୟାପ୍ଟିଭ ଖଣିର ଲିଜ୍ ଅବଧି ୨୦୨୦ ମାର୍ଚ୍ଚ ୩୧ ତାରିଖରେ ଶେଷ ହେଉଛି। ଏମ୍ଏମ୍‌ଡିଆର ଆକ୍ଟ-୨୦୧୫ର ସେକ୍ସନ ୮(ଏ)(୬) ଅନୁଯାୟୀ ସେଗୁଡିକୁ ପୁଣି ଥରେ ନିଲାମ କରାଯିବ। ଇସ୍ପାତ ଉତ୍ପାଦନ ପାଇଁ ଏସବୁ ଖଣି ଆଇରନ ଓର୍, ମାଙ୍ଗାନିଜ, କ୍ରୋମାଇଟ ଭଳି ଖଣିଜ ପଦାର୍ଥ ଯୋଗାଇ ଆସୁଛନ୍ତି। କଞ୍ଚାମାଲ ଯୋଗାଣରେ ଯେପରି ବ୍ୟାଘାତ ନ ହେବ ଏହାକୁ ଦୃଷ୍ଟିରେ ରଖି ଖଣି ନିଲାମ ପ୍ରକ୍ରିୟା କେନ୍ଦ୍ର ସରକାର ଆରମ୍ଭ କରି ସାରିଲେଣି। ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ଅନୁରୋଧ କରିଛନ୍ତି।

# ୩୩ ଫୁଟ ତିମିର ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୩୦।୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନପାଟଣା ଗ୍ରାମ ନିକଟ ସମୁଦ୍ର ମୁହାଣରୁ ଗୁରୁବାର ଅପରାହ୍ଣରେ ଏକ ବିରାଟ ତିମିର ମୃତଦେହ ଉଦ୍ଧାର ହୋଇଛି। ଏହାର ଲମ୍ବ ୩୩ ଫୁଟ ହୋଇଥିବାବେଳେ ଓସାର ୧୫ ଫୁଟ। ଶୁକ୍ରବାର ଏହି ତିମିର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସାତପଡ଼ା ରେଞ୍ଜ ଅଧିକାରୀ ମାନସ ରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ସାନପାଟଣା ନିକଟ ସମୁଦ୍ର ମୁହାଣ ପାଖରେ ଏହି ତିମିର ମୃତଦେହ ପଡ଼ିଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ସାନପାଟଣା ଗ୍ରାମବାସୀଙ୍କ ସମେତ ସାତପଡ଼ା ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ରେଞ୍ଜ ଅଧିକାରୀ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତିମିର ମୃତଦେହ ଜବତ କରିଥିଲେ। ଏହି ତିମି ସମୁଦ୍ରରେ ଦୀର୍ଘ ଦିନରୁ ମରି ଶଢ଼ିଯାଇଛି। ଏହା ଭାସି ଭାସି ଆସି ଏଠାରେ ଲାଗିଥିବା ମହାପାତ୍ର କହିଛନ୍ତି।



# ଆଜିଠାରୁ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୩୦-୧

ଇଣ୍ଡିଆନ୍ ବ୍ୟାଙ୍କ ଆସୋସିଏଶନ (ଆଇବିଏ) ଦେଇଥିବା କର୍ମଚାରୀଙ୍କ ଲାଗି ୧୫% ବେତନ ବୃଦ୍ଧି ପ୍ରସ୍ତାବକୁ ବ୍ୟାଙ୍କ ସଂଘ ଅଗ୍ରାହ୍ୟ କରି ଦେଇଛନ୍ତି। ଫଳରେ ବ୍ୟାଙ୍କ କର୍ମଚାରୀ ୨ ଦିନିଆ ଧର୍ମଘଟରେ ସାମିଲ ହେବେ। ବେତନ ସଂଶୋଧନକୁ ନେଇ ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଚଳିତ ମାସ ୩୧ (ଶୁକ୍ରବାର) ଏବଂ ୧ ଫେବୃୟାରୀ (ଶନିବାର) ୨ ଦିନିଆ ଦେଶ ବ୍ୟାପି ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟରେ ସାମିଲ ହେବେ। ଏଆଇବିଇଏ, ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫ୍‌ଆଇ, ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ଏନ୍‌ଓବିଡବ୍ଲ୍ୟୁ ଏବଂ ଏନ୍‌ଓବିଓ ଭଳି ସଂଘ ଧର୍ମଘଟରେ ଯୋଗଦେବେ। ୧୨ ଦଫା ଦାବି ନେଇ ସଂଘଗୁଡିକ ଧର୍ମଘଟ ଡାକରା ଦେଇଛନ୍ତି।

# ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ

- ପୁରୀରେ ରଥକାଠ ଅନୁକୂଳ, ମୁମ୍ବାଇରେ ଗଡ଼ିଲା ରଥ
- ବିଧି ପରମ୍ପରାକୁ ଇସ୍କନର ବେଖାତିରକୁ ନିନ୍ଦା

ପୁରୀ ଅଫିସ,୩୦।୧

ଚଳିତବର୍ଷ ରଥଯାତ୍ରା ପାଇଁ ପୁରୀରେ ଗୁରୁବାର ରଥକାଠ ଅନୁକୂଳ ହୋଇଛି। ଠିକ୍ ଏହିଦିନ ଇସ୍କନ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ହୋଇଛି ରଥଯାତ୍ରା। ଏହି ଅଦିନିଆ ରଥଯାତ୍ରାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମସ୍ତେ ଇସ୍କନକୁ କଡ଼ା ବିରୋଧ କରିଛନ୍ତି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ। ତୁରନ୍ତ ଓଡ଼ିଶା ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

ଗୁରୁବାର ମୁମ୍ବାଇରେ ଗଡ଼ିଛି ମହାପ୍ରଭୁଙ୍କ ରଥ। ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ବଦଳରେ ଶ୍ରୀପଞ୍ଚମୀରେ ଅନୁଷ୍ଠିତ ହୋଇଛି ଏହି ରଥଯାତ୍ରା। ଦାଦର ଅଞ୍ଚଳରେ ତିନିଠାକୁରଙ୍କୁ ଗୋଟିଏ ରଥରେ ବସାଇ ପୁରୀ ରଥଯାତ୍ରା ଭଳି ଇସ୍କନ ଅନୁଗାମୀମାନେ ରଥ ଟାଣିଛନ୍ତି। ଶିବାଜୀ ପାର୍କରୁ ରଥଟଣା ଆରମ୍ଭ ହୋଇ ଶିବସେନା ଭବନ, ପ୍ଲାଜା ମାରୁତି ମନ୍ଦିର, ପର୍ତ୍ତୁଗୀଜ୍ ଚର୍ଚ୍ଚ, ଗୋଖଲେ ରୋଡ ଆଦି ଅଞ୍ଚଳ ବୁଲିବା ପରେ ପୁଣି ଶିବାଜୀ ପାର୍କରେ ପହଞ୍ଚିଥିଲା। ସେଠାରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାଦ୍ୱାରା ବିଧି ପରମ୍ପରାକୁ ଇସ୍କନ ବେଖାତିର କରିଛି ବୋଲି ସବୁବର୍ଗର ଲୋକେ କହିବା ସହ ନିନ୍ଦା କରିଛନ୍ତି। ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକ, ମଠ ମହନ୍ତ, ଜଗନ୍ନାଥପ୍ରେମୀ ସମସ୍ତେ ଏଭଳି ପଦକ୍ଷେପକୁ କଡ଼ା ସମାଲୋଚନା କରିଛନ୍ତି।

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଅଦିନରେ ରଥଯାତ୍ରା ନ କରିବା ଲାଗି ଗଜପତି ମହାରାଜା ବାରମ୍ବାର କହିଛନ୍ତି। ଏହା ସତ୍ତ୍ୱେ ଇସ୍କନ ପକ୍ଷରୁ ମନଇଚ୍ଛା ରଥଯାତ୍ରା କରାଯାଉଛି। ସେମାନେ ରଥଯାତ୍ରାକୁ ବ୍ୟବସାୟ ବୋଲି ଭାବୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ଆଇନ ଆଣି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି ରାମଚନ୍ଦ୍ର ଦାବି କରିଛନ୍ତି। ସେହିପରି ଅଦିନିଆ ରଥଯାତ୍ରା ସମ୍ପର୍କରେ ଭୁବନେଶ୍ୱର ଇସ୍କନର ଲୋକସମ୍ପର୍କ ଅଧିକାରୀ ରାଧାକାନ୍ତ ଦାସଙ୍କୁ ପଚାରିବାରେ ସେ କହିଥିଲେ, ଆମେ ଚାହୁଁଛୁ ରଥଯାତ୍ରା ଗୋଟିଏ ସମୟରେ ସବୁଆଡେ ହେଉ। ହେଲେ ସେମାନେ ତାଙ୍କ ମନଇଚ୍ଛା କରୁଛନ୍ତି। ଇସ୍କନର ପ୍ରତ୍ୟେକ ମନ୍ଦିର ସ୍ୱୟଂଚାଳିତ। ତେଣୁ ଆମେ କହିଲେ ସେମାନେ ଶୁଣୁନାହାନ୍ତି।



**କିଛି ତଥ୍ୟ**

ଦର ଉଚ୍ଚ ରହିବା ଯୋଗୁ ୨୦୧୯ରେ ଭାରତର ସୁନା ଚାହିଦା ୯% ହ୍ରାସ ଘଟି ୬୯୦.୪ ଟନ୍ ରହିଛି।

– ୱାର୍ଲ୍ଡ ଗୋଲ୍ଡ କାଉନସିଲ୍

**ଆଜିର ମନ୍ତବ୍ୟ**

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାନ ନୀତି ଆଦର୍ଶରେ ବିଶ୍ୱାସ କରନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ରିଶି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖ ଛଇଳୀ ଗେଲ**
**ଆଗେ ହେଉଥିଲା କୁଟା ଆଲୁଅ**
**ଏବେ ମାଠିଆ ମାଠିଆ ତେଲ ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇଥାଏ। ଧନ ବଳରେ ସେ ନିଜ ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ଅଣଦେଖା କରିବାକୁ ଲାଗିଥାଏ। ଧନ ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇଦିଏ। ଏପରିସ୍ଥଳେ ନିଜ ପ୍ରାଚୁର୍ଯ୍ୟକୁ ନେଇ ଛଇଛଟକୀ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେ ଦେଉଣୀକି କୋଳଥମଣ୍ଡା**
**ତହିଁ ମାରିଥିବ ଗୋବ**
**ଯେ ଯେମିତି ମାଗି ଅଇଲେ**
**ଗୋବ ଚିହ୍ନି କରି ଦେବ ।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ବାଛବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରସିଦ୍ ସ୍କୁଲ, ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ୨୦୦୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ରସିଦ୍ ଖାନ ସ୍କୁଲ ଓ ଗଣଶିକ୍ଷା ବିଭାଗର ନୂଆ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ରସିଦ୍ ବର୍ତ୍ତମାନ ବିଜ୍ଞାନ ଏବଂ ବୈଷୟିକ ବିଦ୍ୟା ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଲିଙ୍ଗରାଜ ପଣ୍ଡା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ଲିଙ୍ଗରାଜ ସମ୍ବଲପୁର ଜିଲା ଏଡିଏମ୍ ଭାବେ କାର୍ଯ୍ୟ କରିସାରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ୬ ମାସର ଗର୍ଭବତୀ

### ଲୋକଲଜ୍ଜା ଭୟରେ ଆତ୍ମହତ୍ୟା ଉଦ୍ୟମ

**ଉମରକୋଟ,୩୦।୧(ଡି.ଏନ.ଏ.)** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇ ଗର୍ଭବତୀ ହେବା ପରେ ଲୋକଲଜ୍ଜା ଭୟରେ ବିଷ ଖାଇ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ପରିବାର ଲୋକେ ନାବାଳିକାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ତାଙ୍କ ପଡୋଶୀ ଘରର ବିବାହିତ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ସେ ଗର୍ଭବତୀ ହୋଇଥିବା ନିଜେ ଜାଣି ପାରି ନ ଥିଲେ। ତେବେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ପରିବାର ଲୋକେ ସନ୍ଦେହ କରି ଏକ ଘରୋଇ କ୍ଲିନିକକୁ ଆଣି ପରୀକ୍ଷା କରିଥିଲେ। ନାବାଳିକା ଜଣକ ୬ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ନାବାଳିକା ଜଣକ ଘରକୁ ଫେରିବା ପରେ ଲୋକ ଲଜ୍ଜା ଭୟରେ ଗୁରୁବାର କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ଘର ଲୋକେ ଏହା ଜାଣି ପାରି ନାବାଳିକାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ଏକତା କଂଗ୍ରେସର ପୁଞ୍ଜି: ନିରଞ୍ଜନ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ମହାତ୍ମା ଗାନ୍ଧୀଙ୍କ ୭୨ତମ ମହାପ୍ରୟାଣ ଦିବସ ଭୁବନେଶ୍ୱରର ଦଳୀୟ କାର୍ଯ୍ୟାଳୟଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଚନ୍ଦ୍ରଶେଖରପୁର ନାଲ୍‌କୋ ଛକସ୍ଥିତ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପିସିସି କାର୍ଯ୍ୟାଳୟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସରକାର ଲାଗୁ କରିବାକୁ ଥିବା ନାଗରିକ ସଂଶୋଧନ ଆଇନ(ସିଏଏ)ର ପରିଣାମ ସମ୍ପର୍କରେ ଅବଗତ କରିବା ପାଇଁ ଆୟୋଜିତ ଏକତା ସମ୍ମିଳନୀରେ ଅଧକ୍ଷତା କରି ପିସିସି ସଭାପତି କହିଛନ୍ତି ଯେ, ଏକତା କଂଗ୍ରେସର ପୁଞ୍ଜି। ଦେଶର ଅଖଣ୍ଡତା, ଭାଇଚାରା, ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଛି ସେତେବେଳେ କଂଗ୍ରେସ ଏକଜୁଟ ହୋଇ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଛି। ଭାଜପାର ଏହି ଷଡ଼ଯନ୍ତ୍ର ବିରୋଧରେ ସମସ୍ତ କଂଗ୍ରେସ କର୍ମୀ ଆଗେଇ ଆସିବାକୁ ସେ ଆହ୍ୱାନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସବୁ ପ୍ରସଙ୍ଗରେ...

ତୁରନ୍ତ ମୁକ୍ତ କରିଦେବାକୁ ସେମାନେ ଦାବି କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ତୁରନ୍ତ ମୁକ୍ତ କରାଗଲେ ସେ ଶୁକ୍ରବାରଠାରୁ ପାର୍ଲାମେଣ୍ଟ ଅଧିବେଶନରେ ସାମିଲ ହୋଇପାରିବେ ବୋଲି କଂଗ୍ରେସ ନେତା ଗୁଲାମ ନବୀ ଆଜାଦ କହିଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ବେଳେ କେତେଜଣ ଭାଜପା ନେତା ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଥିବା ନେଇ କଂଗ୍ରେସ ନେତା ଆନନ୍ଦ ଶର୍ମା ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ। ନାଗରିକ ବିଶେଷ କରି ସଂଖ୍ୟାଲଘୁଙ୍କୁ ଆଘାତ ଦେଉଥିବା ଆଇନ ସରକାର ଗୃହୀତ କରାଇବା ଉଚିତ ନୁହେଁ ବୋଲି ଅକାଳୀ ଦଳ ନେତା ସର୍ଦ୍ଦାର ବଲୱିନ୍ଦର ସିଂ ଭୁନ୍ଦର କହିଥିଲେ। ଅଧିକାଂଶ ନେତା ଆର୍ଥିକ ସ୍ଥିତି ସମ୍ପର୍କରେ ଗୃହରେ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ବିରୋଧୀ ଦଳ ନେତାମାନଙ୍କ ବିଭିନ୍ନ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ବଜେଟ ଅଧିବେଶନ ଏବଂ ନୂଆବର୍ଷ ଆରମ୍ଭରେ ଦେଶର ଅର୍ଥନୀତିକୁ ଆମେ ଯଦି ଉପଯୁକ୍ତ ଦିଶାନିର୍ଦ୍ଦେଶ ଦେଇପାରିବା ତାହା ଦେଶର ସ୍ୱାର୍ଥ ପାଇଁ ବହୁତ ଭଲ ହେବ ବୋଲି ସେ କହିଥିଲେ। ଏହା ବ୍ୟତୀତ ଅନ୍ୟ ସବୁ ପ୍ରସଙ୍ଗରେ ଖୋଲା ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୋଦି କହିଥିଲେ। ବଜେଟ ଉପସ୍ଥାପନ ପରେ ଶନିବାର ବିରୋଧୀ ଦଳଗୁଡ଼ିକର ବୈଠକ ବସି ଅଧିବେଶନରେ ମିଳିତ ରଣନୀତି ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି।

### ଧନ୍ଦାମୂଳକ...

ବିକାଶମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି ଦୁଇଟି ବୃହତ୍ ପର୍ଯ୍ୟଟନସ୍ଥଳକୁ ବହୁସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଏହି ଦୁଇ ସ୍ଥାନର ଭିକାରିମାନଙ୍କୁ ଖୁବ୍‌ଶୀଘ୍ର ଥଇଥାନ କରାଯିବ। ରାଜ୍ୟର ବିଭିନ୍ନ ଦେବାଳୟ, ଟ୍ରାଫିକ, ରେଳଷ୍ଟେଶନ ଆଦି ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଲୋକମାନଙ୍କୁ ପର୍ଯ୍ୟାୟ କ୍ରମେ ଥଇଥାନ କରାଯିବ। ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ୮ ବର୍ଷର...

ଲାଗିଥିଲା। ଏହି ସମୟରେ ୮ ବର୍ଷର ଝିଅ ତାଙ୍କ ନିକଟକୁ ଯାଇଥିଲେ। ମାତ୍ର ନିଶାସକ୍ତ ଅବସ୍ଥାରେ ରମେଶ ଝିଅକୁ ଏକ ବାଡିରେ ନିର୍ଦ୍ଦୟ ଭାବେ ପିଟିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷେ ସ୍ଥାନୀୟ ଲୋକେ ରମେଶଙ୍କୁ କାବୁ କରି ତାଙ୍କ ହାତ ଗୋଡ ବାନ୍ଧି ଗ୍ରାମ ରାସ୍ତାରେ ପକାଇ ଦେଇଥିଲେ। ଦୀର୍ଘ ସମୟ ଧରି ସେ ପଡ଼ି ରହିବା ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯/୨୦୨୦) ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କୌଣସି ଅତୀତ ଘଟଣା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରିବା କାରଣରୁ କୌଣସି କାମ ପ୍ରତି ଉତ୍ସାହ ରହି ନ ପାରେ। ପ୍ରିୟଜନମାନଙ୍କ ସହ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ଲାଭକରି ଖୁସି ରହିପାରନ୍ତି। ଆପଣଙ୍କ ସୁଖ ସମୃଦ୍ଧିରେ ଈର୍ଷାପରାୟଣ ବ୍ୟକ୍ତିମାନେ ସମସ୍ୟା ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରିପାରନ୍ତି।

**ବୃଷ**
ବହୁ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାମାତ୍ର ମାନସିକ ସ୍ତରରେ ସନ୍ତୁଷ୍ଟ ହୋଇପାରିବେ ନାହିଁ। ଜଣାଶୁଣା ବ୍ୟକ୍ତିଙ୍କ ସହାୟତାରେ ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଯେତେ ରୋଜଗାର କଲେ ମଧ୍ୟ ହାତ ସବୁବେଳେ ଖାଲି ରହିବା ଫଳରେ ମାନସିକ ସ୍ଥିରତା ରହିବ ନାହିଁ।

**ମିଥୁନ**
ଆଜିର କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଏଣୁ ଯାହା କିଛି କହିବେ ଭାବିଚିନ୍ତି କହିବା ଓ କରିବା ଭଲ ହେବ। ପ୍ରତ୍ୟେକ କ୍ଷେତ୍ରରେ ବଡ଼ଭାଇପଣିଆ ଦେଖାଇଲେ ଭଲହେବା ବଦଳରେ ମନ୍ଦଫଳ ଭୋଗିବାକୁ ପଡ଼ିପାରେ। ପାରିବାରିକ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**
କାର୍ଯ୍ୟବ୍ୟସ୍ତତା କାରଣରୁ ଆପଣ ଖାଇବା ପିଇବାରେ ଅବହେଳା କରି ନିଜର ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ, ମାତ୍ର ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଜିଦ୍‌ରେ ଅଟଳ ରହି କାର୍ଯ୍ୟ ସାଧନ କରିପାରନ୍ତି। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ।

**ସିଂହ**
ଆଜି ସକାଳୁ ସକାଳୁ ହଠାତ୍ ବନ୍ଧୁଙ୍କ ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହେବେ। ପରିବାରରେ କୌଣସି ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ତରରେ ବିଚଳିତ ରହିପାରନ୍ତି। ସଭାସମିତିରେ ଆଲୋଚନା କାର୍ଯ୍ୟକ୍ରମ ମଧ୍ୟରେ ପରିହାସଯୁକ୍ତ କଥା ସମସ୍ୟା ସୃଷ୍ଟିର କାରଣ ହେବ।

**କନ୍ୟା**
ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ସମସ୍ୟାର ସରଳ ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟକୁ ଯଥା ସମୟରେ ସମ୍ପନ୍ନ କରିପାରିବେ। ପୂର୍ବାଲୋଚନା ଅନୁଯାୟୀ ବନ୍ଧୁ କଥା ରଖି ଯଥା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଆସିବେ ଏବଂ ଆପଣଙ୍କ କାମ ସୁବିଧାରେ ହୋଇଯିବ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ଆଜି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ କୌଣସି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଆଖି ନ ଦେଖା କଥାକୁ ବିଶ୍ୱାସ କରି ପଦକ୍ଷେପ ନେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ହଠାତ୍ ଜଣେ ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବ, ଫଳରେ ସବୁ କାମ ଛାଡ଼ି ଦୂରକୁ ଯିବାକୁ ପଡ଼ିପାରେ।

**ବିଛା**
ନିଜର ଅବହେଳା କାରଣରୁ କିମ୍ବା ଅସାବଧାନତା ଜନିତ ଦ୍ରବ୍ୟନଷ୍ଟ କିମ୍ବା ଧନ ହାନି ଘଟିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ସମାରୋହ, ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅଣହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରତ୍ୟେକ କାମକୁ ସହଜରେ ସମାପନ କରିପାରିବେ। ବନ୍ଧୁଙ୍କ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ଣରେ ପାଇବାର ସମ୍ଭାବନା ରହିଛି। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ନିଜ ଲୋକମାନଙ୍କ ବିଶ୍ୱାସଘାତକତା ଜନିତ କାର୍ଯ୍ୟହାନି ଘଟିପାରେ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ପଦକ୍ଷେପ ଗ୍ରହଣ କରିବା କାରଣରୁ ପରିବାରରେ ସୁଖ ଶାନ୍ତି ଫେରିଆସିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି କୌଣସି ବିବାଦୀୟ ଘଟଣାରେ ଚିହ୍ନା ପଡ଼ିବା ଠିକ୍ ହେବନାହିଁ।

**ମୀନ**
ଆକସ୍ମିକ ବହୁତ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆଜି ହଠାତ୍ ଆବଶ୍ୟତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। ଆଜିର କର୍ମକ୍ଷେତ୍ରରେ କ୍ଲାନ୍ତି ଅନୁଭବ କରିବେ। କୌଣସି କାମ ହାସଲ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବାର ଆଶା ରହିଛି। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସୂଚନା ରହିଛି।

ଆଜି ଜାନୁୟାରୀ ୩୧ ତାରିଖ, ମାଘ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହ ପ୍ରବେଶ, ଦେବତା ପ୍ରତିଷ୍ଠା, ଦୀକ୍ଷା ଗ୍ରହଣ, ବାଣିଜ୍ୟକରଣ ପାଇଁ ଶୁଭ। ଦିବା ଘ୮।୩୮ମି. ଗତେ ଘ୧୦।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୬ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର କଟଣାଗେଟ୍‌ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68561

ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି plot/ AMRI Hospital 30' ରାସ୍ତାକୁ ଲାଗି କିଣନ୍ତୁ। 9348767829. D-68482

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar. D-16228

ନୂଆଗାଁ Petrolpumpରୁ 3km.ରେ ଘରବାରି ପ୍ଲଟ୍ ମିଳୁଛି। 8249776268, 8327774136. D-68563

ପୁରୀ ନିକଟସ୍ଥ Gharabari, patta, boundarywall, electricity ସୁବିଧାଥାଇ sqft.920/- ମିଳୁଅଛି। 7008067338. D-68478

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

ଭୁବନେଶ୍ୱର କଟଣାଗେଟ୍‌ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912. D-68476

30'road boundary, gharabari fully developed plot Gudiapokhari (KEC) 9937166932. D-68562

ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999. D-68477

ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possesion/ registration- 9937819395. D-68481

Bhubaneswar-Khurda Tata Motor Frontରେ BDA plot 30' road, electric poll ସହିତ ମିଳୁଅଛି। (M)- 7735888421, 9439101373. D-16428

ଭୁବନେଶ୍ୱର ହଂସପାଳଛକରୁ 1.2km. ଦୂରତାରେ ଘରବାରି yellowzone plot 1750sqftକୁ 30,00,000/- ମୌଜା- ହରିଦାସପୁର 9937025111. D-68484

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-16351

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Full body massage with expert therapy gents & ladies 9090377418. D-59944

Refresh your body with smart and expert therapist. Contact: 8457855286. D-68978

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Refresh your mind and soul with best therapy at Orchid Salon/Spa. 9937287222. D-68767

Sai herbal spa refresh your body with smart, expert therapist. 7608062524. D-68971

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Ayurvedic full body massage ladies and gents. Contact: 9861064981. D-68769

Ayurvedic full body massage, smart trained lady therapist- 9437453813. D-68055

**LOST**

Original Regd. Sale deed No. 10431401673 Dtd. 09.06.2014, relating to my property at Mouza- Bainchua, Tahasil- Tangi-Choudwar, SRO: Jagatpur, P.S- Tangi, District- Cuttack, bearing Hal Khata No. 974/65, Plot No. 297, Area Ac.3.120 Dcml. is Missing/Lost. FIR lodged in the Mangalabag Police Station, Cuttack vide SD Entry No. H50 Dtd. 29.01.2020. Any person/s dealing with property with the missing original title deed shall be at his/her/their own risk and responsibility. I intend to mortgage with Indian Bank for availing loan. Any person having claim to the said property may file objection to the Indian Bank, Saheed Nagar Branch, B-2 (East), Saheed Nagar, Bhubaneswar-751007 (Phone- 9438200105) within 7 days,
Sd/-, Vandana Gilra.
D-16458

**ନିରୁଦ୍ଦିଷ୍ଟ**



ନାମ: ସୋମ୍ୟରଞ୍ଜନ ମନ୍ତ୍ରୀ, ବୟସ-୧୫, GGP High School Bhubaneswar, ରେ ନବମ ଶ୍ରେଣୀରେ ପଢୁଛି, ଆଜି ରାଗିକି ସକାଳ ୧୧ଟା ବେଳୁ କୁଆଡ଼େ ଚାଲିଯାଇଛି। ଯଦି କୌଣସି ବ୍ୟକ୍ତି କିଛି ଖୋଜ ଖବର ପାଆନ୍ତି ତେବେ 8018278825, ଯୋଗାଯୋଗ କରିବାକୁ ବିନମ୍ର ଅନୁରୋଧ। ନଚେତ୍ ଭୁବନେଶ୍ୱର ୟୁଥ ଭଏସ୍ କାର୍ଯ୍ୟାଳୟରେ ଜଣେଇପାରିବେ। ଧ-୧୬୪୭୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘କାଗଜ ଦେଖାଇବୁ ନାହିଁ, ଜବାବ ଦେବୁ ନାହିଁ’

## ରାଜଧାନୀରେ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍ ବିରୋଧରେ ବିଶାଳ ସମାବେଶ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

‘ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପାଇଁ କାଗଜ ଦେଖାଇବୁ ନାହିଁ ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ପାଇଁ ଜବାବ ଦେବୁ ନାହିଁ।’ ଏଭଳି ଶପଥ ନେଇଛନ୍ତି ହଜାର ହଜାର ସଂଖ୍ୟାରେ ଜନସାଧାରଣ। ଏଥିପାଇଁ ଗୁରୁବାର ଭୁବନେଶ୍ୱରର ଲୋୟର ପିଏମ୍‌ଜି ପାଲଟିଥିଲା ଜନସମୁଦ୍ର। କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଏବଂ ଏନ୍‌ପିଆର୍ ଓ ଏନ୍‌ଆର୍‌ସି ଯୋଜନାକୁ ବିରୋଧ କରୁଥିବା ବହୁସଂଖ୍ୟକ ଲୋକ, ବିଭିନ୍ନ ଦଳ ଓ ସଂଗଠନର କର୍ମକର୍ତ୍ତା, କର୍ମୀ ଲୋୟର ପିଏମ୍‌ଜିରେ ଏକଜୁଟ୍ ହୋଇଥିଲେ।

ଗୁରୁବାର ପୁରୀରେ ସିଏଏ ସପକ୍ଷରେ ଭାଜପା ରାଲି କରିଥିବାବେଳେ ରାଜଧାନୀଠାରେ ଏହା ବିରୋଧରେ ବିରୋଧୀମାନେ ପ୍ରବଳ ବର୍ଷିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୭୨ତମ ତିରୋଧାନ ଦିବସ ଅବସରରେ ଗୁରୁବାର ରାଜଧାନୀରେ ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଏକ ବିଶାଳ ଶୋଭାଯାତ୍ରା ଓ ଜନସମାବେଶ ଆୟୋଜିତ ହୋଇଥିଲା। ପ୍ରଦର୍ଶନୀ ପଡ଼ିଆ ନିକଟରୁ ସ୍ଲୋଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବିରାଟ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ଦେଇ ଲୋୟର ପିଏମ୍‌ଜିସ୍ଥିତ ସମାବେଶସ୍ଥଳରେ ପହଞ୍ଚିଥିଲା। ସିଏଏ ଲାଗୁ କରାଯିବା ନେଇ ବିରୋଧୀ କେନ୍ଦ୍ର ସରକାର ଓ ଏହାକୁ ସମର୍ଥନ କରିଥିବା ବିଜେଡି ଉପରେ ବର୍ଷିଥିଲେ।

‘ଆମେ ଭାରତବାସୀ’ ବ୍ୟାନରରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନ ପକ୍ଷରୁ ଏହି ସମାବେଶ ଆୟୋଜିତ ହୋଇଥିଲା। ଆଠଜଣିଆ ସଭାପତି ମଣ୍ଡଳୀଙ୍କ ନେତୃତ୍ୱରେ ୧୭ ଜଣିଆ ଟିମ୍ ଏହାକୁ ପରିଚାଳନା କରିଥିବା ବେଳେ କଂଗ୍ରେସ, ଆମ ଆଦ୍‌ମୀ ପାର୍ଟି, ସିପିଏମ୍, ସିପିଆଇ, ସିପିଆଇ(ଏମ୍‌ଏଲ), ସିପିଆଇ(ଏମ୍-ଏଲ, ରେଡ୍ ଷ୍ଟାର), ସିପିଆଇ(ଲିବେରାଲ), ସମାଜବାଦୀ ପାର୍ଟି ଆଦି ରାଜନୈତିକ ଦଳ ପକ୍ଷରୁ ସମର୍ଥନ କରାଯାଇଥିଲା। ପ୍ରଥମେ ସମ୍ବିଧାନର ମୁଖବନ୍ଧ ପଢି ଶପଥ ଗ୍ରହଣ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜାତି-ଧର୍ମ ନିର୍ବିଶେଷରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ସ୍ୱରକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ର, ଯୁବକ, ମହିଳା, ଶ୍ରମଜୀବୀ, ମାନବାଧିକାର ସଙ୍ଗଠନର କର୍ମକର୍ତ୍ତା, ରାଜନୈତିକ ଦଳର ନେତା, ଶିକ୍ଷାବିତ୍, ବୁଦ୍ଧିଜୀବୀ, କଳାକାର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତାମାନେ ସିଏଏକୁ ଏକ କଳା ଆଇନ ବୋଲି ଅଭିହିତ କରିଥିଲେ। ଦେଶକୁ ଜାତି, ଧର୍ମ ନାଁରେ ଖଣ୍ଡ ବିଖଣ୍ଡିତ କରି ଏକ ଫାସିଷ୍ଟ ଶାସନ ପ୍ରତିଷ୍ଠା



ଲୋୟର ପିଏମ୍‌ଜିଠାରେ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍ ବିରୋଧରେ ଶପଥ ନେଉଛନ୍ତି ଜନସାଧାରଣ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

ପାଇଁ ସଂଘ ପରିବାରର ଏଭଳି ଯୋଜନାବଦ୍ଧ ଷଡ଼ଯନ୍ତ୍ରକୁ ତୀବ୍ର ନିନ୍ଦା କରାଯାଇଥିଲା। ସେହିପରି ଏନ୍‌ଆର୍‌ସି ନାଁରେ ସରକାର ଦେଶର ସାଧାରଣ, ମଧ୍ୟବିତ୍ତ ଓ ଗରିବ ଜନସାଧାରଣଙ୍କ ସହିତ ଏକ ବିପଦପୂର୍ଣ୍ଣ ଖେଳ ଖେଳୁଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଏଥିସହିତ ଏନ୍‌ପିଆର୍‌କୁ ମଧ୍ୟ ବିରୋଧ କରାଯାଇ କଡ଼ା ସମାଲୋଚନା କରାଯାଇଛି। ଭାଜପା ନିଜର ଭୋଟ ବ୍ୟାଙ୍କ ସୁଦୃଢ଼ କରିବା, କର୍ପୋରେଟ ସଂସ୍ଥାଗୁଡିକର କଳାଧନକୁ ସୁରକ୍ଷା ଦେବା ପାଇଁ ନୋଟବନ୍ଦୀ ଓ ଜିଏସ୍‌ଟି ଭଳି ପଦକ୍ଷେପ ଏବଂ ଦେଶର ଆର୍ଥିକ ମାନ୍ଦାବସ୍ଥା, ଆକାଶଛୁଆଁ ଦରଦାମ ବୃଦ୍ଧି, ବେକାରି, କୃଷକ ଆତ୍ମହତ୍ୟାକୁ ଘୋଡ଼ାଇବା ଲାଗି ଏହା ଏକ ଫାସିବାଦୀ ଚକ୍ରାନ୍ତ ବୋଲି ମତପ୍ରକାଶ ପାଇଛି। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ବକ୍ତାମାନେ କହିଥିଲେ। ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଆଶା ହଂସ, ଭଜମନ ବେହେରା, ପ୍ରଫୁଲ୍ଲ ସାମନ୍ତରା, ଶେଖ୍ ଅବଦୁଲ ବାରି, ପ୍ରମିଳା ସ୍ୱାଇଁ, ସୁଧୀର ପଟ୍ଟନାୟକ ଏବଂ ରବି ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଏହି ସମାବେଶରେ ସାମିଲ ହୋଇଛନ୍ତି। ଏହି ଅବସରରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି ଯେ, ଆଜିର ସମାବେଶକୁ ବିପୁଳ ସମର୍ଥନ ପ୍ରମାଣ କରୁଛି ଯେ, ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ବିରୋଧରେ ଲୋକମାନେ କେତେମାତ୍ରାରେ ବିରକ୍ତ ଅଛନ୍ତି।

# କୁଷ୍ଠରୋଗ ସମ୍ପର୍କରେ ବ୍ୟାପକ ସଚେତନତା ହେଉ

■ ରାଜ୍ୟସ୍ତରୀୟ କୁଷ୍ଠ ନିବାରଣ ଦିବସ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

କୁଷ୍ଠରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ହେବାର ଆବଶ୍ୟକତା ରହିଛି। ଏନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତି ତଥା ସାମାଜିକ ବାଛବିଚାରମୂଳକ ମନୋଭାବରେ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଜରୁରୀ ହୋଇପଡ଼ିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। କୁଷ୍ଠ ନିବାରଣ ଦିବସ ଉପଲକ୍ଷେ ଗୁରୁବାର ରାଜଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଅଧ୍ୟକ୍ଷ ଭାବେ ରାଜ୍ୟପାଳ କହିଥିଲେ, ଅନ୍ୟ ପାଇଁ ବଞ୍ଚିବା ଓ ଅନ୍ୟ ଭିତରେ ନିଜକୁ ଦେଖିବା ହିଁ ଭାରତୀୟ ତତ୍ତ୍ୱ ଓ ଦର୍ଶନର ସାରବତ୍ତା। ଏଥିରେ ହିଁ ଜୀବନର ସାର୍ଥକତା ରହିଛି। କୁଷ୍ଠରୋଗର ନିରାକରଣ ନିମନ୍ତେ ଯେଉଁ ସଂସ୍ଥା ଓ ବ୍ୟକ୍ତିବିଶେଷମାନେ କାର୍ଯ୍ୟ କରୁଛନ୍ତି, ସେମାନେ ଏକ ଆଧ୍ୟାତ୍ମିକ ସେବା କରୁଛନ୍ତି। କୁଷ୍ଠରୋଗୀଙ୍କ ସେବା ହିଁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଏହାକୁ ଆହୁରି ତ୍ୱରାନ୍ୱିତ କରାଯାଉଥିବା ପ୍ରକାଶ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା ଓଡ଼ିଶାରେ କୁଷ୍ଠରୋଗର ସ୍ଥିତି ଓ ଏହାର ନିରାକରଣ ନିମନ୍ତେ ଗ୍ରହଣ କରାଯାଇଥିବା ନୂତନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଓଡ଼ିଶା ଶାଖା ସଚିବ ଡା. ଏସ୍.ପି. ସାହୁ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କୁଷ୍ଠ ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀ ତଥା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ତପ୍ତପାଣି ଘାଟିରେ ଦୁର୍ଘଟଣା ଟାଳିବାକୁ ପୂଜାର୍ଚ୍ଚନା


ଦୁର୍ଘଟଣାଗ୍ରସ୍ତ ବସ୍‌କୁ କ୍ରେନ ଦ୍ୱାରା ଉଠାଯାଉଛି।

■ ୩ କ୍ରେନ ଦ୍ୱାରା ଉଠାଗଲା ଦୁର୍ଘଟଣାଗ୍ରସ୍ତ ବସ୍
■ ୧୮ ଏବେ ବି ବ୍ରହ୍ମପୁର ବଡ଼ ମେଡିକାଲରେ

ଦିଗପହଣ୍ଡି,(ଡି.ଏନ.ଏ.)/ ପାଟପୁର,୩୦।୧

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିର ପାଲୁଖଲା ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ‘ମାରୁତି’ ନାମକ ଘରୋଇ ବସ୍ ଓଲଟି ପଡିଥିଲା। ଏଥିରେ ୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବୁଧବାର ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୧୮ ଜଣ ଏବେ ବି ବଡ଼ ମେଡିକାଲରେ ଥିବାବେଳେ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ତପ୍ତପାଣି ଘାଟି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ଟାଳିବା ପାଇଁ ସ୍ଥାନୀୟ ଲୋକେ ଠାକୁରଙ୍କ ଶରଣାପନ୍ନ ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଟି. ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଜାନୀ, ରେଡିକା ଜାନିଙ୍କ ନେତୃତ୍ୱରେ ତପ୍ତପାଣିର ଆରାଧ୍ୟା ଦେବୀ ମା’ କନ୍ଧୁଣୀ ଦେବୀ ଏବଂ ନୀଳକଣ୍ଠେଶ୍ୱର ଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେପଟେ ଘାଟିତଳକୁ ଖସିପଡି ଥିବା ବସ୍‌କୁ ୩ଟି କ୍ରେନ ମାଧ୍ୟମରେ ଉପରକୁ ଉଠାଯାଇଛି। ଜଣେ ଆହତଙ୍କ ସମ୍ପର୍କୀୟ ବ୍ରହ୍ମପୁର ଗୌତମନଗର ୯ମ ଲେନର ଅବନୀକାନ୍ତ ମିଶ୍ରଙ୍କ ଏତଲାକ୍ରମେ ଗୁରୁବାର ପାଟପୁର ଥାନାରେ ନଂ.୧୫/୨୦ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ‘ମାରୁତି ବସ୍‌କୁ ପୋଲିସ ଜବତ କରିଛି। ମୃତକଙ୍କ ସମ୍ପର୍କୀୟମାନେ ଥାନାକୁ ଆସି ସେମାନଙ୍କ ଆସବାବପତ୍ର ନେଇଥିବା ଆଇଆଇସି ଅଜୟ କୁମାର ବାରିକ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ଟି ୧୨ ବର୍ଷର ପୁରୁଣା। ତାହାର ବୀମା ଅବଧି ଆସନ୍ତା ମାର୍ଚ୍ଚ ୧୯ ତାରିଖ ଏବଂ ଫିଟ୍‌ନେସ ମାର୍ଚ୍ଚ ୨୧ ତାରିଖ ଯାଏ ରହିଥିବା ଜଣାପଡ଼ିଛି।



## ଜିଲା ଚିଠି
### ଗଜପତି

# ନିଶା ବେପାର

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲାରେ ବ୍ୟାପକ ନିଶା କାରବାର ଚାଲିଛି। ଗତ ୬ମାସ ମଧ୍ୟରେ ଏକର ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ଅଧିକାଂଶ ସମୟରେ ଦେଶୀ ମଦ ଜବତ କରାଯାଉଛି। ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ ଚାଲିଛି। ଏହାପରେ ବି ନିଶା ବେପାରକୁ ରୋକିବା ସମ୍ଭବ ହୋଇପାରୁନାହିଁ। ବିଶେଷ କରି ଜିଲାର ମୋହନା, ଆର୍. ଉଦୟଗିରି, ନୂଆଗଡ଼ ଆଦି ଅଞ୍ଚଳରେ ୧୯୦୭.୩୭୬ ଏକର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ଆକଳନ ଅନୁଯାୟୀ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ମୂଲ୍ୟ ୩୭ ଲକ୍ଷ ୯୦ ହଜାର ୬୪୮ ଟଙ୍କା। ଜିଲାରେ ବ୍ୟାପକ ପରିମାଣରେ ଗଞ୍ଜେଇ ଚାଷ କରାଯାଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ଯାହା ଜିଲାରେ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ସୂଚାଉଛି। ଗଞ୍ଜେଇ ଚାଷ କରାଯିବା ସମ୍ପର୍କରେ ଅବକାରୀ ବିଭାଗ କିପରି କୌଣସି ଟେର୍ ପାଉନି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାଂଶ ସମୟରେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଗିରଫ କରୁଛନ୍ତି। ହେଲେ ସେମାନଙ୍କୁ ଖୁବ୍ କମ୍ ଦିନରେ ଜାମିନ ମିଳିଯାଉଛି। ଜେଲରୁ ଫେରିବା ପରେ ସେମାନେ ପୁଣିଥରେ ସେହି ବେପାରରେ ଲାଗି ଯାଉଛନ୍ତି। ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ପ୍ରତି ଯେଉଁ ଭୟ ରହିବା କଥା ତାହା ଏହି ଚୋରା ବେପାରୀମାନଙ୍କର ନାହିଁ। ସେହିପରି ପାରଳାଖେମୁଣ୍ଡି, କାଶୀନଗର, ଗୋଷାଣୀ ସମେତ ବିଭିନ୍ନ ଥାନା ଅଞ୍ଚଳରେ ଦେଶୀ ମଦ କାରବାର ବଢ଼ିଛି। ଏହାକୁ ଆଖି ଆଗରେ ରଖି ପୋଲିସ ଚଢ଼ାଉ ଜାରି ରଖିଛି। ଅଧିକାଂଶ ସମୟରେ ଚୋରା ନିଶା କାରବାରରେ ସଂପୃକ୍ତ ଲୋକଙ୍କୁ ଗିରଫ କରାଯିବା ସହ ମଦ ଜବତ କରାଯାଇଛି। ହେଲେ ଏ ସବୁ କ୍ଷେତ୍ରରେ ଅବକାରୀ ବିଭାଗ ବହୁ ପଛରେ ପଡିଥିବା ଅଭିଯୋଗ ହୋଇଛି। ଜିଲାରେ ନିଶା କାରବାରକୁ ରୋକିବା ଦିଗରେ ବିଭାଗ ପକ୍ଷରୁ ସେପରି କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି। ଫଳରେ ଜିଲାର ବହୁ ଅଞ୍ଚଳରେ ବେଧଡ଼କ ଗଞ୍ଜେଇ ଚାଷ ଏବଂ ଦେଶୀ ମଦ କାରବାର ହେଉଛି। ନିଶା ଆଦିବାସୀ ଅଧ୍ୟୁଷିତ ଜିଲାର ବିକାଶରେ ପ୍ରମୁଖ ବାଧକ ସାଜିଛି। ତେଣୁ ଉଭୟ ଅବକାରୀ ଏବଂ ପୋଲିସ ବିଭାଗ ଏ ଦିଗରେ ତତ୍ପରତା ଦେଖାଇଲେ ନିଶା କାରବାରକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

# ବଦଳି ନିୟମ କାର୍ଯ୍ୟକାରୀ କରିବାକୁ ଦାବି

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନୀତି ଲାଗୁ ହୋଇଥାଏ। ସର୍ବୋଚ୍ଚ ପ୍ରଶାସନ ଏବଂ ଅନ୍ୟ ପେସାଗତ ବୃତ୍ତିରେ ଏହା ନିୟମିତ ରୂପେ ହୋଇଥାଏ। ହେଲେ ସଚିବାଳୟ କର୍ମଚାରୀଙ୍କ କ୍ଷେତ୍ରରେ ଏହା ଠିକ୍ ଭାବେ ନିୟମିତ ଲାଗୁ ହୋଇ ପାରୁ ନ ଥିବା ଜଣାପଡିଛି। ରାଜ୍ୟ ସରକାର ପଦୋନ୍ନତି ଅଦାଲତ କରି ଯେପରି ଏହି ପ୍ରକ୍ରିୟାରେ ସୁଧାର ଆଣିବାକୁ ଚେଷ୍ଟା କରିଛନ୍ତି, ଅନୁରୂପ ଭାବେ ବଦଳି କ୍ଷେତ୍ରରେ ସେପରି କୌଣସି ସଂସ୍କାର ଗ୍ରହଣ କରାଯାଉ ବୋଲି କର୍ମଚାରୀ ମହଲରେ ସ୍ୱର ଉଠିଛି।

ପୂର୍ବରୁ ଅନ୍ୟ କର୍ମଚାରୀଙ୍କ ପରି ସଚିବାଳୟ କର୍ମଚାରୀଙ୍କ କ୍ଷେତ୍ରରେ ମଧ୍ୟ ୬ ବର୍ଷିଆ ବଦଳି ନିୟମ ରହିଥିଲା। ହେଲେ ଏହି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଯାହାଫଳରେ ଜଣେ ଜଣେ କର୍ମଚାରୀ ଗୋଟିଏ ବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ୨୦୦୫ରୁ ୨୦୦୮ ମଧ୍ୟରେ ୪ ଥର ଯଥାକ୍ରମେ ୧୫ ବର୍ଷ, ୧୪ ବର୍ଷ, ୧୩ ବର୍ଷ ଏବଂ ୧୨ ବର୍ଷ ଅବଧିକୁ ନେଇ ବଦଳି କରାଗଲା। ଅପରପକ୍ଷେ ୨୦୦୯ ପରେ ବିଭିନ୍ନ ଆଳ ଦେଖାଇ ଏହି ବଦଳିକୁ ଠିକ୍ ଭାବେ ଲାଗୁ କରାଗଲା ନାହିଁ। ୨୦୧୭ ମସିହାରେ ଗୃହ ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ବଦଳି ନୀତି ପ୍ରଣୟନ କରାଯାଇଥିଲା। ସେହି ନିୟମ ଅନୁଯାୟୀ କୌଣସି କର୍ମଚାରୀ ଗୋଟିଏ ବିଭାଗରେ ୧୦ ବର୍ଷ ଏବଂ କୌଣସି ଶାଖାରେ ୬ ବର୍ଷରୁ ଅଧିକ କାଳ ରହିପାରିବେ ନାହିଁ। ହେଲେ ଏହି ନିୟମ ପାଳନ ହୋଇପାରୁ ନାହିଁ। ତେଣୁ ସରକାର ପଦୋନ୍ନତି ପରି ବଦଳି ନିୟମକୁ କାର୍ଯ୍ୟକାରୀ କରିବାରୁ କର୍ମଚାରୀ ମହଲରେ ଦାବି ଉଠିଛି।

# କରୋନା: କେନ୍ଦ୍ର ସରକାରଙ୍କ ସହ ସ୍ୱାସ୍ଥ୍ୟ ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣ, ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ପର୍କରେ ଗୁରୁବାର କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ସଚିବ ରାଜୀବ ଗଉବା ଓ ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦାନ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ। ଏହି ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମଧ୍ୟ କେନ୍ଦ୍ର କ୍ୟାବିନେଟ୍ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ କରୋନା ଭୂତାଣୁ ମୁକାବିଲା ସମ୍ପର୍କିତ ପ୍ରସ୍ତୁତି ଓ ଚିକିତ୍ସା ବ୍ୟବସ୍ଥା ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା।

ଏ ସମ୍ପର୍କରେ ସୂଚନା ଦେଇ ସଚିବ ଧଳ କହିଛନ୍ତି ଯେ, ଚାଇନାର ଉହାନ୍ ଅଞ୍ଚଳରୁ ଯେଉଁମାନେ ଓଡ଼ିଶାକୁ ଫେରୁଛନ୍ତି ସେମାନଙ୍କଠାରେ ସଂକ୍ରମଣ ଲକ୍ଷଣ ଦେଖାଗଲେ ସେମାନଙ୍କୁ ଆଇସୋଲେଶନ୍‌ରେ ରଖାଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା


ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ କେନ୍ଦ୍ର କ୍ୟାବିନେଟ୍ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରୁଛନ୍ତି।

ସହ ସ୍ୱାବ୍‌ର ନମୁନା ପରୀକ୍ଷା ପାଇଁ ପଠାଯିବ। ସେହିପରି ଚାଇନାର ଅନ୍ୟ ଅଞ୍ଚଳଗୁଡ଼ିକରୁ ଫେରୁଥିବା ଲୋକଙ୍କଠାରେ ସଂକ୍ରମଣ ଲକ୍ଷଣ ଦେଖାଗଲେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଘରୋଇ ପରିବେଶରେ ଆଇସୋଲେଶନ୍‌ରେ ସତର୍କ ନଜରରେ ରଖାଯିବ। ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଦଳ ସେମାନଙ୍କ ଘରକୁ ଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବେ।

ସୂଚନା ଥାଉ କି, ଚାଇନାରୁ ଦୁଇଜଣ ଓଡ଼ିଶା ଫେରିଥିବାବେଳେ ସେମାନଙ୍କୁ ସ୍କ୍ରିନିଂ ପରେ କାଉନ୍‌ସେଲିଂ କରାଯାଇ ୧୪ ଦିନ ପାଇଁ ହୋମ୍ ଆଇସୋଲେଶନ୍‌ରେ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗର ସର୍ଭେଲାନ୍ସ ଟିମ୍ ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସଂକ୍ରମଣର ଲକ୍ଷଣ ଦେଖାଗଲେ ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲର ଆଇସୋଲେଶନ୍ ୱାର୍ଡରେ ରଖି ଚିକିତ୍ସା କରାଯିବ। ଏହି ଭିଡିଓ କନ୍‌ଫରେନ୍ସିଂରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍ତରଦାୟିତ୍ୱ ନିର୍ବାହ କରନ୍ତୁ ପାଣି ପଞ୍ଚାୟତ ସଦସ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ପାଣି ପଞ୍ଚାୟତଗୁଡିକ ଚାଷୀମାନଙ୍କର ଏକ ସଂଗଠନ। ରାଜ୍ୟ ସରକାର ପାଣି ପଞ୍ଚାୟତ ଜରିଆରେ ଉପଲବ୍ଧ ଜଳର ଉପଯୁକ୍ତ ବିନିଯୋଗ କରି କୃଷି ଓ କୃଷକର ଅର୍ଥନୈତିକ ବିକାଶ ପାଇଁ ଲକ୍ଷ୍ୟ ରଖିଛନ୍ତି। ସେହି ଦାୟିତ୍ୱକୁ ନିଷ୍ଠାର ସହିତ ନିର୍ବାହ କରିବାକୁ ଗୁରୁବାର ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜ୍ୟର ପାଣି ପଞ୍ଚାୟତ ସଦସ୍ୟାସଦସ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥ ଡ. ଏମ୍.ଏସ୍. ସ୍ୱାମୀନାଥନ୍ ହଲ୍‌ଠାରେ ଜଳସମ୍ପଦ ବିଭାଗ ତରଫରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦାସ କହିଲେ, ରାଜ୍ୟ ସରକାର ଜଳସେଚନ ପାଇଁ ବିଭିନ୍ନ ଯୋଜନାରେ ପ୍ରକଳ୍ପ ନିର୍ମାଣ କରି ଉଦ୍ଦିଷ୍ଟ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ପାଣି ପଞ୍ଚାୟତ ଉପରେ ନ୍ୟସ୍ତ କରୁଛନ୍ତି। ମିଳୁଥିବା ଜଳକୁ ଉପର, ମଝି ଓ ତଳ ମୁଣ୍ଡରେ ଥିବା ଚାଷଜମିଗୁଡିକୁ ଠିକ୍ ଭାବେ ପହଞ୍ଚାଇବା ପାଇଁ ପଞ୍ଚାୟତ ସଦସ୍ୟମାନେ ପରସ୍ପର ସହିତ ବୁଝାମଣା କରି କାର୍ଯ୍ୟ କରିବାକୁ ମନ୍ତ୍ରୀ ଦାସ କହିଥିଲେ। ରାଜ୍ୟରେ ଥିବା ୨୭,୦୦୦ରୁ ଊର୍ଦ୍ଧ୍ୱ ଉଠା ଜଳସେଚନର ଯେଉଁ ସବୁ ସମସ୍ୟା ରହିଛି, ତା’ର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର କହିଥିଲେ ଯେ, କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ଅପରିହାର୍ଯ୍ୟ। ହେଲେ ଅନିୟମିତ ମୌସୁମୀ ଚିନ୍ତାର କାରଣ ହୋଇଛି। ଜଳର ବ୍ୟବହାରିକ ପରିବର୍ତ୍ତନ ପ୍ରତି ଦୃଷ୍ଟି ଦେଇ ପାଣି ପଞ୍ଚାୟତ ସଦସ୍ୟାସଦସ୍ୟମାନଙ୍କ ସହଯୋଗରେ ସହଭାଗୀ ଜଳସେଚନ ବ୍ୟବସ୍ଥା ପାଇଁ ସରକାର ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗଠିତ ଗ୍ରାମୀଣ ସଂଗଠନ ଭାବରେ ପାଣି ପଞ୍ଚାୟତ ଜରିଆରେ କୃଷକମାନଙ୍କର ଦକ୍ଷତାର ବିକାଶ ଓ ସଶକ୍ତୀକରଣ ହୋଇପାରିଛି ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ସମ୍ମାନିତ ଅତିଥି ଓୟୁଏଟି କୁଳପତି ଡ. ପୱନ କୁମାର ଅଗ୍ରୱାଲ କହିଥିଲେ, ପାଣି ପଞ୍ଚାୟତ ଜରିଆରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବା ସରକାର ଓ କୃଷକମାନଙ୍କର ଦୃଢ଼ତାର ପରିପ୍ରକାଶ। କମ୍ ଜଳ ଆବଶ୍ୟକ ହେଉଥିବା ସଙ୍କର ଜାତୀୟ ମକା ଓ ଆମ୍ବ ଚାଷ ଉପରେ ପାଣି ପଞ୍ଚାୟତଗୁଡିକ ଆପଣେଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ପାଣି ପଞ୍ଚାୟତଗୁଡିକ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ମତ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ଶ୍ରେଷ୍ଠ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାଜ୍ୟର ବିଭିନ୍ନ ଜିଲାରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୩୦ ପାଣି ପଞ୍ଚାୟତ, ପ୍ରତ୍ୟେକ ଜିଲାରୁ ଜଣେ ଜଣେ ସଫଳ କୃଷକ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ଯୋଗଦାନ ରହିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମକୁ ଅବନୀ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ଲାଲା ମନୋଜ କୁମାର ରାୟ, ଦୀପକ କୁମାର ମହାନ୍ତି ଏବଂ ଜଳସମ୍ପଦ ବିଭାଗର ସମସ୍ତ ଯନ୍ତ୍ରୀ ଓ ଅଧିକାରୀ, ଓୟୁଏଟି ପଦାଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜଳସମ୍ପଦ ବିଭାଗ ଯୋଜନା ଓ ନକ୍ସାଙ୍କନ ମୁଖ୍ୟଯନ୍ତ୍ରୀ ରବି ନାରାୟଣ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ପ୍ରାଧ୍ୟାପକ ସ୍ୱର୍ଗତ ବୈକୁଣ୍ଠନାଥ ମହାନ୍ତି
(ପୂର୍ବତନ ଅଧ୍ୟକ୍ଷ)
ଭୁବନେଶ୍ୱର-୨
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮(ମାଘ ଷଷ୍ଠୀ)
ଆଜି ଆପଣଙ୍କ ବାଇଶିତମ ଶ୍ରାଦ୍ଧବାର୍ଷିକ ଅବସରରେ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ସେବତି (ସ୍ତ୍ରୀ), ବିଶ୍ୱଜିତ୍- ରାଗେଶ୍ରୀ, ଇନ୍ଦ୍ରଜିତ୍- ଖ୍ୟାତି, ଶତ୍ରୁଜିତ୍- ବନଶ୍ରୀ, ରଣଜିତ୍-ଶାରଦା, (ପୁଅ-ବୋହୂ), ମାମି- ରକ୍ଷକ, (ଝିଅ- ଜ୍ୱାଇଁ) ରୋମି, ରିଙ୍କୁ, ରିୟା, ଇମନ୍, ଶ୍ରେୟା, ନେହା, ରୋହନ୍, ଶୋହନ୍, ଇକ୍ଷା, ଶିମନ୍ (ନାତି-ନାତୁଣୀ)।
ଧ-୧୬୪୫୧

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପାତ୍ର (ପୁନ ମହାଜନ)
କୁଦପାଟଣା, ବିନିଶପୁର
ଆବିର୍ଭାବ: ୨୧।୧୧।୧୯୩୯
ତିରୋଧାନ: ୨୧।୦୧।୨୦୨୦
ଆପଣ ଆମ୍ଭମାନଙ୍କୁ ହଠାତ୍ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଯିବାରେ ଆମେ ସମସ୍ତେ ଦୁଃଖରେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେମାନେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପତ୍ନୀ: ଲବଙ୍ଗଲତା ପାତ୍ର, ପୁଅ-ବୋହୂ: ନିରଞ୍ଜନ-ଶକୁନ୍ତଳା, ଝିଅ-ଜ୍ୱାଇଁ: ବିନୋଦିନୀ-ପ୍ରଭାତ, ମନୋଦିନୀ-ସନ୍ତୋଷ, ଝିଅ: ପ୍ରଭାସିନୀ, ପୁତୁରା: ବାବୁନି, ବାପି, ଟିଙ୍କି, ପପୁ, ବୁବୁ, ରଶ୍ମି, ନାତି: ରାଜା, ବୁନୁ, ମିଟୁ ତଥା ପରିବାରବର୍ଗ।
ଧ-୬୭୪୦୪

Marriage Anniversary



ROZI WEDS SANKY
At/Po- Bankual, Bhubaneswar
May Shree Jagannath Mahaprabhu shower his blessings upon both of you.
Happy Weding Wishes From:
Friends & Relatives
D-68770

ପଞ୍ଚମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା



ରୁଦ୍ରାଂଶ ରୋସନ ବସ୍ତିଆ (ରିଶ)
ଗ୍ରାମ- କୁଳଶ୍ରୀ, ଅଡସପୁର, କଟକ
ତୋର ପଞ୍ଚମ ବାର୍ଷିକୀ ଜନ୍ମଦିନରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁକି ଠାକୁର ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ତୋ ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ, ମା, ବନ୍ଧୁ ଓ ବସ୍ତିଆ ପରିବାରବର୍ଗ।
ଧ-୧୬୪୭୪

ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ଶ୍ରେୟାଂଶ (ଶାନ୍)
ଆଜିର ଶୁଭ ଦିନରେ ତୋର ଦୀର୍ଘ ସୁସ୍ଥ ଜୀବନ ଓ ନିଷ୍କଣ୍ଟକ ଚଲାପଥ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୁଭେଚ୍ଛା ସହ -
ବାପା, ମା, ବଡବାପା, ବଡମା, ଭଉଣୀ, ମାମୁଁ, ଜେଜେ ଏବଂ ବନ୍ଧୁ ପରିଜନ ବୃନ୍ଦ।
ଧ-୧୬୪୭୩

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

# ସତ କହିବେ ତ

ଭାରତ ଏବେ ସବୁଠୁ ଖରାପ ଆର୍ଥିକ ଅବସ୍ଥା ଦେଇ ଗତି କରୁଛି, ଯାହା ଅନେକ ଦଶନ୍ଧି ଭିତରେ ଦେଖାଯାଇ ନ ଥିଲା । ଏହିପରି ସ୍ଥିତିରେ ବାର୍ଷିକ ବଜେଟ ଉପସ୍ଥାପନ କରିବାକୁ ଯାଉଥିବା କେନ୍ଦ୍ର ସରକାରଙ୍କ ପାଖରେ ଅନେକ ଆହ୍ୱାନ ଓ ସୁଯୋଗ ରହିଛି । ତେବେ ଆଗାମୀ ବଜେଟରେ ସରକାର କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ବୋଲି ଲେଖିବାକୁ ଯିବା ପୂର୍ବରୁ ଅନ୍ତତଃ ଏତିକି ଆଶା କରାଯାଉଛି ଯେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶରେ ଆର୍ଥିକ ସଂକଟ ରହିଛି ବୋଲି ସ୍ୱୀକାର କରିବେ । ଦେଶର ବାସ୍ତବ ଆର୍ଥିକ ସ୍ଥିତି ବିଷୟରେ ସେ ପ୍ରକାଶ କରିବେ । ଆମେ ଏ କଥା କହିବାର କାରଣ ଏ ସରକାର ସବୁବେଳେ ସତକଥା ଲୁଚାଇ ଆସିଛନ୍ତି ଏବଂ ସତ କହିବାକୁ ତାଙ୍କର ସତ୍‌ସାହସ ନାହିଁ । ସତ ଲୁଚାଇବା ଯୋଗୁ ହିଁ ତାକୁ ସୁଧାରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରୁ ନ ଥିବାରୁ ଅର୍ଥନୀତିରେ ଅଧିକ ବିପର୍ଯ୍ୟୟ ଘଟୁଛି । ମୋଦି ସରକାର ମେ ୨୦୧୯ରୁ ତାଙ୍କର ଦ୍ୱିତୀୟ ଇନିଙ୍ଗ୍‌ସ ଆରମ୍ଭ କରିଥିବାବେଳେ ଆମେ ଆଶାକରୁଥିଲୁ ଏ ସରକାର ସବୁ ନ ହେଲେ ବି ପୂର୍ବ ପାଳି ତୁଳନାରେ କିଛି ଭଲ କରିବେ । କିନ୍ତୁ ତାହା ଦେଖିବାକୁ ମିଳିଲା ନାହିଁ । ତା' ବଦଳରେ ଅର୍ଥନୀତି ଅଧିକ ଖରାପ ହେବାକୁ ଲାଗିଲା । ପୂର୍ବ ତୁଳନାରେ ଅଧିକ ସଂଖ୍ୟାଗରିଷ୍ଠତା ସହ ଜିତିବା ପରେ ପରେ ଏହି ସରକାର ଅର୍ଥନୀତିକୁ ସୁଧାରିବା ଉପରେ ଦୃଷ୍ଟି ନ ଦେଇ କେବଳ ବିଭାଜନମୂଳକ ରାଜନୀତି ଆରମ୍ଭ କରିଦେଲେ । ସରକାର ଏପରି ଆଚରଣ କଲେ ଯେପରି ଅର୍ଥନୀତି ପୂରା ଠିକ୍ ଅଛି ଏବଂ ଏହା ଉପରେ ଦୃଷ୍ଟିଦେବାର କିଛି ଆବଶ୍ୟକତା ନାହିଁ । ବାସ୍ତବରେ ୨୦୧୯ ଜୁଲାଇରେ ଉପସ୍ଥାପିତ ବଜେଟରେ କିଛି ସୁଧାରମୂଳକ ପଦକ୍ଷେପ ନେବା ଲାଗି ଏ ସରକାରଙ୍କ ପାଖରେ ସୁଯୋଗ ରହିଥିଲା । କିନ୍ତୁ ନୂଆ ସରକାର ସବୁ ସମସ୍ୟାକୁ ଲୁଚାଇ ରଖି ଦେଶର ଭବିଷ୍ୟତ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ମିଥ୍ୟା ଛବି ଉପସ୍ଥାପନ କଲେ । କିନ୍ତୁ ସତ ବେଶିଦିନ ଲୁଚି ରହିଲା ନାହିଁ । ଅଭିବୃଦ୍ଧି ଆହୁରି ନିମ୍ନଗାମୀ ହେଲା । ତେଣୁ ବର୍ତ୍ତମାନ ଆମେ ଆଶାକରୁଛୁ ଅର୍ଥମନ୍ତ୍ରୀ ବାସ୍ତବ ସ୍ଥିତିକୁ ମାନିନିଅନ୍ତୁ ଓ ବଜେଟ ଅବସରରେ ପ୍ରକାଶ କରନ୍ତୁ ।

ବର୍ତ୍ତମାନ ବିତ୍ତୀୟ ନିଅଣ୍ଟ ଜିଡିପିର ପ୍ରାୟ ୪.୫ରୁ ୫ ପ୍ରତିଶତ ଭିତରେ ରହିଛି । ମାର୍ଚ୍ଚ ୩୧, ୨୦୨୦ ସୁଦ୍ଧା ତାହା ଧାର୍ଯ୍ୟ ଲକ୍ଷ୍ୟ ୩.୩ ପ୍ରତିଶତର ପାଖାପାଖି ବି ହେବାର ସମ୍ଭାବନା ନାହିଁ । ଏ ସରକାରଠାରୁ ଆଉ କିଛି ବି ପ୍ରତ୍ୟାଶା ନାହିଁ । ନିର୍ମଳା ସୀତାରାମନ୍ କେବଳ ସ୍ୱୀକାର କରନ୍ତୁ ଯେ ୨୦୧୭ରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଆଶାନୁରୂପ ହୋଇନାହିଁ ଏବଂ ଏଥିରେ ସଂସ୍କାରର ଆବଶ୍ୟକତା ରହିଛି ।

## ଆଜିର ଅର୍ଥନୀତି

ଆମେ ସଚେତନ ଯେ, ଟଙ୍କା ମୁଣି ଖୋଲିଦେବା ଲାଗି ସରକାରଙ୍କ ପାଖରେ ଯଥେଷ୍ଟ ସମ୍ବଳ ନାହିଁ, ଯଦିଚ ଅନେକେ ସେପରି ଆଶାକରନ୍ତି । ଚଳିତ ବର୍ଷ ରାଜସ୍ୱ ଆୟ ବିଶେଷତଃ ପ୍ରତ୍ୟକ୍ଷ କର ଆଦାୟ ବିଯୁକ୍ତାତ୍ମକ ଭାବେ ଯଥେଷ୍ଟ ହ୍ରାସ ପାଇଛି, ଯାହା ଏକ ଦଶନ୍ଧି ଭିତରେ ସର୍ବନିମ୍ନ । ଉଭୟ ରପ୍ତାନି ଓ ଆମଦାନି ହ୍ରାସ ପାଇଛି । ଘରୋଇ ନିବେଶ ବଢୁନାହିଁ । କର୍ପୋରେଟ୍ ଟିକସ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲେ ମଧ୍ୟ ଏବଂ ରିଜର୍ଭ ବ୍ୟାଙ୍କ ଗତ ବର୍ଷକ ଭିତରେ ବାରମ୍ବାର ସୁଧହାର ହ୍ରାସ କରିଥିଲେ ମଧ୍ୟ ଘରୋଇ ପୁଞ୍ଜିନିବେଶ ଦେଖିବାକୁ ମିଳୁନାହିଁ । ଖାଉଟି ଚାହିଦା ବଢୁ ନ ଥିବାରୁ କମ୍ପାନୀଗୁଡ଼ିକ ଉତ୍ପାଦନ ବଢ଼ାଉ ନାହାନ୍ତି । ତେଣୁ ସରକାର ପୁଣିଥରେ ଏକ ଭୁଲ ଛବି ଉପସ୍ଥାପନ କରିବାକୁ ବାଛିନେଇଛନ୍ତି । ସରକାର କର୍ପୋରେଟ୍ ଟିକସ କମାଇ ଆଶାକରିଥିଲେ ଯେ ଏହାଦ୍ୱାରା କମ୍ପାନୀଗୁଡ଼ିକ ହାତରେ ଅଧିକ ଟଙ୍କା ରହିବ ଏବଂ ସେମାନେ ତାହାକୁ ନିବେଶ କରିବେ । ସରକାରଙ୍କ ଏହି ପଦକ୍ଷେପକୁ ଦେଖି ଷ୍ଟକ୍ ମାର୍କେଟ୍‌ଗୁଡ଼ିକରେ କିଛିଦିନ ପାଇଁ ଉତ୍ସାହ ବୃଦ୍ଧି ପାଇଥିଲା । କିନ୍ତୁ ପରେ ତାହା ରାଜସ୍ୱ ହାନି ପରି ପରିଣତିକୁ ଆମନ୍ତ୍ରଣ କଲା । ବସ୍ତୁତଃ ବ୍ୟାଙ୍କିଙ୍ଗ୍‌ଠାରୁ ଆରମ୍ଭ କରି ରିୟଲ ଇଷ୍ଟେଟ୍, ଶକ୍ତି ଓ ଟେଲିକମ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଳ୍ପରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଆର୍ଥିକ ମାନ୍ଦାବସ୍ଥାକୁ ମୁକାବିଲା କରିବା ପାଇଁ ବର୍ତ୍ତମାନର ଅର୍ଥ ବ୍ୟବସ୍ଥାରେ ବିଶେଷ ସୁଯୋଗ ନାହିଁ । ମୋଦି-୨ ସରକାରଙ୍କ ଉନ୍ମୁକ୍ତ ରାଜନୈତିକ ଜାତୀୟତାବାଦ ଅର୍ଥନୀତିରେ ସୁଧାର ଆଣିବାରେ ବାଧକ ହୋଇ ଠିଆହୋଇଛି । ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଦ୍ୱାରା ସମାଜରେ ଧାର୍ମିକ ଧ୍ରୁବୀକରଣ ଦେଖିବାକୁ ମିଳୁଛି । ଦେଶର ୨୦୦ ନିୟୁତ ମୁସଲମାନ ଆଶଙ୍କା କରୁଛନ୍ତି ଯେ ହିନ୍ଦୁବହୁଳ ଭାରତରେ ଧର୍ମନିରପେକ୍ଷ ସମ୍ବିଧାନ ଦ୍ୱାରା ସେମାନଙ୍କ ସୁରକ୍ଷା ଦୁର୍ବଳ ହେବାକୁ ଆରମ୍ଭ କରିଛି । ଦେଶ ସାରା ଓ ବାହାରେ ସିଏଏ ବିରୋଧରେ ଗଣବିକ୍ଷୋଭ ଦେଖିବାକୁ ମିଳୁଛି । ନୂଆ ଆଇନ ଦ୍ୱାରା ୧.୩ ବିଲିୟନ ଲୋକଙ୍କୁ ସେମାନଙ୍କ ନାଗରିକତ୍ୱର ପ୍ରମାଣ ଦେବାକୁ ପଡ଼ିପାରେ । ଦେଶର ଦରିଦ୍ର ଓ ସଂଖ୍ୟାଲଘୁମାନେ ଏହାର ଶିକାର ହେବାର ସମ୍ଭାବନା ବହୁତ । ଆସନ୍ତା ବଜେଟ ହେଉଛି ସରକାରଙ୍କ ଅର୍ଥନୈତିକ ଲକ୍ଷ୍ୟ ହାସଲ କରିବାର ଆଉ ଏକ ସୁଯୋଗ, ଯାହା ରାଜନୈତିକ କାର୍ଯ୍ୟସୂଚୀ ଭିତରେ ଚାପି ହୋଇରହିଛି । ତେବେ ସୀତାରାମନ୍ ଫେବୃୟାରୀ ପହିଲାରେ ସତ କହିବେ ତ ?

## ୨୫ ବର୍ଷ ତଳର ଧରିତ୍ରୀ

### ୩୧ ଜାନୁୟାରୀ ୧୯୯୫

- ଭାରତ ଓ ନେପାଳ ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଅପରାଧକୁ ରୋକିବା ପାଇଁ ଏକ ବୁଝାମଣା ସ୍ୱାକ୍ଷରିତ ।
- ଋଣ ପରିଶୋଧ କରିବା ପାଇଁ ଜାପାନର ଭାରତକୁ ୨୯.୫ କୋଟି ଟଙ୍କା ସହାୟତା ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 0 | 6 | 4 | | | | | | | E | 1 | | B | A |
| 3 | | | | 1 | | | | | 7 | 6 | | | | 8 |
| | | | A | C | 6 | | | | | | | | 0 | |
| B | | | 5 | | | | | | | | | | E | |
| 4 | | | | | | E | | | | | C | | 7 | 3 |
| | | | | | | | | | 5 | | | | | |
| | E | | 6 | 3 | | | | B | | | | | 1 | |
| | | 1 | | 5 | | | 8 | | D | | | | | |
| A | | | 0 | 2 | | | | 6 | | | B | | | 4 |
| 8 | 7 | | | | | C | | 9 | | 4 | A | 0 | | 2 |
| 7 | 5 | | B | | | 9 | | | 1 | | 6 | | | D |
| C | 1 | A | 8 | 6 | | | | D | | | | | | |
| | | B | C | | | | | 1 | A | 8 | 9 | 2 | | |
| 2 | 8 | | | | | | E | | | | 5 | | | 0 |
| | | | | 0 | | 2 | A | | 3 | C | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 9 | 4 | 6 | 8 | B | 2 | C | 0 | D | A | 7 | 1 | E |
| 0 | 8 | 2 | 9 | 7 | 3 | 6 | 1 | D | E | C | 5 | 4 | B | A |
| 6 | B | C | E | A | 5 | 4 | 9 | 7 | 1 | 8 | 3 | D | 0 | 2 |
| 7 | D | E | 1 | 0 | 2 | A | 8 | 3 | 6 | 4 | B | C | 5 | 9 |
| 4 | 1 | A | D | B | C | 5 | E | 0 | 7 | 2 | 9 | 6 | 8 | 3 |
| 3 | 0 | 4 | 8 | 9 | E | 7 | D | 1 | 5 | A | C | 2 | 6 | B |
| 2 | A | 6 | 7 | 4 | 1 | C | B | 8 | 3 | E | 0 | 9 | D | 5 |
| 1 | E | 7 | B | C | A | 2 | 3 | 5 | D | 9 | 6 | 0 | 4 | 8 |
| D | 5 | B | 2 | 3 | 0 | 9 | 6 | A | 4 | 7 | 8 | E | C | 1 |
| C | 9 | 8 | 6 | 5 | D | E | 0 | 4 | 2 | B | 1 | A | 3 | 7 |
| A | 4 | D | 0 | E | 9 | 3 | 5 | 6 | B | 1 | 7 | 8 | 2 | C |
| 8 | 7 | 3 | 5 | D | 4 | 1 | C | E | A | 0 | 2 | B | 9 | 6 |
| E | 6 | 5 | C | 2 | B | D | 7 | 9 | 8 | 3 | 4 | 1 | A | 0 |
| 9 | 2 | 0 | A | 1 | 6 | 8 | 4 | B | C | 5 | E | 3 | 7 | D |
| B | C | 1 | 3 | 8 | 7 | 0 | A | 2 | 9 | 6 | D | 5 | E | 4 |

ଗତକାଲିର ଉତ୍ତର

# ଆଶ୍ରମ ସ୍କୁଲର ଅବସ୍ଥା



ଅନ୍ନପୂର୍ଣ୍ଣା ପାଣ୍ଡେ

ଦୀର୍ଘଦିନ ହେଲା ବିଦେଶରେ ରହି ମଧ୍ୟ ମୁଁ ଦେଶମାଟିକୁ ଭୁଲିପାରିନାହିଁ । ବରଂ କିଛି ଅଘଟଣ ଘଟିବା ଖବର ପାଇ ବେଶି ବେଶି ଘାରି ହୋଇଛି । ଖବରକାଗଜରେ ପଢିଲି ଆଶ୍ରମ ବିଦ୍ୟାଳୟରେ ୧୩ ବର୍ଷର ଝିଅ ଅନ୍ତଃସତ୍ତ୍ୱା । ଆଉ ଗୋଟିଏ ଘଟଣା ମଧ୍ୟ ମୋତେ ଚକିତ କରିଥିଲା । ତାହା ହେଉଛି ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଗୋଟିଏ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀମାନେ ଏକ କୋଠରିରେ ତାଲା ପକାଇ ଜିଲା ଅଧିକାରୀମାନଙ୍କ ପାଖରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି । ସେମାନେ ସ୍କୁଲ ସମୟରେ ପ୍ରେମାଳାପରେ ବ୍ୟସ୍ତ ରହନ୍ତି ଓ ଛାତ୍ରମାନଙ୍କୁ ଗୃହର ଭୃତ୍ୟ ଭଳି ବ୍ୟବହାର କରନ୍ତି । ଛାତ୍ରୀଛାତ୍ର ସେମାନଙ୍କୁ ସ୍କୁଲରୁ ବାହାର କରାଯାଉ ବୋଲି ଦାବି କରିଛନ୍ତି । ଏହା କେତୋଟି ଦୃଷ୍ଟାନ୍ତ ମାତ୍ର । ପ୍ରକୃତରେ ଆଶ୍ରମ ସ୍କୁଲମାନଙ୍କରେ ଅନେକ ବିଶୃଙ୍ଖଳା । ଝିଅମାନଙ୍କ ଅବସ୍ଥା ବଡ ଶୋଚନୀୟ । ମୁଣ୍ଡରେ ଉକୁଣି ଅଛି କହି ସେମାନଙ୍କୁ ଲମ୍ବା ବାଳ କାଟିବାକୁ ବାଧ୍ୟ କରାଯାଏ । ସେମାନଙ୍କର ଘର ଖାଦ୍ୟକୁ ନାକଚ କରାଯାଏ । ପଢା ନାମରେ ନାନା ଭେଦଭାବ ସୃଷ୍ଟି କରାଯାଏ । ଏବେ ଭାରତ ଯାଇଥିବା ବେଳେ ରାୟଗଡା ଯିବାର ସୁଯୋଗ ହୋଇଥିଲା । ସେଠାରେ ଶୁଣିଲି ଯେ ଆଶ୍ରମ ବିଦ୍ୟାଳୟରେ ପଢିଥିବା ଝିଅପୁଅମାନେ ବିଶେଷ କିଛି ଶିଖୁନାହାନ୍ତି । ବରଂ ଗାଈ ଚରାଉଛନ୍ତି ବା ବେକାର ହୋଇ ବୁଲୁଛନ୍ତି ।

ଏଠାରେ ଉତ୍ତର ଆମେରିକା ଏବଂ ଅଷ୍ଟ୍ରେଲିଆ ଦେଶର କିଛି ତଥ୍ୟ ତୁଳନାତ୍ମକଭାବେ ରଖୁଛି । ଊନବିଂଶ ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେମାନଙ୍କର ସ୍ଥାନୀୟ ଲୋକମାନଙ୍କୁ ବହୁ ଅତ୍ୟାଚାର ସହିବାକୁ ପଡୁଥିଲା । ସେମାନଙ୍କ ଛୁଆମାନଙ୍କୁ ଘରୁ ନେଇ ଆବାସିକ ବିଦ୍ୟାଳୟମାନଙ୍କରେ ରଖାଯାଉଥିଲା । ସେମାନଙ୍କୁ ନିଜର ଭାଷା, ଧର୍ମ ଏବଂ ଚଳନି ଭୁଲିଯିବା ପାଇଁ ଅନେକ ପ୍ରକାର ଚେଷ୍ଟା କରାଯାଉଥିଲା । ସେମାନଙ୍କ କେଶ କାଟି ଦିଆଯାଉଥିଲା । ନାଁ ବଦଳାଇ ଭିନ୍ନ ଧର୍ମର ନାଁ ଦିଆଯାଉଥିଲା ଏବଂ ନିଜ ଭାଷା ବ୍ୟବହାର କଲେ ମଧ୍ୟ ଦଣ୍ଡ ମିଳୁଥିଲା । ସେମାନଙ୍କର ସ୍ୱାତନ୍ତ୍ର୍ୟ ଲୋପ କରିବା ପାଇଁ ଏସବୁ ପ୍ରୟାସ ଥିଲା ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିଶ ଲୋକମାନେ ଓଡିଶା ଆସି କେତେଗୁଡିଏ ମିଶନ ବସାଇଲେ । ମିଶନାରୀମାନେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟ ଆରମ୍ଭ କଲେ । ଜଣେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଭେରିୟର ଏଲୱିନ ଆଦିବାସୀ ପିଲାଙ୍କ ପାଇଁ ଆଶ୍ରମ ସ୍କୁଲକୁ ଖୁବ୍ ପ୍ରୋତ୍ସାହନ ଦେଇଥିଲେ । କେନ୍ଦ୍ର ସରକାରଙ୍କର ଆଦିବାସୀ କଲ୍ୟାଣ ଯୋଜନାର ସେ ଜଣେ ପରାମର୍ଶଦାତା ଥିଲେ । ତାଙ୍କର ମତ ଥିଲା ଯେ ଆଶ୍ରମ ବିଦ୍ୟାଳୟ ଆଦିବାସୀ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବ ଏବଂ ସେମାନଙ୍କୁ ସାମାଜିକ ଶୋଷଣରୁ ରକ୍ଷା କରିବ । ଆଦିବାସୀଙ୍କ ଉପରେ ସାହୁକାର ଓ ଧୋବଧାଉଳିଆ ଲୋକମାନଙ୍କର ଅତ୍ୟାଚାର ବିଷୟ ଆପଣମାନେ ଗୋପୀନାଥ ମହାନ୍ତିଙ୍କ 'ପରଦା'ରୁ ଅବଗତ ହୋଇଥିବେ ନିଶ୍ଚୟ । ଅବଶ୍ୟ 'ପରଦା' ରଚନା ପରଠାରୁ ଦୀର୍ଘଦିନ ଅତିବାହିତ ହୋଇଗଲାଣି । କିନ୍ତୁ ଏତେ ଯତ୍ନ, ଅର୍ଥ ଖର୍ଚ୍ଚ, ସରକାରୀ ଯୋଜନା ସତ୍ତ୍ୱେ ସତରେ କ'ଣ ସେମାନେ ସୁରକ୍ଷିତ ? ବିଶେଷକରି ଆଦିବାସୀ ଝିଅମାନେ ତ ଖୁବ୍ କଷ୍ଟରେ ଅଛନ୍ତି । ଆମେରିକାରେ ଆମେରିକୀୟ ଆଦିବାସୀ ପିଲାମାନଙ୍କୁ ଦୂରଦୂରାନ୍ତ ଆବାସିକ ବିଦ୍ୟାଳୟରେ ରଖିବାର କାରଣ ଅଲଗା ଥିଲା । ଆମେରିକାରେ ଊନବିଂଶ ଓ ବିଂଶ ଶତାବ୍ଦୀରେ ସରକାର ତାଙ୍କ ଆଦିବାସୀମାନଙ୍କ ସହିତ ୪୦୦ ଚୁକ୍ତିପତ୍ର କରାଇଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଯେ କେନ୍ଦ୍ର ସରକାର ଆଦିବାସୀମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ଭରଣପୋଷଣର ଦାୟିତ୍ୱ ନେବେ । କିନ୍ତୁ ଦୁଃଖର ବିଷୟ ଯେ ଏହା କାର୍ଯ୍ୟରେ ସମ୍ଭବ ହୋଇପାରିଲା ନାହିଁ । ଖାଦ୍ୟ ଦେବା ନାମରେ ଆମେରିକା ସରକାର ଆଦିବାସୀଙ୍କ ଜାଗାରେ କଳକାରଖାନା ଓ ଖାଦ୍ୟ ବିକ୍ରି କାମ ଆରମ୍ଭ କଲେ । ବ୍ୟବସାୟୀ ନିଜ ନିଜ ଦୋକାନ ବସାଇ ଆୟର ପନ୍ଥା ବାହାର କଲେ । ଅପରପକ୍ଷରେ ଆଦିବାସୀଙ୍କର ଖାଦ୍ୟ ଯୋଗାଡ଼ ପ୍ରଣାଳୀ ଯଥା ଶିକାର ଓ ଅନ୍ୟ ସମସ୍ତ ପ୍ରକାର ଚାଷ କାର୍ଯ୍ୟ ବନ୍ଦ ହୋଇଗଲା ।

ଆଦିବାସୀମାନଙ୍କର ଶିକ୍ଷାର ଦାୟିତ୍ୱ କିନ୍ତୁ ଚର୍ଚ୍ଚ ହାତରେ ରହିଲା । ଖ୍ରୀଷ୍ଟିଆନ ଶିକ୍ଷାଳୟଗୁଡିକ ଆମେରିକାର ଆଦିବାସୀଙ୍କୁ ଘୃଣା କରୁଥିଲେ ଓ ନିମ୍ନସ୍ତରରେ ରଖିଥିଲେ । ଏହିଭଳି ଶିକ୍ଷା ଦ୍ୱାରା ସେମାନେ ତାଙ୍କର ନିଜର ଭାଷା ଏବଂ ସଂସ୍କୃତି ଭୁଲିବାକୁ ଲାଗିଲେ, ଯାହାଦ୍ୱାରା ଶିକ୍ଷିତ ହୋଇ ସେମାନେ ସମ୍ପୂର୍ଣ୍ଣ ଆମେରିକୀୟ ହୋଇପାରିଲେ ନାହିଁ କିମ୍ବା ନିଜ ସଂସ୍କୃତିକୁ ଆଦରିପାରିଲେ ନାହିଁ । ସେମାନଙ୍କୁ ବାରମ୍ବାର ଅବଗତ କରାଗଲା ଯେ "ତୁମେ ଆଦିବାସୀ । ତେଣୁ ଆଦିବାସୀ ଭଳି ବ୍ୟବହାର କରି ଶିଖ ।" ବର୍ତ୍ତମାନ ସେଠାକାର ଆଦିବାସୀମାନେ ମଦ୍ୟପାନ କରିବା ସହ ଡାଇବେଟିସ୍, ହୃଦ୍‌ରୋଗ ଓ ମାନସିକ ରୋଗରେ ପୀଡିତ ।

ଏଠାରେ କେତୋଟି ପୁରାତନ ତଥ୍ୟ ଉପସ୍ଥାପନ କରୁଛି । ୧୮୭୦ ଏବଂ ୧୮୮୦ ବେଳକୁ ଆମେରିକାର କେନ୍ଦ୍ର ସରକାର ୩ଟି ଆବାସିକ ବିଦ୍ୟାଳୟ ଆରମ୍ଭ କରିଥିଲେ । ଗୋଟିଏ ପେନ୍‌ସିଲଭାନିଆରେ କାର୍ଲାଇଲ ବିଦ୍ୟାଳୟ, ଦ୍ୱିତୀୟଟି ଲରେନ୍ସ କସାସର ବିଦ୍ୟାଳୟ ଓ ତୃତୀୟଟି ରିଭରସାଇଡ କାଲିଫର୍ନିଆ ପ୍ରଦେଶରେ ଥିଲା । ତାଙ୍କର ପାଠ୍ୟକ୍ରମରୁ ଜଣାପଡେ ଯେ ତାଙ୍କର ଶିକ୍ଷା ପ୍ରଣାଳୀ ଦେଶର ଧଳା ଓ କଳା ଲୋକଙ୍କଠାରୁ ଅଲଗା ଥିଲା । ସେମାନଙ୍କୁ କେବଳ ଶ୍ରମ ଉପଯୋଗୀ ଟ୍ରେନିଂ ଦିଆଯାଉଥିଲା । ସେଠାରୁ ଉତ୍ତୀର୍ଣ୍ଣ ହେଲେ ସେମାନେ କେବଳ ଛୋଟକାଟିଆ ଚାକିରି କରିବାକୁ ଯୋଗ୍ୟ ହେଉଥିଲେ । ବର୍ତ୍ତମାନ ସେହି ବିଦ୍ୟାଳୟଗୁଡିକ ବନ୍ଦ ହୋଇଯାଇଛି । ସେହି ଶିକ୍ଷାର ଭବିଷ୍ୟତ ପିଢି ଉପରେ ପ୍ରଭାବ କଳନା କରିବା ସମ୍ଭବ ନୁହେଁ । ଏହା ଉପରେ ଅନେକ ଆଲୋଚନା ହୋଇଛି । ବିଭିନ୍ନ ସମୟରେ ଅଭିଜ୍ଞ ବ୍ୟକ୍ତିମାନେ ବିଭିନ୍ନ ରିପୋର୍ଟ ଦେଇଛନ୍ତି । ଯେମିତି ଆମେରିକାର ଆଦିବାସୀମାନଙ୍କର କେଶ କାଟିଦେବା, ନାମ ପରିବର୍ତ୍ତନ କରିଦେବା ପ୍ରଭୃତି ଆମେ ଆଗରୁ ଆଲୋଚନା କରିଛେ । ନିଜର ଭାଷା ଉଚ୍ଚାରଣ କରିଦେଲେ ସେମାନଙ୍କ ଜିଭରେ ଲଙ୍କା ଲଗାଇ ଦିଆଯାଉଥିଲା ଏବଂ ପାଟିକୁ ସାବୁନ୍‌ରେ ଧୋଇବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା । ଏଭଳି ଏକଲାପଣ ଆଦିବାସୀ ପିଲାଙ୍କୁ ନିଃସଙ୍ଗ କରି ଦେଉଥିଲା ଓ ସେମାନେ ଅନ୍ୟମାନଙ୍କଠାରୁ ଭିନ୍ନ ଏକଥା ସେମାନଙ୍କୁ ବାରମ୍ବାର ମନେ ପକାଇ ଦିଆଯାଉଥିଲା । ବର୍ତ୍ତମାନ ଆମେରିକାର ଆଦିବାସୀ ଅଞ୍ଚଳରେ ଆତ୍ମହତ୍ୟା, ବିଭିନ୍ନ ମାନସିକ ରୋଗ ତଥା ପାରିବାରିକ ହିଂସା ପ୍ରଭୃତି ଏହି ଶିକ୍ଷାର ସୁଦୂରପ୍ରସାରୀ ବିଷମୟଫଳ । ବର୍ତ୍ତମାନ ଆମେ ଓଡ଼ିଶାର ଆଶ୍ରମ ବିଦ୍ୟାଳୟମାନଙ୍କ ସମ୍ପର୍କରେ ଆଲୋଚନା କରିବା । ଏହି ଆଶ୍ରମ ବିଦ୍ୟାଳୟଗୁଡିକ ପ୍ରାୟ ଆମେରିକା ଏବଂ କାନାଡାର ଢାଞ୍ଚା ଦ୍ୱାରା ଅନୁପ୍ରାଣିତ । ଏହି ବିଦ୍ୟାଳୟଗୁଡିକରୁ ଉତ୍ତୀର୍ଣ୍ଣ ହୋଇଥିବା ଆଦିବାସୀ ପିଲାମାନେ ସମାଜରେ ବଡ଼ ନାମ କରିବାର ଆମେ ଶୁଣୁନାହୁଁ । ତା'ଛଡା ନାନା ପ୍ରକାର ଦୁର୍ନୀତି, ଅପକର୍ମ ଏବଂ ଆଦିବାସୀ ଝିଅମାନଙ୍କ ଉପରେ ହେଉଥିବା ଶାରୀରିକ ଅତ୍ୟାଚାର ସମ୍ପର୍କରେ ବାରମ୍ବାର ଖବରକାଗଜରୁ ପଢିବାକୁ ପଡୁଛି ।

ଟିକିଏ ଆତ୍ମୀୟତା ଦେଖାଇ ଆମେ ସେମାନଙ୍କ ନିକଟକୁ ଯାଇପାରନ୍ତେ କି? ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବାକୁ ଆପଣାପଣ ହିଁ ଲୋଡା ବୋଲି ମୁଁ ଭାବୁଛି । ଏହି ବିଦ୍ୟାଳୟର ପାଠ୍ୟପ୍ରଣାଳୀ ଉପରେ ଗବେଷଣା ହେବା ଉଚିତ । ଏହିଭଳି ଏକାଧିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ପ୍ରତିଦିନର ଅଭିଜ୍ଞତା, ସେମାନଙ୍କ ଅନୁଭବ ତଥା ଘରଠାରୁ ଏବଂ ସମାଜଠାରୁ ଦୂରରେ ରହିବାର ଅନୁଭବକୁ ମଧ୍ୟ ସମ୍ବେଦନଶୀଳ ହୋଇ ସମୀକ୍ଷା କରିବା ଆବଶ୍ୟକ ।

adpandey101@gmail.com

# ଇଲେକ୍ଟୋରାଲ ବଣ୍ଡ: ରାଜକୋଷକୁ ମାଡ଼



ନୀତିନ୍ ସେଠୀ

ବିବାଦୀୟ ଇଲେକ୍ଟୋରାଲ ବଣ୍ଡର ନିୟମରେ ପରିବର୍ତ୍ତନ କରିବା ପାଇଁ ମୋଦି ସରକାରଙ୍କ ପ୍ରସ୍ତାବକୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଅନୁମୋଦନ ଦେଇଥିଲେ । ରାଜ୍ୟ ସଭାର ସମ୍ମତିର ଆବଶ୍ୟକତା ଥିଲେ ମଧ୍ୟ ତାହା ବାହାରେ ଯାଇ ସରକାର ଲୋକ ସଭାରେ ଏହାର ଅନୁମୋଦନ କରାଇ ନେଇଛନ୍ତି, ଯାହା ଅସାମ୍ବିଧାନିକ ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ପାଇଥିବା ତଥ୍ୟରୁ ଜଣାପଡ଼ିଛି । ସବୁଠାରୁ ଖରାପ କଥା ହେଲା ସରକାର ଜାଣିଶୁଣି ଅବୈଧ ପଥରେ ଯାଇ ରାଜନୈତିକ ଦଳଗୁଡ଼ିକୁ ଅସୀମିତ ପାଣ୍ଠି ଦାନକରିବା ପାଇଁ ଶେଲ୍ କମ୍ପାନୀଗୁଡ଼ିକୁ ଅନୁମତି ଦେଇଛନ୍ତି, ଯାହାର ବିବରଣୀ ସରକାରୀ ବୈଠକରେ ନଥିଭୁକ୍ତ ହୋଇନାହିଁ । ଏହାକୁ କେବଳ ଅନୌପଚାରିକ ଆଲୋଚନା ବୋଲି ଲେଖାଯାଇଛି ଏବଂ ଯେଉଁ ଅଫିସରମାନଙ୍କ ଭିତରେ ଆଲୋଚନା ହେଲା ସେମାନଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ । ଏହା ବେଆଇନ କାରଣ ଏହା ସୁପ୍ରିମ୍‌କୋର୍ଟଙ୍କ ରାୟର ଅବମାନନା କରୁଛି ଏବଂ ଏହା ସରକାରଙ୍କ ଆଚରଣ ବିଧିର ମଧ୍ୟ ଉଲ୍ଲଂଘନ କରୁଛି ।

ଭାଜପା ସରକାରଙ୍କ ଆଇନ ମନ୍ତ୍ରଣାଳୟ ନିଜର ସମ୍ମତି ସପକ୍ଷରେ ଯୁକ୍ତି ଦର୍ଶାଇଛି ଯେ, ପୂର୍ବରୁ ନଜିର ରହିଥିବାରୁ ଏପରି ବିଧିବ୍ୟବସ୍ଥାର ଉଲ୍ଲଂଘନ କରିବାରେ କୌଣସି ଦୋଷ ନାହିଁ । ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନା ସମ୍ପର୍କରେ ଅରୁଣ ଜେଟ୍‌ଲୀ ତାଙ୍କର ୨୦୧୭ ବଜେଟ ଭାଷଣରେ ଘୋଷଣା କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ଆଇନରେ ପରିବର୍ତ୍ତନ କରିବାର ଆବଶ୍ୟକତା ଥିଲା । ସବୁଠାରୁ ବିବାଦୀୟ ପରିବର୍ତ୍ତନ କମ୍ପାନୀ ଆଇନରେ କରାଯାଇଛି, ଯେଉଁ ନିୟମ ଅନୁସାରେ କେବଳ ଲାଭ କରୁଥିବା କମ୍ପାନୀ ଛଡ଼ା ଅନ୍ୟମାନେ ଏବଂ କୌଣସି ବ୍ୟବସାୟ କରୁ ନ ଥିବା ଶେଲ୍ କମ୍ପାନୀଗୁଡ଼ିକ ଦାନ ଦେବେ ନାହିଁ । ପୂର୍ବର ନିୟମ ଅନୁସାରେ କମ୍ପାନୀଗୁଡ଼ିକ ଯେଉଁ ଦାନ ଦେବେ ତାହାର ଗୋଟାଏ ସୀମା ରହିବ ଏବଂ ସେମାନେ କାହାକୁ ଦାନ ଦେଲେ ତାହା ପ୍ରକାଶ କରିବେ । ଶାସକ ଭାଜପା ଜାଣିଥିଲା ଯେ ଏହି ବିବାଦୀୟ ସ୍କିମ୍‌କୁ ରାଜ୍ୟ ସଭାରେ ପାସ୍ କରାଇବା କଷ୍ଟକର ହେବ, କାରଣ ଉଚ୍ଚ ସଦନରେ ଏହାର ଯଥେଷ୍ଟ ସଂଖ୍ୟା ନାହିଁ । ବର୍ତ୍ତମାନ ସ୍ୱଚ୍ଛତା କର୍ମୀ ତଥା ଏନ୍‌ସିପିଆର୍‌ଆଇ ସଦସ୍ୟ ସୌରଭ ଦାସ ସୂଚନା ଅଧିକାର ଆଇନ ଅନୁସାରେ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କେମିତି ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି ରାଜ୍ୟ ସଭାକୁ ଉପେକ୍ଷା କରି ପୂର୍ବ ନଜିର ଆଳରେ ଉକ୍ତ ବିଲ୍‌କୁ ପାସ୍ କରାଇନେଇଛନ୍ତି । ସମ୍ବିଧାନର ଧାରା ୧୧୦ ଅନୁସାରେ ଏକ ଅର୍ଥ ବିଲ୍‌କୁ ରାଜ୍ୟ ସଭାକୁ ପଠାଇବାର ଆବଶ୍ୟକତା ନାହିଁ । ପ୍ରାପ୍ତ ଦଲିଲ ଅନୁସାରେ ଜେଟଲୀଙ୍କ ଅଧୀନରେ ଥିବା କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଅର୍ଥ ବିଲ୍ କେଉଁ ବାଟ ଦେଇ ଯିବ ତା'ର ଆଇନଗତ ଦିଗ ଉପରେ ଆଇନ ମନ୍ତ୍ରଣାଳୟର ପରାମର୍ଶ ଲୋଡ଼ିଥିଲା । ଆଇନ ମନ୍ତ୍ରଣାଳୟ କହିଲା ଯେ ସେମିତି ଦେଖିବାକୁ ଗଲେ ଏହାକୁ ଏକ ଅର୍ଥ ବିଲ୍ ଭାବେ ବିବେଚନା କରା ନ ଯାଇପାରେ, ତଥାପି ଏହା ଉପରେ ସ୍ୱାକ୍ଷର କରିଦେଲା । ଫଳତଃ ବିଲ୍‌ଟି ଆଉ ରାଜ୍ୟ ସଭାକୁ ନ ଯାଇ ପାସ୍ ହୋଇଗଲା । ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ହଫ୍‌ପୋଷ୍ଟ ଇଣ୍ଡିଆ ମାଗିଥିବା ତଥ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରିନାହିଁ ।

୨୦୧୭ରେ ଅରୁଣ ଜେଟଲୀ ଅର୍ଥମନ୍ତ୍ରୀ ସହ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ମଧ୍ୟ ଥିଲେ । ଇଲେକ୍ଟୋରାଲ ବଣ୍ଡ ସ୍କିମ୍‌ରେ କାରସାଦି କରିବା ପାଇଁ ତାଙ୍କର ଦୁଇଟି ମନ୍ତ୍ରିପଦର ଆବଶ୍ୟକତା ଥିଲା । ବଜେଟ ଓ ଅର୍ଥ ବିଲ୍ ଉପସ୍ଥାପନର କେଇ ସପ୍ତାହ ପରେ ମାର୍ଚ୍ଚ ୮ରେ ସେ କମ୍ପାନୀ ଆକ୍ଟ ୨୦୧୩ରେ ପରିବର୍ତ୍ତନ କରିବା ପାଇଁ ତାଙ୍କ ଅଫିସରମାନଙ୍କ ସହ ଏକ ବୈଠକ କଲେ । ଏହି ସଂଶୋଧନଗୁଡ଼ିକ ମଧ୍ୟରେ ଗୋଟିଏ ଥିଲା କମ୍ପାନୀଗୁଡ଼ିକରେ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ଭୂମିକା, ଯାହା ଅଳ୍ପଦିନ କାର୍ଯ୍ୟକ୍ଷମ ରହିଥିଲା । ସେମାନଙ୍କ ମଧ୍ୟରୁ କେହି ହେଲେ କର୍ପୋରେଟ୍‌ମାନଙ୍କର ରାଜନୈତିକ ଦାନ ସହ ସଂଶ୍ଳିଷ୍ଟ ନ ଥିଲେ ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ପ୍ରାପ୍ତ ରେକର୍ଡରୁ ଜଣାପଡ଼ିଛି । ତଥାପି ମାର୍ଚ୍ଚ ୧୬ରେ ସେମାନେ ଦାଖଲ କରିଥିବା ଫାଇଲରେ ଶେଲ୍ କମ୍ପାନୀଗୁଡ଼ିକ ମଧ୍ୟ ରାଜନୈତିକ ଦଳଗୁଡ଼ିକ ଦାନ ଦେଇ ପାରିବେ ବୋଲି ପ୍ରସ୍ତାବ ରହିଥିଲା । ମାର୍ଚ୍ଚ ୮ରେ ଅନୁଷ୍ଠିତ ବୈଠକରେ କିନ୍ତୁ ଏ ନୂଆ ପ୍ରସ୍ତାବ ନ ଥିଲା । ଅନ୍ୟାନ୍ୟ ଭିତରେ ନିଷ୍ପତ୍ତି ନିଆଗଲା ଯେ, ଇଲେକ୍ଟୋରାଲ ଫଣ୍ଡିଂରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପକୁ ଦୃଷ୍ଟିରେ ରଖି କମ୍ପାନୀ ଆଇନ ୨୦୧୩ର ଧାରା ୧୮୨ରେ କେତେକ ପରିବର୍ତ୍ତନ କରାଯିବ । ଏଥିରେ ହୋଇଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମଧ୍ୟରୁ ଗୋଟିଏ ହେଉଛି କର୍ପୋରେଟ୍ ଦାନ ନେଟ୍ ଲାଭର ୭.୫ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ରହିଥିବା ନିୟମକୁ ଉଠାଇଦେବା ଏବଂ ଦ୍ୱିତୀୟଟି ହେଉଛି କର୍ପୋରେଟ୍‌ଗୁଡ଼ିକ ଦାନ ଦେଉଥିବା ରାଜନୈତିକ ଦଳଗୁଡ଼ିକର ନାମ ଗୋପନ ରଖାଯିବା । ବୈଠକରେ କିଏ ଏଭଳି ପ୍ରସ୍ତାବ ଦେଲେ ତାହା ଫାଇଲ ନୋଟିଂରେ ଉଲ୍ଲେଖ କରାଯାଇ ନାହିଁ ବରଂ ଅଫିସରମାନଙ୍କ ଭିତରେ ଅନୌପଚାରିକ ଆଲୋଚନାରେ ଏହା ସ୍ଥିର ହେଲା ବୋଲି ଉଲ୍ଲେଖ ଅଛି । କିନ୍ତୁ ଅଫିସ୍ ପ୍ରୋସିଡିଓରର ମାନୁଆଲ ଅନୁସାରେ ଟେଲିଫୋନ୍ ଆଲୋଚନା ସମେତ ଅଫିସରମାନଙ୍କ ଭିତରେ ହେଉଥିବା ସମସ୍ତ ଆଲୋଚନାର ରେକର୍ଡ ରହିବା ଉଚିତ । ସର୍ଭିସ୍ ଆଚରଣ ବିଧିରେ କୌଣସି ଅଫିସର ମୌଖିକ ଆଦେଶକୁ ଗ୍ରହଣ କରିବେ ନାହିଁ ବୋଲି ନିର୍ଦ୍ଦେଶନାମା ରହିଛି । ସୁପ୍ରିମ୍‌କୋର୍ଟ ମଧ୍ୟ ମୌଖିକ ଆଲୋଚନା ଓ ଆଦେଶକୁ ବେଆଇନ ବୋଲି କହିଛନ୍ତି । ତେଣୁ ଅଫିସରମାନଙ୍କ ଦ୍ୱାରା କରାଯାଇଥିବା ଅନୌପଚାରିକ ଆଲୋଚନା ହେଉଛି ବେଆଇନ ।

ସରକାର ଯେତେବେଳେ ଗୋଟିଏ ଆଇନରେ ସଂଶୋଧନ କରନ୍ତି ସେତେବେଳେ ସଂଶୋଧନ ବିଲ୍‌ର ଚିଠା ପ୍ରସ୍ତାବରେ କ'ଣ କ'ଣ ସଂଶୋଧନ କରାଯିବ ତାହା ଉଲ୍ଲେଖ ଥାଏ । ବିଭିନ୍ନ ମନ୍ତ୍ରଣାଳୟର ଅଫିସରମାନେ ତାହା ଉପରେ ତର୍ଜମା କରନ୍ତି ଏବଂ ସାଧାରଣ ଜନତାଙ୍କଠାରୁ ମଧ୍ୟ ବେଳେବେଳେ ମତାମତ ନିଆଯାଏ । ତା'ପରେ ସଂଶୋଧନ ବିଲ୍‌ଟିକୁ ଲୋକ ସଭା ଓ ରାଜ୍ୟ ସଭାରେ ଆଲୋଚନା ଓ ସପକ୍ଷ ବା ବିପକ୍ଷରେ ଭୋଟ ପାଇଁ ଉପସ୍ଥାପନ କରାଯାଏ । କିନ୍ତୁ ମୋଦି ସରକାର ଭାବିଲେ କାହାରି ନାମ ଉଲ୍ଲେଖ ନ ଥାଇ ଅନୌପଚାରିକ ଆଲୋଚନା ହେଉଛି ଯଥେଷ୍ଟ । ପୁଣି ସରକାର ଏହାକୁ ମନି ବିଲ୍ ବୋଲି କହି ରାଜ୍ୟ ସଭାରେ ବିତର୍କକୁ ଟାଳିଦେଲେ ।

ସମ୍ବିଧାନର ଧାରା ୧୧୦ ଅନୁସାରେ ତାହାକୁ ମନି ବିଲ୍ କୁହାଯିବ ଯେଉଁଥିରେ ସରକାରଙ୍କର ଆୟ, ବ୍ୟୟ, ଟିକସ ଓ ଉଧାର ଆଦି କଥା ରହିଥିବ, ଯାହା ଦେଶର ପାଣ୍ଠିକୁ ପ୍ରଭାବିତ କରୁଥିବ । ତେଣୁ ଉକ୍ତ ସଂଜ୍ଞା ଅନୁସାରେ ଏହା କେବେହେଲେ ଏକ ମନି ବିଲ୍ ନୁହେଁ । ତଥାପି ଏହାକୁ ମନି ବିଲ୍ କହି ରାଜ୍ୟ ସଭାରେ ଆଲୋଚନା ହେବାକୁ ଦିଆଗଲା ନାହିଁ, କାହିଁକି ନା ରାଜ୍ୟ ସଭାରେ ସରକାରୀ ଦଳର ଯଥେଷ୍ଟ ସଂଖ୍ୟା ନ ଥିଲା ।

ରାଜନୈତିକ ଦାନ ଲାଗି ରହିଥିବା ୭.୫ ପ୍ରତିଶତ ସୀମାକୁ ଉଠାଇ ଦିଆଯିବା ଫଳରେ ରାଜକୋଷ ଉପରେ ଏହାର ଯଥେଷ୍ଟ କୁପ୍ରଭାବ ପଡ଼ିଛି । କାରଣ ଏହିଦାନ ଦ୍ୱାରା ଆୟକରରେ ରିହାତି ମିଳୁଥିବାରୁ କମ୍ପାନୀମାନେ ଅଧିକ ଦାନ ଦେଇ ଅଧିକ ଟିକସ ଦେବାରୁ ମୁକ୍ତି ପାଇଲେ । ଏହା ରାଜକୋଷକୁ ମାଡ଼ ସଦୃଶ ହେଲା । କିପରି ଏ ବେଆଇନ ବିଲ୍ ପାସ୍ ହେଲା ସେ ସମ୍ପର୍କରେ ସ୍ୱଚ୍ଛତା କର୍ମୀ ସୌରଭ ଦାସ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ ମଧ୍ୟ ଉକ୍ତ କାର୍ଯ୍ୟାଳୟ କୌଣସି ନିର୍ଦ୍ଦିଷ୍ଟ ବିଷୟକ ତଥ୍ୟ ମଗାଯାଇ ନାହିଁ କହି ତଥ୍ୟ ଦେବାକୁ ମନା କରିଦେଇଛି ।

## ଏଇ ଭାରତରେ

ଭାରତୀୟ ସଂସ୍କୃତିରେ ଘରେ ପ୍ରଥମ ରୁଟି ଗାଈଙ୍କ ପାଇଁ କରାଯାଏ ଓ ଏହା ଶୁଭ ବୋଲି ମାନ୍ୟତା ରହିଛି । କିନ୍ତୁ ଏହି ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିବାବେଳେ ତାହାକୁ ବଞ୍ଚାଇ ରଖିବାକୁ ପ୍ରୟାସ କରୁଛନ୍ତି ଗ୍ୱାଲିୟର୍‌ର କେତେଜଣ ଯୁବକ । ସେମାନେ ଦୈନିକ ସନ୍ଧ୍ୟାରେ ସହରର କଲୋନୀଗୁଡିକରେ ବ୍ୟାଗ ଧରି ପହଞ୍ଚିଯାଆନ୍ତି ଓ ଗାଈଙ୍କ ପାଇଁ ରୁଟି ସଂଗ୍ରହ କରିଥାନ୍ତି । ଏଥିପାଇଁ ଯୁବକମାନେ 'ରାମରୁଟି' ଟିମ୍ ଗଠନ କରିଛନ୍ତି । ସେମାନେ କଲୋନୀରେ ରାମରୁଟି ରାମରୁଟି ବୋଲି ଉଚ୍ଚସ୍ୱରରେ ଡାକନ୍ତି । ତାଙ୍କ ଡାକ ଶୁଣି ଲୋକେ ଘରୁ ରୁଟି ଧରି ବାହାରି ଆସନ୍ତି । ସବୁ ଘରୁ ଏମାନଙ୍କୁ ଦୁଇଟି ଲେଖାଏ ରୁଟି ମିଳିଥାଏ । ଏମିତି ସେମାନେ ଦୈନିକ ୬୦ କେଜି ଅଟାର ରୁଟି ସଂଗ୍ରହ କରୁଛନ୍ତି । ଏହାପରେ ଏହାକୁ ନେଇ ଗୋଶାଳାରେ ପହଞ୍ଚାଇ ଦେଉଛନ୍ତି । ଏହି ଅଭିଯାନ ଆରମ୍ଭରେ ଯୁବକମାନେ ରାମରୁଟି ଡାକିଲେ ବି କେହି ସେମାନଙ୍କୁ ରୁଟି ଦେଉ ନ ଥିଲେ । କିନ୍ତୁ ସେମାନଙ୍କ ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହେବା ପରେ ଏବେ ସେମାନେ ଗ୍ୱାଲିୟର ସହରର ପିଏଚ୍‌ଆଇ କଲୋନୀ, ଗଣେଶ କଲୋନୀ, ଇନ୍ଦିରା କଲୋନୀ, ପ୍ରସାଦ ନଗର, ଖଡ୍‌ଗେଶ୍ୱର ମନ୍ଦିର ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ଘରୁ ରୁଟି ସଂଗ୍ରହ କରୁଛନ୍ତି ।

## ଚିରନ୍ତନୀ

ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର-ଜବା
କଟିର ଚାରୁ ଗତି ଭ୍ରୁରୁର ଛାୟା
କପଟହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଲା ଯେବେ ସରସ
ସେ ଦିନ କଥା ଆଜି ପାସୋର କାହିଁ ହେଲା
ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନ୍ଥ, ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
ନ ଥାଏ ଶିଖି ଭାଷା ଅଧର ବେନି
କହିବା ପାଇଁ କଥା ମନକୁ ଘେନି ।
କହିବା ପାଇଁ ମୋର ବାସନା ଦୁଃଖ
ଦହିଲା ଦେହ ସିନା ମଣିଲି ସୁଖ
ସୁଖରେ ମିଶି କେତେ ବେଦନା
ମଧୁରତର କଲା ସାଧନା !
ସତ୍ୟ ଥିଲା ଯେତେ ଜୀବନ-ଅନୁଭୂତି
ନାହିଁଛି ଲେଶ ତା'ର, ରହିଛି ଯାହା ସ୍ମୃତି
ନାହିଁଛି ରୂପ ଆଜି ରହିଛି ରସ ବାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
(ଦୁଇଟି କଳା ଆଖି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବୁଦ୍ଧିଜୀବୀମାନେ ଉପାୟ ଚିନ୍ତା କରନ୍ତୁ

ମହାଶୟ,

ସମାଜରେ ବଳାତ୍କାର ଯେପରି ବଢ଼ି ବଢ଼ି ଚାଲିଛି ତାହା ଖବରକାଗଜରୁ ପଢ଼ି ଲଜ୍ଜା ଲାଗିଲାଣି । ପ୍ରତିଦିନ ଏହା ମୁଖ୍ୟ ଖବର ହିସାବରେ ପ୍ରକାଶ ପାଉଛି, ଯେଉଁଥିରୁ ଆମ ଘରେ ବାହାରେ ନାରୀ କେତେ ସୁରକ୍ଷିତ ସହଜରେ ଅନୁମେୟ । ସରକାରୀ ସ୍ତରରେ ଯେତେ ଯାହା କଲେ ମଧ୍ୟ ଏହା ବଢ଼ି ବଢ଼ି ଚାଲିଛି ସିନା କମିବାର ନାଁ ଗନ୍ଧ ନାହିଁ । ମହିଳାମାନଙ୍କୁ ସାଙ୍ଗରେ ଧରି କୁଆଡେ ଯିବା ପାଇଁ ଭୟ ଲାଗିଲାଣି । ଏକୁଟିଆ କଥା ଛାଡ଼ । ନାରୀଟିଏ ସମାଜରେ ନିର୍ଭୟରେ ଚଲାବୁଲା କରିବା ଆଦୌ ସମ୍ଭବ ନୁହେଁ । ଏଥିପାଇଁ କ'ଣ କରାଯିବ ବା କି କି ପଦକ୍ଷେପ ନିଆଗଲେ ସମାଜରୁ ଏ ବ୍ୟାଧି ଦୂର ହୋଇପାରିବ, ସେଥିପାଇଁ ବୁଦ୍ଧିଜୀବୀମାନେ ଉପାୟ ଚିନ୍ତା କରିବା ଆବଶ୍ୟକ ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଧାନଚାଷୀଙ୍କ ମନ ମିଜାଜ

ବନ୍ୟା, ବାତ୍ୟା ଓ ମରୁଡ଼ି ଚାଷୀଙ୍କୁ କଲବଲ କରିଥିଲେ ହେଁ ପ୍ରଚୁର ଧାନ ଫଳିଛି ଏଥର ଆମ ରାଜ୍ୟରେ । ଚକଡା ନାହିଁ କି ବିଲରେ ନିଆଁ ଲଗା ନାହିଁ ଏବଂ ପଶ୍ଚିମ ଓଡ଼ିଶାରେ ମଧ୍ୟ ଚାଷୀ ଆତ୍ମହତ୍ୟା ନାହିଁ । ପଡ଼ୋଶୀ ରାଜ୍ୟର ଧାନ ବେପାରୀ ଚଳଚଞ୍ଚଳ ହୋଇ ଉଠିଛନ୍ତି । ପ୍ରାକୃତିକ ବିପଦର ପୂର୍ବ ସୂଚନା ବହୁ ପୂର୍ବରୁ ମିଳିଯିବା ଯୋଗୁ କ୍ଷୟକ୍ଷତି ନବେ ଭାଗ କମିପାରିଛି । ଏବେ ପ୍ରତ୍ୟେକ ଦିନ ଚାଷୀର ମଙ୍ଗଳ ପାଇଁ ରାଜ୍ୟ ସରକାର ନୂଆ ନୂଆ ପେଡି ଫିଟାଉଛନ୍ତି । ତା' ସତ୍ତ୍ୱେ ବହୁ ଚାଷୀ ସବୁ ଥାଇ ଫଟିଆ ଲମ୍ବେଇବା ନୀତି ଛାଡୁନାହାନ୍ତି । ନିଜ ମେହନତି ବଳରେ ପକ୍କା ଘରେ ବାସ କରୁଥିଲେ ହେଁ ପୁରୁଣା ଅଧାଭଙ୍ଗା ଚାଳଘରକୁ ଦେଖାଇ ଘରଭଙ୍ଗା ଟଙ୍କା ହଡପ କରିବା ଓ ସରକାରୀ ଋଣ ନ ଶୁଝି ଛାଡ଼ କେବେ ହେବ ଚାହିଁବସିବା ବିଡ଼ମ୍ବନା ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଭିଭାବକ, ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି



ବିଦ୍ୟାଳୟରେ ସରସ୍ୱତୀ ପୂଜା ଚାଲିଥିବା ବେଳେ ଛାତ୍ରୀଛାତ୍ର ଅନୁପସ୍ଥିତ ଅଛନ୍ତି।



ପୂଜା ବେଳେ ଛାତ୍ରୀଛାତ୍ର ଧାରଣାରେ।

## ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଘଟଣା

- ଫିକା ପଡିଲା ସରସ୍ୱତୀ ପୂଜା

**ଜଳେଶ୍ୱର,୩୦।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିରେ ଟାଉନ୍ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଡିଇଓ ନିଲମ୍ବନ ଓ ବଦଳି କରିବା ନେଇ ୨ ଦିନ ଧରି ଛାତ୍ରୀଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନ ଗୁରୁବାର ୩ୟ ଦିବସରେ ପହଞ୍ଚିଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ମଧ୍ୟରେ, ଦ୍ୱିତୀୟ ଦିନ ଛାତ୍ରୀଛାତ୍ରମାନେ ଅଭିଭାବକମାନଙ୍କ ସହିତ ଫାଟକ ବାହାରେ ଓ ୫୭ତମ ରାଜ୍ୟ ରାଜପଥ ପାର୍ଶ୍ୱରେ ଆନ୍ଦୋଳନ ଚଳାଇ ଆସୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଆଦେଶ ଓ ବଦଳି ବାତିଲ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ପ୍ରକାଶ କରିଥିଲେ। ଗୁରୁବାର ସରସ୍ୱତୀ ପୂଜା ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ୮ରୁ ୧୦ ଜଣ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶିକ୍ଷୟତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ନ ଥିବା ଅଭିଭାବକମାନେ କହିଛନ୍ତି। ଗତ ବୁଧବାର ଜଳେଶ୍ୱର ବ୍ଲକ ନୋଡ଼ାଲ ଶିକ୍ଷକ ମୂରଲୀ ପ୍ରଧାନ ଓ ଓଷ୍ଟାର ଜିଲା ସମ୍ପାଦକ ମନୋରଞ୍ଜନ ଦାସ ଘଟଣାସ୍ଥଳକୁ ଯାଇ ଡିଇଓଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ ପାତ୍ର ବାଲେଶ୍ୱର ଡିଇଓଙ୍କ ସହ ଆଲୋଚନା କରିବା ସହ ଅତିଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।



ବାଲେଶ୍ୱର ରେମୁଣା ଗୋଲେଇ ନିକଟସ୍ଥ କୋଶନ୍ଧ ମେଳାରେ ତିଆରି ହୋଇଥିବା ମା’ ସରସ୍ୱତୀଙ୍କ ମୂର୍ତ୍ତି।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ରୂପ୍‌ସା, ୩୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ପଛପଟୁ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ବାଇକ୍ ଆରୋହୀ ରୂପ୍‌ସା ଥାନା ଆଘିରିଆ ଗ୍ରାମର ମାନସ ସେନାପତି ଗୁରୁତର ଆହତ ହୋଇଛନ୍ତି। ମାନସ ବାଇକ୍ ଯୋଗେ ବାଲେଶ୍ୱର ଯାଉଥିଲେ। ରୂପ୍‌ସା ଥାନା ପୋଲିସ ପହଞ୍ଚି ଗୁରୁତର ମାନସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଭ୍ୟାନ୍ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷରେ ଆହତ କାର ଡ୍ରାଇଭରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଗୋଟିଏ ରାତିରେ ୭ ଦୋକାନରୁ ଚୋରି

**ରୂପ୍‌ସା, ୩୦।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଞ୍ଚଳରେ ବୁଧବାର ରାତିରେ ସିରିଜ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଜବେଷ୍ଟସ ଛପର ଭାଙ୍ଗି ଦୁର୍ବୃତ୍ତମାନେ ଗୋଟିଏ ରାତିରେ ୭ଟି ଦୋକାନରୁ ଚୋରି କରିବା ଘଟଣା ପୋଲିସ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଷ୍ଟେଶନ ବଜାରରେ ଥିବା ଅରୁଣ ବେହେରା ଓ ବସନ୍ତ ପଟ୍ଟନାୟକଙ୍କ ଗ୍ରୋସରୀ ଦୋକାନ, ବଂଶୀଧର ପ୍ରଧାନଙ୍କ ମେଡ଼ିସିନ ଷ୍ଟୋର, ଦୀପକ ଦାସଙ୍କ ଜୋତା ଦୋକାନ ଓ କାର୍ତ୍ତିକ ପଣ୍ଡାଙ୍କ ପାନ ଦୋକାନରୁ ନଗଦ ୫ହଜାର ଟଙ୍କା ସମେତ ବହୁ ଦୋକାନ ସାମଗ୍ରୀ ଚୋରି ହୋଇଛି। ସେହିପରି ଡାକବଙ୍ଗଳା ନିକଟସ୍ଥ ବାବୁଲା ସାହୁଙ୍କ ଗ୍ରୋସରୀ ଦୋକାନରୁ ୧୫ହଜାର ଟଙ୍କାର କିଛି ସାମଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପଦ୍ମଲୋଚନ ଦଳେଇଙ୍କ ବହି ଦୋକାନରୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ଚମ୍ପଟ ମାରିଥିଲେ। ଖବରପାଇ ଥାନାଧିକାରୀ ଅଜୟ କୁମାର ମୁର୍ମୁ ଗୁରୁବାର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୂର୍ବରୁ ମଧ ପାଟପୁର ବଜାର ଓ ଷ୍ଟେଶନ ବଜାରରେ ବାରମ୍ବାର ଚୋରି ହୋଇଥିଲେ ହେଁ ପୋଲିସର ଢ଼ିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁ ଏହାର ପୁନରାବୃତ୍ତି ଘଟୁଥିବା ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ପୋଲିସ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଛି।

### ଦୁଇ ବାଇକ୍ ଧକ୍କା, ଜଣେ ଗୁରୁତର



**ବାହାନଗା, ୩୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର-ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟରୋଡର ଜୁଣିଆଁସ୍ଥିତ ରାମମନ୍ଦିର ସାମ୍ନାରେ ଦୁଇଟି ମୋଟରସାଇକେଲ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଗୁରୁତର ହେବା ସହିତ ୨ଜଣ ଆହତ ହୋଇ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ହୋଇଥିବା ଯୁବକଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଲକ୍ଷ୍ମୀନାରାୟଣପଟଣା ଗ୍ରାମର ୩ଜଣ ଯୁବକ କମଳଲୋଚନ ସେଠୀ, ଦିବ୍ୟଜ୍ୟୋତି ବାରିକ ଓ ଅନ୍ୟଜଣେ ଯୁବକ ଗୋଟିଏ ପଲସର ମୋଟର ସାଇକେଲ ଯୋଗେ ଗୋପାଳପୁର ବଜାରରୁ ଘରକୁ ଫେରୁଥିଲେ। ଜୁଣିଆଁସ୍ଥିତ ରାମମନ୍ଦିର ସାମ୍ନାରେ ଅଳସୁଆଁ ଗ୍ରାମରୁ ଅଜୁତାଂଶୁ ପଟ୍ଟନାୟକ ଓ ତାଙ୍କ ସହକର୍ମୀ ରଶ୍ମିରେଖା ଦାସ ଗୋପାଳପୁରସ୍ଥିତ ଏକ ବିଦ୍ୟାଳୟକୁ ନିଜର ମୋଟରସାଇକେଲ ଯୋଗେ ଆସୁଥିବା ବେଳେ ମୁହାଁମୁହିଁ ହୋଇଥିଲେ। ମୋଟରସାଇକେଲ ଅଜୁତାଂଶୁ ଓ ରଶ୍ମିରେଖା ଆହତ ହୋଇଥିବା ବେଳେ ପଲସର ମୋଟରସାଇକେଲ ଚଲାଉଥିବା କମଳଲୋଚନ ସେଠୀଙ୍କ ଗୋଡ ଭାଙ୍ଗିଯିବା ସହିତ ଗୁରୁତର ହୋଇପଡଛନ୍ତି। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ମୋଟରସାଇକେଲକୁ ଜବତ କରିଛି।

# ‘ବିଦ୍ୟାର୍ଥୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ରହିବା ଜରୁରୀ’




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଭୋଗରାଇ, ୩୦।୧ (ଡି.ଏନ.ଏ.):** ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ରହିବା ଜରୁରୀ ବୋଲି ବାଲେଶ୍ୱର ଜିଲା ଭୋଗରାଇ ଥାନା ଛକସ୍ଥିତ କଳିଙ୍ଗ ପବ୍ଲିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଗୁରୁବାର ଅତିଥିମାନେ ମତପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥ ଟ୍ରଷ୍ଟବୋର୍ଡ଼ର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ଜେନା ମତ ଦେଇଥିବା ବେଳେ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ସୁଶାନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ମୁଖ୍ୟବକ୍ତା ଭାବେ ସରୋ ସେଣ୍ଟ ଜାଭିୟର ସ୍କୁଲର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ସ୍କୁଲର ଭାଇସ୍ ପ୍ରିନ୍ସପାଲ ପୂର୍ଣ୍ଣିମା ବେହେରା, ଶିକ୍ଷୟିତ୍ରୀ ପୂଜା ପଟ୍ଟନାୟକ, ଶିକ୍ଷକ ରବୀନ୍ଦ୍ର ଘଡ଼ାଇ, ସ୍କୁଲ ସଦସ୍ୟ ରବିଲାଲ ପ୍ରମୁଖ ମାତୃଭାଷା ସହିତ ଇଂରାଜୀ ଭାଷାକୁ ବିଦ୍ୟାର୍ଥୀମାନେ ଗୁରୁତ୍ୱ ଦେଲେ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସଫଳ ହେବା ଅଧିକ ବୋଲି ମତପ୍ରକାଶ କରିଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ।

# ବର୍ଷା ବିଗାଡିଲା ବାର୍ଷିକ ଉତ୍ସବ

**ଖଇରା, ୩୦।୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦୁଡିଗଡିଆସ୍ଥିତ ନିଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସରସ୍ୱତୀ ପୂଜା ଅବସରରେ ପାଳିତ ହୋଇଯାଇଛି । ବର୍ଷା ବାଧକ ସାଜିବା ଯୋଗୁ ଉତ୍ସବ ଫିକା ପଡିଛି। ପ୍ରଧାନଶିକ୍ଷକ ଯଦୁନାଥ ଶିଅଳଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟାପକ ଡ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ପରିଚାଳନା କମିଟି ସଭାପତି କୈଳାସ ପୃଷ୍ଟି, ବର୍ତ୍ତମାନର ସରପଞ୍ଚ ତିଳୋତ୍ତମା ମଲ୍ଲିକ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ, ପ୍ରାକ୍ତନ ସରପଞ୍ଚ କରୁଣାକର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ପାଣିଗ୍ରାହୀ କହୁଥିବା ସମୟରେ ହଠାତ୍ ବର୍ଷା ପ୍ରବଳ ବେଗରେ ବର୍ଷିବାରୁ ଅତିଥିମାନେ ସଭା ଛାଡିଥିବା ବେଳେ ଛାତ୍ରୀଛାତ୍ର ମାନେ ଏଣେତେଣେ ଦୌଡିବା ଆରମ୍ଭ କରିଥିଲେ। ଅବଶ୍ୟ ବର୍ଷା ଛାଡିବା ପରେ କିଛି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରୂପ୍‌ସା, ୩୦।୧ (ଡି.ଏନ.ଏ.):** ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା-ନୂଆଗାଁ ରେଳଷ୍ଟେଶନ ମଝି ବାଖରାବାଦ ଲେଭଲକ୍ରସିଂ ନିକଟରେ ବୁଧବାର ଡାଉନ ନୀଳାଚଳ ଏକ୍ସପ୍ରେସ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ରେଳଧାରଣାରୁ ମୃତଦେହ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୦) ରୁଜୁ ହୋଇ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ୭ରୁ ଜିଲା ଆନ୍ତଃ କ୍ଲବ ସିନିୟର କ୍ରିକେଟ

**ବାଲେଶ୍ୱର ଅଫିସ, ୩୦।୧:** ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା ଫେବୃୟାରୀ ୭ତାରିଖରୁ ଆରମ୍ଭ ହେବ। ପ୍ରତ୍ୟେକ କ୍ଲବ ୧୫ଜଣ ଖେଳାଳିଙ୍କ ନାମ ଜିଲା କ୍ରୀଡ଼ା ସଂଘ ନିକଟରେ ଆସନ୍ତା ଫେବୃୟାରୀ ୨ତାରିଖ ସୁଦ୍ଧା ପଞ୍ଜିକରଣ କରିବେ। ସିନିୟର ବିଭାଗରେ ସର୍ବନିମ୍ନ ୫ଜଣ ଓ ସର୍ବାଧିକ ୬ଜଣ ଖେଳାଳି, ୧୯ ବର୍ଷରୁ ଊର୍ଦ୍ଧ୍ୱ ୨୩ବର୍ଷରୁ କମ୍ ବର୍ଗର ସର୍ବନିମ୍ନ ୫ଜଣ ଓ ସର୍ବାଧିକ ୬ଜଣ ଖେଳାଳି ଏବଂ ୧୬ବର୍ଷରୁ ଊର୍ଦ୍ଧ୍ୱ ୧୯ବର୍ଷରୁ କମ୍ ସର୍ବନିମ୍ନ ୩ଜଣ ଓ ସର୍ବାଧିକ ୫ଜଣ ଖେଳାଳି ନାମ ପଞ୍ଜିକରଣ କରିବେ। ଆଗ୍ରହୀ କ୍ଲବମାନେ ଆସନ୍ତା ଫେବୃୟାରୀ ୨ ସୁଦ୍ଧା ସୁଜୟ କୁମାର ଆଚାର୍ଯ୍ୟ (ମୋବାଇଲ ନଂ.୯୪୩୮୧୪୭୦୯୯) ଓ ପ୍ରଦୀପ କୁମାର ଦାସଙ୍କୁ ଯୋଗାଯୋଗ କରିବାକୁ ଜିଲା କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ବଗ୍‌ଦା-ଦୁବୁଲାଗଡ଼ି ବେଳାଭୂମି ବିକାଶ ଦାବି

**ରୂପ୍‌ସା, ୩୦।୧ (ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ବଗ୍‌ଦା-ଦୁବୁଲାଗଡ଼ି ସମୁଦ୍ର ବେଳାଭୂମିର ବିକାଶ ପାଇଁ ସାଧାରଣରେ ଦାବି ହୋଇଛି। ସରପଞ୍ଚ ଶୈଳଭାମା ଜେନାଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ବୁଦ୍ଧିଜୀବୀ ଗୌରସୁନ୍ଦର ପରିଡ଼ା, ରାଧାପଦ ମାଇତି, ପୁରଞ୍ଜନ ସିଂ, ସେକ୍ ମନାନ ଅଲୀ ଶାହା, ବିଜୟାନନ୍ଦ ସ୍ୱାଇଁ, ଜୟଦେବ ସାହୁ, ପ୍ରେମଚାନ୍ଦ ପରିଡ଼ା, ସୁନୀଲ କୁମାର ଦାସ, ଶ୍ରୀକୃଷ୍ଣ ଗିରି ଓ ସେକ୍ ଆକବର ପ୍ରମୁଖ ସମୁଦ୍ର ନିକଟ ଏହି ବେଳାଭୂମିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରି ସର୍ବାଙ୍ଗୀନ ବିକାଶ ଦିଗରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଯାତ୍ରୀ ବିଶ୍ରାମାଗାର, ପାନୀୟଜଳ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ଉଦ୍ୟାନ ଓ ଶୌଚାଳୟ ନିର୍ମାଣ ଦିଗରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ସଭାରେ ଗ୍ରାମବାସୀଙ୍କ ସମେତ ବହୁ ଜନପ୍ରତିନିଧି ଓ ସାମାଜିକ କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ରହି ବେଳାଭୂମିର ସର୍ବାଙ୍ଗୀନ ଉନ୍ନତି ଦିଗରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ବର୍ଷାରେ ଭିଜିଲା ଔପଦା ମହୋତ୍ସବ



ମଞ୍ଚରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

- ଉଦ୍‌ଘାଟନ କଲେ ସଂସ୍କୃତି ମନ୍ତ୍ରୀ
- ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

**ଔପଦା, ୩୦।୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ହାଇସ୍କୁଲ ପଡ଼ିଆରେ ବୁଧବାର ବର୍ଷା ଭିଜା ସନ୍ଧ୍ୟାରେ ମହାସମାରୋହରେ ଔପଦା ମହୋତ୍ସବ ସଂସ୍କୃତି ଓ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ମହୋତ୍ସବ ସମ୍ପର୍କ ଯୋଡ଼େ ଓ ଭାଇଚାରା ସୃଷ୍ଟି କରେ ବୋଲି ମନ୍ତ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ।

ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ କୁଳମଣି ବାରିକ ଏବଂ ଅନ୍ୟତମ ଅତିଥି ଭାବେ ନୀଳଗିରି ବିଶିଷ୍ଟ ସମାଜସେବୀ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଗୋଟିଏ ଅଞ୍ଚଳର କଳା ସଂସ୍କୃତି ବିକାଶ ତଥା ଭାତୃତ୍ୱ ସୃଷ୍ଟି ପାଇଁ ଆଞ୍ଚଳିକ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। କମିଟି ସଭାପତି ପ୍ରଧାନ ୯୮ଜଣ ସଭ୍ୟ ୩୮ଦିନର ଶ୍ରମ ମହୋତ୍ସବ ଆୟୋଜନକୁ ସାର୍ଥକ କରିଛି ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ ଓ ଟିଭି କଳାକାର ଜଗବନ୍ଧୁ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କଳାକାର ପଣ୍ଡା ଔପଦା ଅଞ୍ଚଳରେ ଜଣେ ସଫଳ କଳାକାର ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଡ. ସଂଗ୍ରାମ ରାଉତ କାର୍ଯ୍ୟକ୍ରମର ପ୍ରାଥମିକ ସୂଚନା ଦେବା ସହ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କମିଟିର ଆଇନ ପରାମର୍ଶଦାତା ଅନନ୍ତ ପ୍ରସାଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରଞ୍ଜନ ପ୍ରସାଦ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବୈକୁଣ୍ଠ ପୁଥାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚରେ ଓଡ଼ିଶା ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ସୌମ୍ୟା ଦାସ, ବିଶ୍ୱଜିତ ଆଚାର୍ଯ୍ୟ ଓ ଅନ୍ୟମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହେବା ସହ ସ୍ଥାନୀୟ କଳାକାରମାନେ ନୃତ୍ୟ, ସଙ୍ଗୀତ ନିଖୁଣ ଭାବେ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକ ମନୋଭରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ଗାନ୍ଧିଜୀଙ୍କ ଶହୀଦ ଦିବସରେ କବିତା ପାଠୋତ୍ସବ

**ବାଲେଶ୍ୱର ଅଫିସ,୩୦।୧**




ଜିଲାପାଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି। ସ୍ମୃତିସଭାରେ ଉପସ୍ଥିତ ଅତିଥି।

## ଯୋଗଦେଲେ ଶତାଧିକ ଲେଖକ, କବି

ମହାତ୍ମା ଗାନ୍ଧୀଙ୍କ ୭୨ତମ ଶହୀଦ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସିନେମାଛକସ୍ଥିତ ଶହୀଦ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ମୃତି ସଭା ଓ କବିତା ପାଠୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଉପଜିଲାପାଳ ନିଲୁ ମହାପାତ୍ର, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଶିରିଶ ଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ହୋଇ ଗାନ୍ଧୀଙ୍କ ଅହିଂସା ମାର୍ଗ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ଗାନ୍ଧିଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣୋବ ଜନତୋ ପରିବେଷଣ କରାଯାଇଥିଲା। ଏହି ଅବସରରେ କବି ପ୍ରଶାନ୍ତ ଦାସ, ପ୍ରାଧ୍ୟାପକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରିଶ ଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କବିତା ପାଠୋତ୍ସବରେ ଶତାଧିକ ସାହିତ୍ୟିକ, ଲେଖକ, କବି ଯୋଗଦାନ କରିଥିବା ବେଳେ ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଗାନ୍ଧୀବାଦ ଉପରେ ପର୍ଯ୍ୟବସିତ ୪୫ ଗୋଟି ସ୍ୱରଚିତ କବିତା କବିମାନେ ଆବୃତ୍ତି କରିଥିଲେ। ଏହି କବିତା ପାଠୋତ୍ସବକୁ ସ୍ଥାନୀୟ ଅନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏଥିରେ ପରିଷଦର ସଦସ୍ୟାସଦସ୍ୟମାନେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଳ ପରିଚାଳନା କରିଥିଲେ।

# ‘ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ’

**ଆରଡ଼ି, ୩୦।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଗାନ୍ଧୀ ସ୍ମୃତିପୀଠ ଗାନ୍ଧୀଘାଟ ଶାସନଠାରେ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ସାର୍ବଜନୀନ ଗାନ୍ଧୀ ମେଳା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ଅଧ୍ୟକ୍ଷତା କରିଥିଲେ। ବିଧାୟକ ବିଷ୍ଣୁଚରଣ ସେଠୀ ମୁଖ୍ୟଅତିଥି ଏବଂ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଗୌରିସ୍ୱାମୀ ଗୋସ୍ୱାମୀ, ଧୂଷୁରୀ ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଦୋବଲ ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ଭାଜପା ନେତା ଚତୁର୍ଭୁଜ ନାୟକ, କମିଟି ସମ୍ପାଦକ ଭାଗିରଥୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେବା ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସେହିପରି ଚାନ୍ଦବାଲି ବ୍ଲକ ଦୋହରାପାଟଣାଠାରେ ସୁନ୍ଦରପୁର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଗାନ୍ଧୀ ମେଳା ଅନୁଷ୍ଠିତ ହୋଇଥିଲା। ସକାଳେ ଜାତୀୟ ପତାକା ଉତ୍ତୋଳନ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ କମିଟି ସଭାପତି ରକ୍ଷାକର ବାରିକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସରପଞ୍ଚ ଶ୍ରୀକାନ୍ତ ନାୟକ ମୁଖ୍ୟଅତିଥି ଏବଂ ଆଇନଜୀବୀ ଅଶୋକ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ପାତ୍ର, ପ୍ରାଣବନ୍ଧୁ ଓଝା, ପ୍ରଧାନଶିକ୍ଷକ ଅନିଲ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଦିଲୀପ ଶେଖର ନାୟକ ସଭା ପରିଚାଳନା କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ଅନୁଷ୍ଠାନ ସମ୍ପାଦକ କୁଶଭଦ୍ର ସେଠୀ। ପୂର୍ବାହ୍ନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବେତାଳିଗାଁ ହାଟଠାରେ ମଧ୍ୟ ଗାନ୍ଧୀମେଳା ଅନୁଷ୍ଠିତ ହୋଇଥିଲା।



ପୃଥିବୀର ସବୁଠାରୁ ବୟସ୍କା ମହିଳାଙ୍କର ୧୨୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ୨୦୦ରୁ ଅଧିକ ନାତିନାତୁଣୀ ଥିବା କୁହାଯାଉଛି। ଉଜ୍‌ବେକିସ୍ତାନର ଏହି ବୟସ୍କା ମହିଳା ଫାତିମା ମିର୍ଜୋକୁଲଓ୍ବାଙ୍କର ଅନ୍ତିମ ସଂସ୍କାର ଇତିମଧ୍ୟରେ ଦଖନା ସହରରେ ଶେଷ ହୋଇଛି। ପାସପୋର୍ଟ ଅନୁସାରେ ଫାତିମାଙ୍କ ଜନ୍ମ ୧୮୯୩ ମାର୍ଚ୍ଚ ୧୩ରେ ହୋଇଥିଲା। ସେ ଜୀବନଯାପନ ପାଇଁ ସ୍ଥାନୀୟ ଏକ କପା ଫାର୍ମରେ କାମ କରୁଥିଲେ। ସେ ପୂର୍ବରୁ ସରକାରୀ ଚାକିରି କରିଥିଲେ ହେଁ କପାଚାଷ ପ୍ରତି ତାଙ୍କର ବେଶ୍ ରୁଚି ରହିଥିଲା। ତେବେ ଅବସର ଗ୍ରହଣ ପରେ କପା ଫାର୍ମରେ କାମ କରିବାକୁ ପସନ୍ଦ କରିଥିଲେ। ୧୯୯୧ରେ ଦେଶ ସ୍ୱତନ୍ତ୍ର ହେବା ଘଟଣା ସେ ଆଖିରେ ଦେଖିଛନ୍ତି।

# ଭାରତର ବଡ଼ ଲୁଣ ମରୁଭୂମି ବଞ୍ଜର

**ଗାନ୍ଧୀନଗର:** ସାଧାରଣତଃ ମରୁଭୂମି କହିଲେ ବିସ୍ତୀର୍ଣ୍ଣ ବାଲି, ବିଭିନ୍ନ ପ୍ରକାର କଣ୍ଟାଗଛ ଏବଂ ଓଟ ବାସ କରୁଥିବା ସ୍ଥାନକୁ ବୁଝାଇଥାଏ। ମାତ୍ର ଭାରତରେ ଏମିତି ଏକ ମରୁଭୂମି ଅଛି, ଯାହାକୁ ଲୁଣର ମରୁଭୂମି କୁହାଯାଇଥାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ମରୁଭୂମି ରହିଛି ଗୁଜରାଟରେ। ଆରବସାଗରଠାରୁ ୧୦୦ କିଲୋମିଟର ଦୂର ବଞ୍ଜର ମରୁଭୂମିରେ ବରଫ ପରି ଲୁଣ ବିସ୍ତୃତ ଭାବରେ ପଡ଼ିଥିବାର ଦେଖିବାକୁ ମିଳେ। ସ୍ଥାନେ ସ୍ଥାନେ ଏହାକୁ ଏକାଠି ଗଦାକରି ରଖାଯାଇଥାଏ। କଇଁଛ ପରି ଏହି ସ୍ଥାନକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ବଡ଼ଭାଗଟି ୧୮ ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ବେଳେ ଛୋଟ ଅଂଶଟି ୫ ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏଠାରୁ ଭାରତର ୭୫ ପ୍ରତିଶତ ଲୁଣ ମିଳିଥାଏ। ପ୍ରତିବର୍ଷ ବର୍ଷାଦିନରେ ଏଠାରେ ବନ୍ୟା ଆସିଥାଏ। ଫଳରେ ଲୁଣ ସବୁ ଉଭାନ ହୋଇଯାଏ। କିନ୍ତୁ ଗତ ୨୦୦ ବର୍ଷ ଧରି ଏଠାରେ ଲୁଣର ଏକ ଉଦ୍ୟୋଗ ପ୍ରତିଷ୍ଠା ହୋଇଛି। ପଡ଼ୋଶୀ ସୁରେନ୍ଦ୍ରନଗର ଜିଲାରୁ କୋହଲି ଏବଂ ଅଗରିଆ ଜନଜାତିର ଲୋକେ ଏଠାକୁ ଆସି ବସବାସ କରି ଲୁଣ କ୍ଷେତର ଦେଖାଶୁଣା କରୁଛନ୍ତି। ଏହି କ୍ଷେତ ଜୁନ୍ ପର୍ଯ୍ୟନ୍ତ ଚାଲିଥାଏ। ବହୁତ କଷ୍ଟରେ ଏଠାରେ ଶ୍ରମିକମାନେ କାମ କରିଥାନ୍ତି। ଅକ୍ଟୋବରରୁ-ନଭେମ୍ବର ବର୍ଷା ବନ୍ଦ ହୋଇଯିବା ପରେ ଲୁଣ ମାରିବା ପ୍ରକ୍ରିୟା ଆରମ୍ଭ ହୁଏ। ପାଣିକୁ ଏକାଠି କରି ରଖିବାକୁ ପଡ଼େ। ସୂର୍ଯ୍ୟକିରଣରେ ଏହା ବାଷ୍ପୀଭୂତ ହେବା ପରେ ଯାହା ବଳକା ରହେ ତାହା ଲୁଣ ଆକାରରେ ବାହାରିଥାଏ।





# ୪୫ ବର୍ଷରେ ପ୍ରୀତି ଜିଣ୍ଟା

**ମୁମ୍ବାଇ:** ବଲିଉଡ୍‌ର ଡିମ୍ପଲ ଗର୍ଲ ପ୍ରୀତି ଜିଣ୍ଟା ଶୁକ୍ରବାର ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୫ ଜାନୁୟାରୀ ୩୧ରେ ଶିମ୍‌ଲାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ପ୍ରୀତମ୍ ସିଂ ଜିଣ୍ଟା। ତାଙ୍କୁ ୧୩ ବର୍ଷ ହୋଇଥିବାବେଳେ ପିତା ଦୁର୍ଗାନନ୍ଦ ଜିଣ୍ଟାଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ଭାରତୀୟ ସେନାରେ ଅଫିସର ଥିଲେ। ବିଦେଶରେ ପାଠପଢ଼ା ପରେ ପ୍ରୀତି ବଲିଉଡ୍ ଫିଲ୍ମ ‘ଦିଲ୍ ସେ’ରେ ଡେବ୍ୟୁ କରିଥିଲେ। ଫିଲ୍ମଟି ବକ୍ସ ଅଫିସରେ ସଫଳ ରହିଥିଲା। ୨୦୦୪ରେ ପ୍ରୀତି ୨ ଥର ନିଶ୍ଚିତ ମୃତ୍ୟୁ ମୁହଁରୁ ରକ୍ଷା ପାଇଥିଲେ। କଲୋମ୍ବୋରେ ଏକ କନ୍‌ସର୍ଟରେ ସେ ଯୋଗଦେଇଥିଲେ। ଏଠାରେ ବିସ୍ଫୋରଣ ହେବାରୁ ପେଣ୍ଡାଲ ଉଡିଯାଇଥିଲା। ତେବେ ପ୍ରୀତି ଅଳ୍ପକେ ରକ୍ଷା ପାଇଯାଇଥିଲେ। ଏହାପରେ ସେ ଥାଇଲାଣ୍ଡରେ ଛୁଟି କଟାଉଥିବା ବେଳେ ସେଠାରେ ସୁନାମୀ ଆସିଥିଲା। କିନ୍ତୁ ସେ ରକ୍ଷା ପାଇଥିଲେ।

## ୨ ଥର ନିଶ୍ଚିତ ମୃତ୍ୟୁରୁ ବଞ୍ଚିଥିଲେ

ପ୍ରୀତିଙ୍କ ଜୀବନ ଭଳି ତାଙ୍କ ଲଭ୍ ଲାଇଫ୍ ମଧ୍ୟ ରୋମାଞ୍ଚଭରା। ପ୍ରୀତିଙ୍କ ଲଭ୍ ଲାଇଫ୍ ଆମେରିକାରେ ଶେଷ ହୋଇଥିଲା। ଆମେରିକା ବ୍ୟବସାୟୀ ଜିନ୍ ଗୁଡଫ୍‌ଙ୍କୁ ସେ ୨୦୧୬ରେ ବିବାହ କରିଥିଲେ। ତାଙ୍କଦ୍ୱାରା ଅଭିନୀତ ସୋଲଜର୍, ସଂଘର୍ଷ, ମିଶନ କଶ୍ମୀର ଆଦି ଫିଲ୍ମ ବକ୍ସ ଅଫିସରେ ବେଶ୍ ସଫଳ ରହିଥିଲା।

## ୩୦ଲକ୍ଷରୁ ଅଧିକ ୟୁଜର୍ସଙ୍କ ସମର୍ଥନ




**ୱାଶିଂଟନ:** ବାଡ୍ଡି ୱିଙ୍କଲ୍। ବୟସ ୯୨। କିନ୍ତୁ ଏବେ ବି କମିନି ତାଙ୍କ ଜଲୱା। ଷ୍ଟାଇଲ୍‌ରେ ସେ ଆଜିକାଲି ମଡେଲଙ୍କୁ ପଛରେ ପକାଇ ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସବୁଠୁ ଷ୍ଟାଇଲିଶ୍ ଗ୍ରାଣ୍ଡ୍ ମା’ ଭାବେ ସେ ପରିଚୟ ହାସଲ କରିଛନ୍ତି। ତାଙ୍କ ଷ୍ଟାଇଲ୍ ଦେଖି ଇନ୍‌ଷ୍ଟାରେ ୩୦ଲକ୍ଷରୁ ଅଧିକ ୟୁଜର୍ସ ତାଙ୍କୁ ଫଲୋ କରୁଛନ୍ତି। ବାଡ୍ଡି ୱିଙ୍କଲ୍‌ଙ୍କ ପ୍ରକୃତ ନାମ ହେଉଛି ହେଲେନ ରୁଥ ଏଲାମ। କିନ୍ତୁ ସାରା ବିଶ୍ୱ ତାଙ୍କୁ ବାଡ୍ଡି ୱିଙ୍କଲ୍‌ଙ୍କ ନାମରେ ଜାଣେ। ସେ ୮୫ ବର୍ଷରେ ନାତୁଣୀ ପାଇଁ ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟିଥିଲେ। ସୂଚନାଯୋଗ୍ୟ, ୱିଙ୍କଲ ଆମେରିକାର ୱାକୋରେ ୬ ଏକର ଫାର୍ମ ହାଉସ୍‌ରେ ଏକ ସାଧାରଣ ଜୀବନ ବିତାଉଥିଲେ। ଥରେ ନାତୁଣୀ ତାଙ୍କୁ ଏକ ମଡେଲ ଡ୍ରେସ୍ ପିନ୍ଧାଇ ଫଟୋ ଉଠାଇ ଇଣ୍ଟରନେଟ୍‌ରେ ଛାଡି ଦେଇଥିଲେ। ପରେ ଉକ୍ତ ଫଟୋଟି ଭାଇରାଲ ହେବାରେ ଲାଗିଥିଲା। ୨୦୧୪ରେ ଗ୍ରାଣ୍ଡ୍ ମା’ ନିଜର ପ୍ରଥମ ଫଟୋ ଇନ୍‌ଷ୍ଟାଗ୍ରାମରେ ଛାଡିଥିଲେ। ଏପର୍ଯ୍ୟନ୍ତ ସେ ଇନ୍‌ଷ୍ଟାରେ ୩୩୦ଟି ଫଟୋ ପୋଷ୍ଟ ଶେୟାର କରିସାରିଲେଣି।

# ଇନ୍‌ଷ୍ଟାଗ୍ରାମର ସବୁଠୁ ଷ୍ଟାଇଲିଶ୍ ଗ୍ରାଣ୍ଡ୍ ମା’

# ବାହାହେବେ ବିଲ୍ ଗେଟସ୍‌ଙ୍କ ଝିଅ

**ୱାଶିଂଟନ:** ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟସ୍‌ଙ୍କ ଝିଅ ଜେନିଫର ଏବେ ବିବାହ କରିବାକୁ ଯାଉଛନ୍ତି। ଏକଥା ନିଜେ ଜେନିଫର ସୋସିଆଲ ମିଡିଆ ମାଧ୍ୟମରେ ଜଣାଇଛନ୍ତି। ସେ ମିଶରର ଘୋଡା ଚଢାଳି ନାୟେଲ ନାସ୍ସାରଙ୍କୁ ବିବାହ କରୁଛନ୍ତି ବୋଲି ଜଣାପଡିଛି। ଏବେ ଇନଷ୍ଟାଗ୍ରାମରେ ଜେନିଫର ଲେଖିଛନ୍ତି ନାୟେଲ ଆପଣ ଜଣେ ଭିନ୍ନ ବ୍ୟକ୍ତିତ୍ୱ। ମୁଁ ଆପଣଙ୍କ ସହ ଆଗାମୀ ଜୀବନ ବଢିବା ପାଇଁ, ବିତାଇବା ପାଇଁ, ହସିବା ପାଇଁ ଆଉ ଅପେକ୍ଷା କରିପାରିବି ନାହିଁ। ଜେନିଫରଙ୍କ ଏହି କଥାରୁ ସ୍ପଷ୍ଟ ହେଉଛି କି ସେ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ଏମାନଙ୍କର ସମ୍ପର୍କ ପୁରୁଣା। ଥରେ ଜେନିଫର ଏକ ସାକ୍ଷାତ୍‌କାରରେ କହିଥିଲେ ନାୟେଲଙ୍କୁ ସେ ଖୁବ୍ ପସନ୍ଦ କରନ୍ତି। ଘୋଡା ଚଢିବାରେ ସେ ଓସ୍ତାଦ୍ ଆଉ ମୋତେ ଏହା ଖୁବ୍ ପସନ୍ଦ। ତେଣୁ ଏହା ଆମ ସମ୍ପର୍କକୁ ଆହୁରି ମଜଭୁତ କରେ।





# କରୋନା ଆତଙ୍କ: ଲୋକେ ପିନ୍ଧୁଛନ୍ତି ପ୍ଲାଷ୍ଟିକ୍ ବ୍ୟାଗ୍

**ବେଜିଂ:** ଚାଇନାରେ ଦେଖାଦେଇଥିବା କରୋନା ଭୁତାଣୁ ସଂକ୍ରମଣ ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବିମାନ, ଟ୍ରେନ୍ ଅବା ବସ୍‌ରେ ଯାତ୍ରା କରିବା ସମୟରେ ଯାତ୍ରୀ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍ ତିଆରି ବ୍ୟାଗ୍ ଏବଂ କଣ୍ଟେନର ପିନ୍ଧୁଛନ୍ତି। ଏବେ ଏହାର ଫଟୋ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୟୁଜର ଏହାକୁ ଶେୟାର କରିବା ସହିତ ଲାଇକ୍ କରିବାରେ ଲାଗିଛନ୍ତି। ଫଟୋରେ କିଛି ଲୋକ ପ୍ଲାଷ୍ଟିକ୍ ବୋତଲ କାଟି ଏହାକୁ ହେଲମେଟ୍ ଭଳି ପିନ୍ଧିଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କରୋନା ଭୁତାଣୁ ସଂକ୍ରମଣରେ ଚାଇନାରେ ୧୭୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨,୧୬୭ ଜଣ ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି।




# ତାପସୀଙ୍କୁ ଶକ୍ତ ଚାପୁଡ଼ା

**ମୁମ୍ବାଇ:** ହିନ୍ଦୀ ସିନେମା ଜଗତରେ ଫିଲ୍ମ ‘ମୁଲ୍‌କ’ ଏବଂ ‘ଆର୍ଟିକଲ ୧୫’ ହେଉଛି ଏଭଳି ଦୁଇଟି ଫିଲ୍ମ, ଯାହା ଭାରତୀୟ ସମାଜକୁ ଏକ ସଶକ୍ତ ବାର୍ତ୍ତା ଦେଇଛି। ଫିଲ୍ମ ‘ମୁଲ୍‌କ’ରେ ସାମ୍ପ୍ରଦାୟିକତା ପ୍ରସଙ୍ଗକୁ ମୁଖ୍ୟ କଥାବସ୍ତୁ ଭାବେ ଦର୍ଶାଯାଇଥିବା ବେଳେ ‘ଆର୍ଟିକଲ୍ ୧୫’ରେ ଜାତିଆଣ ଭେଦଭାବ ସମସ୍ୟାକୁ ଉପସ୍ଥାପନ କରାଯାଇଛି। ଏଭଳି ଦୁଇଟି ଗମ୍ଭୀର ବିଷୟବସ୍ତୁକୁ ନେଇ ନିର୍ମିତ ଫିଲ୍ମର ନିର୍ଦ୍ଦେଶକ ଅନୁଭବ ସିହ୍ନା ପୁଣି ଏକ ଦମ୍‌ଦାର ବିଷୟ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛନ୍ତି। ସିହ୍ନାଙ୍କ ନିର୍ଦ୍ଦେଶିତ ଅପ୍‌କମିଂ ଫିଲ୍ମ ‘ଥପ୍ପଡ୍’ରେ ତାପସୀ ପନ୍ନୁ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ‘ଥପ୍ପଡ୍’ର ପ୍ରଥମ ଲୁକ୍ ଗୁରୁବାର ରିଲିଜ୍ ହୋଇଯାଇଛି। ପୋଷ୍ଟରରେ ତାପସୀଙ୍କୁ କେହି ଜଣେ ଶକ୍ତ ଚାପୁଡ଼ା ମାରିଲା ଭଳି ଦେଖିବାକୁ ମିଳିଛି। ତାଙ୍କ ମୁହଁରେ କଷ୍ଟ ଏବଂ ସନ୍ତାପର ଏକ ମିଶ୍ରିତ ଭାବ ଦେଖିବାକୁ ମିଳିଛି। ଏହି ପ୍ରଥମ ଲୁକ୍ ପୋଷ୍ଟରଟିକୁ ତାପସୀ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରିଛନ୍ତି। ଏହାସହ ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, "କ’ଣ ଏହା ଅତିସାଧାରଣ କଥାଟିଏ ? କ’ଣ ଭଲପାଇବାରେ ଏହା ମଧ୍ୟ ଉଚିତ ? ଏହା ହେଉଛି ଥପ୍ପଡ୍‌ର ପ୍ରଥମ ଝଲକ୍।" ଫିଲ୍ମର ପ୍ରଥମ ଲୁକ୍ ଆଉଟ୍ ହେବା ପରେ ସୋସିଆଲ୍ ମିଡିଆରେ ଏହା ଭାଇରାଲ୍ ହେବାରେ ଲାଗିଛି। ଫ୍ୟାନ୍‌ମାନେ ତାପସୀଙ୍କ ଏକ୍ସପ୍ରେଶନକୁ ଖୁବ୍ ପସନ୍ଦ କରୁଛନ୍ତି। ତେବେ ଟ୍ରେଲର୍ ରିଲିଜ୍ ପରେ ହିଁ ଫିଲ୍ମର କାହାଣୀ ବାବଦରେ ଅଧିକ ଜାଣିହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଏନେଇ କୌଣସି ତଥ୍ୟ ମିଳିନାହିଁ। ଶୁକ୍ରବାର ଫିଲ୍ମର ଟ୍ରେଲର୍ କରାଯିବ। ତାପସୀଙ୍କ ବ୍ୟତୀତ ଫିଲ୍ମରେ ରତ୍ନା ପାଠକ, ମାନବ କୌଲ୍, ଦିୟା ମିର୍ଜା, ରାମ କପୁର ଏବଂ ତନ୍‌ୱି ଆଜ୍‌ମୀଙ୍କ ଭଳି କଳାକାରମାନେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହାଛଡ଼ା ତାପସୀଙ୍କୁ ଫିଲ୍ମ ‘ସାବାସ୍ ମିଥୁ’ରେ ମଧ୍ୟ ଦେଖିବାକୁ ମିଳିବ। ଏଥିରେ ସେ ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ମିଥାଲୀ ରାଜଙ୍କ ଭୂମିକାରେ ନଜରକୁ ଆସିବେ।

**କୋଲ୍‌କାତା:** ଚଳିତବର୍ଷ ବସନ୍ତ ପଞ୍ଚମୀ କେତେକ ଅଞ୍ଚଳରେ ବୁଧବାର ଏବଂ ଆଉ କେତେକ ଅଞ୍ଚଳରେ ଗୁରୁବାର ପାଳନ କରାଯାଉଛି। ପଶ୍ଚିମବଙ୍ଗର କୋଲ୍‌କାତାରେ ବୁଧବାର ଜ୍ଞାନଦାତ୍ରୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏଠାରେ ବସନ୍ତ ପଞ୍ଚମୀ ଏକ ପ୍ରମୁଖ ପୂଜା। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଥାଏ। ତେଣୁ ଏହି ଦିନ ପୂଜାରୀମାନଙ୍କ ଚାହିଦା(ଡିମାଣ୍ଡ)ବେଶି। ପ୍ରତ୍ୟେକ ସ୍ଥାନରେ ପୂଜା ଯୋଗୁ ପୂଜାରୀ ମିଳିବା କଷ୍ଟକର ହୋଇପଡ଼ିଥାଏ। କୋଲ୍‌କାତାର ବେହଲା ଅଞ୍ଚଳର ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଅଞ୍ଚଳର ଏକ କ୍ଲବ୍‌ରେ ପୂଜା ଆୟୋଜନ କରାଯାଇଥିବାବେଳେ ପୂଜାରୀ ମିଳି ନ ଥିଲେ। ଫଳରେ ଜଣେ ପୂଜାରୀଙ୍କୁ ପୂଜା କରିବାକୁ ନେହୁରା ହୋଇଥିଲେ। ହେଲେ ସେ ମନା କରିଥିଲେ। ଶେଷରେ ଟାଣି ଟାଣି ନେଉଥିବା ନଜରକୁ ଆସିଛି। ଏପରିକି ପୂଜାରୀ କାଳେ ଅଧା ପୂଜା କରି ଚାଲିଯିବେ, ସେଥିପାଇଁ ପୂଜା ଶେଷହେବା ପର୍ଯ୍ୟନ୍ତ ତାଙ୍କୁ କବାଟ ବନ୍ଦ କରି ରଖାଯାଇଥିବା ଜଣାପଡ଼ିଛି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।



# ପୂଜାରୀଙ୍କ ଏତେ ଡିମାଣ୍ଡ ଟାଣି ନେଲେ ଯଜମାନ



# ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

## HINDI

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

**1. एक-एक वाक्य में उत्तर दीजिए । [1×5=5**
(क) कोयल कैसे दूसरों को अपना कर लेती है?
(ख) ठाकुर साहब की किराया देने को बात सुनकर मुसाफिर ने क्या कहा?
(ग) संन्यासी अपनी इच्छा से क्या छोड़ देते हैं?
(घ) लेखिका के घर पर गिल्लू कितने साल रहा?
(ङ) ओड़िशा के कहाँ-कहाँ मंदिर आज भी सिर उठाए खड़े है?

**2. एक-एक शब्द में उत्तर दीजिए । [1×5=5**
(क) भाषा द्वारा किसकी रक्षा होती है?
(ख) मुंशी जी को किससे अस्पताल पहुँचाया गया?
(ग) स्वामीजी ने किनको मानव-सेवा में लगाया?
(घ) लेखिका कभी-कभी गिल्लू को पकड़कर कहाँ रख देती थीं?
(ङ) खारबेल मगध से क्या वापस ले आए थे?

**3. खाली जगहों को भरिए। [1×5=5**
(क) बचनों का आकर्षण ______ के तत्वाकर्षण से बढ़कर है।
(ख) पंड़ित जी घर पहुँचे तो उनके ______ में बड़ा परिवर्त्तन हुआ।
(ग) ______ में भारत के लोग कोशिश करके भी पराजित हो गए थे।
(घ) कौन जाने ______ के बहाने वही मुझे चौंकाने ऊपर आ गया है।
(ङ) इन लोगों ने ______ दे दिए, मगर अन्याय नहीं सहा।

**4. एक-एक वाक्य में उत्तर दीजिए । [1×5=5**
(क) झूठ के बराबर क्या नहीं है ?
(ख) विचार करके वचन कहने से क्या होता है ?
(ग) यशोमती क्या देखकर हर्षित हो जाती हैं ?
(घ) भाड़े में कुरता लाने की बात सुनकर माँ ने बेटे से क्या कहा?
(ङ) चोंच में तिनका लेकर जाने वाली चिड़िया किसे नीचा दिखाती है?

**5. एक-एक शब्द में उत्तर दीजिए। [1×5=5**
(क) राजा शिवि ने क्या दान दिया था?
(ख) लोग किसमें मदांध हो जाते हैं?
(ग) तेरे लिए एक तिनका बहुत है - यह किसने कहा?
(घ) किसके आह्वान से लोग निर्माण में लग जाते हैं?
(ङ) हमें किस पर नहीं सोचना चाहिए?

**6. निर्देशानुसार उत्तर दीजिए । [1×5=5**
(क) विलोम शब्द लिखिए – जाड़ा ।
(ख) समानार्थी शब्द लिखिए – गम ।
(ग) वर्तनी शुद्ध कीजिए – बदोलत ।
(घ) सही रूप क्या होगा – लड़का + ने ।
(ङ) वाक्य शुद्ध कीजिए – पंजे ठंड़ा हो रहा था।

**7. निर्देशानुसार उत्तर दीजिए। [1×5=5**
(क) बहुवचन रूप लिखिए – हवा ।
(ख) एकवचन रूप लिखिए – सफलताएँ ।
(ग) कौन-सा शब्द पुंलिंग है – मेला, माला, सुराही ।
(घ) अव्यय छाँटिए – वह निकट पहुँच गया।
(ङ) लिंग बदलिए – पंडित ।

**8. निर्देशानुसार उत्तर दीजिए। [1×5=5**
(क) सही परसर्ग भरिए – गाड़ी ______ जगह की कमी थी।
(ख) उपसर्ग छाँटिए – उत्कृष्ट ।
(ग) प्रत्यय पहचानिए – बचपन
(घ) रेखांकित पद कौन-सा सर्वनाम है ?
जो इस लता के पास बैठता था।
(ङ) रेखांकित पद किस कारक में है ?
जब मैं लिखने बैठती।

**9. निर्देशानुसार उत्तर दीजिए। [1×5=5**
(क) प्रथम प्रेरणार्थक क्रिया-रूप लिखिए – देखना ।
(ख) सकर्मक क्रिया छाँटिए – जीना, चौंकना, खाना ।
(ग) सही क्रिया-पद लिखिए – नेता काम में जुट ।
(जाए, गए, जाएगा)
(घ) अकर्मक क्रिया छाँटिए : चखना, लेना, पड़ना ।
(ङ) भूतकाल में बदलिए : रहीम पढ़ेगा ।

**10. निर्देशानुसार उत्तर दीजिए। [1×5=5**
(क) 'कोयला' शब्द कौन-सी संज्ञा है?
(ख) विशेषण छाँटिए : इतिहास का अब दूसरा पन्ना देखें।
(ग) 'चढ़ना' का भाववाचक संज्ञा रूप क्या है ?
(घ) संयुक्त क्रिया कौन-सी है ? (मार डालना, मारना, मारकर)
(ङ) वे + ने का रूप क्या होगा?

### PART – II (SUBJECTIVE)

**1. निम्नलिखित प्रश्नों में से किन्हीं दो के उत्तर (प्रत्येक दो-तीन वाक्यों) में दीजिए : [5×2=10**
(i) पंडित चन्द्रधर पर उनके अफसर क्यों खुश थे?
(ii) विवेकानन्द का व्यक्तित्व कैसा था?
(iii) ई.पू. तीसरी शताब्दी में कलिंग के सैनिकों ने क्या किया?

**2. निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए : [5×2=10**
(i) साँच बराबर तप नहीं झूठ बराबर पाप ।
जाके हिरदै साँच है ताके हिरदै आप ।।
(ii) अनर्थ है कि बंधु ही न बंधु की व्यथा हरे।
वही मनुष्य है कि मनुष्य के लिए मरे।।
(iii) ऐंठता है तू किसलिए इतना रहा।
एक तिनका है बहुत तेरे लिए ।।

**3. निर्देशानुसार निम्नलिखित प्रश्नों के उत्तर दीजिए : [2×5=10**
(i) रेखांकित शब्द का लिंग बदलकर वाक्य को फिर से लिखिए :
दो छात्र आ रहे हैं।
(ii) रेखांकित शब्द का वचन बदलकर वाक्य को फिर से लिखिए :
बुढ़िया कहानी कहती है।
(iii) निम्नलिखित वाक्य को शुद्ध करके लिखिए :
माता बच्चे को कहानी सुनाया।
(iv) 'साधन' शब्द को प्रयोग करके एक सार्थक वाक्य बनाइए।
(v) लड़की ने काम समाप्त कर दिया। – इस वाक्य को भविष्यत काल में बदलकर लिखिए।

**4. निम्नलिखित किन्हीं पाँच वाक्यों का हिन्दी में अनुवाद कीजिए : [2×5=10**
(i) ଆମ ଦେଶରେ ଅନେକ ତୀର୍ଥସ୍ଥାନ ରହିଅଛି।
(ii) ଆକାଶର ରଙ୍ଗ ନୀଳ।
(iii) ବାପା ରୁଟି ଖାଇଲେ ଓ ପାଣି ପିଇଲେ।
(iv) ରେଳଗାଡ଼ି ଠିକ୍ ସମୟରେ ପହଁଞ୍ଚିଲା।
(v) ଦିଲ୍ଲୀ ନିକଟରେ ଯମୁନା ନଦୀ ବହୁଅଛି।
(vi) ମୋଗଲ ବାଦଶାହ ଶାହାଜାହାନ ତାଜମହଲ ନିର୍ମାଣ କରିଥିଲେ।
(vii) ମୋ ବହିଟି କିଏ ନେଲା ?
(viii) ଜୋତା ଖୋଲି ଘର ଭିତରକୁ ଆସ।

**5. निम्नलिखित अनुच्छेद को पढ़कर पूछे गये प्रश्नों के उत्तर दीजिए : [2×5=10**
प्राय: सभी देवी-देवताओं को कोई न कोई वाद्यप्रिय है। सरस्वती वीणा प्रिया हैं। गजानन को मृदंगप्रिय है। वीणा सभी देवी को प्रिय है। उसका 'ध्वनिमाला' नाम सार्थक है। शंख के अभाव में देवी-देवताओं के हाथ शोभा नहीं पाते। कृष्ण का पंचजन्य शंख ख्यात था, कुछ देवियों के कर में घंटा भी है। भारत में युद्ध, गांधर्व भी था। रण में आउमार, शंख, पटह, मुरज आदि अनेक वाद्य बजाये जाते थे। अतिम संस्कार भी संगीत से परे न था। रावण की अंतिम क्रिया पर तूर्य आदि वाद्य बजाए जा रहे थे। दशरथ की अन्त्यष्टि पर साम गान हो रहा था। सप्तर्षियों के आश्रम में भी राम के गीत-गुंजरित पाये थे। राम से मिलने जा रहे थे भरत जब भरद्वाज के आश्रम में अतिथि बने तो उनकी अभ्यर्थना में संगीत सभा हुई थी।
(i) सरस्वती देवी किस यंत्र की प्रिया हैं?
(ii) कौन-सा वाद्ययंत्र सभी देवों को प्रिय है?
(iii) भगवान कृष्ण का कौन-सा शंख ख्यात था?
(iv) रावण की अंतिम क्रिया पर कौन-सा वाद्य बजाए जा रहे थे?
(v) भरद्वाज के आश्रम में भरत को किस प्रकार अभ्यर्थना की गई थी?

### उत्तर : PART – I (OBJECTIVE)

1. (क) कोयल अपनी मीठी बोली से दूसरों को अपना कर लेती है।
(ख) ठाकुर साहब को किराया देने की बात सुनकर मुसाफिर ने कहा कि तुमने जिसे किराया दिया है उससे जाकर जगह माँगो।
(ग) संन्यासी अपनी इच्छा से घर-बार छोड़ देते हैं।
(घ) लेखिका के घर पर गिल्लू दो साल रहा।
(ङ) ओड़िशा के भुवनेश्वर, पुरी, कोणार्क के मंदिर आज भी सिर उठाए खड़े हैं।
2. (क) हमारे ज्ञान और अनुभव की। (ख) डोली से (ग) अनुयायियों को (घ) लिफाफे में (ङ) कलिंग जिन
3. (क) न्यूटन, (ख) स्वभाव, (ग) १८५७ में (घ) स्वर्णिम कली, (ङ) प्राण
4. (क) झूठ के बराबर पाप नहीं है।
(ख) विचार करके वचन कहने से परिणाम हितकर होता है।
(ग) यशोमती मोहन की रिसीभरी बातें सुनकर हर्षित हो जाती हैं।
(घ) भाड़े में कुरता लाने की बात सुनकर माँ ने बेटे से कहा कि तू रोज घटता-बढ़ता रहता है, इसलिए एक नाप नहीं मिलती।
(ङ) चोंच में तिनका लेकर जाने वाली चिड़िया उनचास पवन को नीचा दिखाती है।
5. (क) मांस, (ख) तुच्छ वित्त में, (ग) समझ ने, (घ) नेह, (ङ) बीते दुखद जीवन का।
6. (क) गर्मी (ख) दु:ख (ग) बदौलत (घ) लड़के ने (ङ) पंजे ठंडे हो रहे थे।
7. (क) हवाएँ (ख) सफलता (ग) मेला (घ) निकट (ङ) पंडिताइन
8. (क) में (ख) उत् (ग) पन (घ) संबंधवाचक (ङ) कर्ता
9. (क) दिखाना (ख) खाना (ग) गए (घ) पड़ना (ङ) रहीम ने पढ़ा।
10. (क) द्रव्यवाचक संज्ञा (ख) दूसरा (ग) चढ़ाई (घ) मार डालना (ङ) उन्होंने

### उत्तर : PART – II (SUBJECTIVE)

1.(i) पंडित चन्द्रधर पर उनके अफसर इसलिए खुश थे कि पंडित जी अपने काम में कोई कमी न होने देते थे। वे ठीक समय पर विद्यालय जाते थे, मन लगाकर पढ़ाते और देर करके आते थे।
(ii) विवेकानंद देखने में सुन्दर, बड़े ज्ञानी, सरल, पंडित, विनयी और मिष्टभाषी थे। वे प्रचंड प्रतिभा के धनी थे।
(iii) ई.पू. तीसरी शताब्दी में कलिंग के सैनिकों ने विशाल मगध सेना के दाँत खट्टे कर दिए। सम्राट अशोक का डटकर मुकावला किया। जानें दीं पर जमीन नहीं दी।
2. (i) संत कबीरदास कहते हैं सत्य हमेशा महान होता है। संसार में सत्य के समान तपस्या या ज्ञान नहीं। उसी प्रकार झूठ के समान पाप या बुरा काम नहीं है। जिसके हृदय में सत्य का निवास है अर्थात् जो सत्यवादी होता है, उसके निर्मल हृदय में भगवान निवास करते हैं।
(ii) कवि मैथिलीशरण गुप्त का कहना है कि एक मित्र दूसरे मित्र की पीड़ा को दूर नहीं करता, वह मित्रता का धर्म नहीं निभाता है। यही संसार में सबसे बड़ा अनर्थ है। जो दूसरों केलिए मर मिटता है, वही सच्चा मनुष्य है।
(iii) जब किसी तरह कवि की आँख से तिनका निकल गया, तो मानो कवि के विवेक ने उन्हें तान मारकर कहा तू इतना अकड़ क्यों दिखा रहा है? तेरे अहंकार को दूर करने केलिए एक छोटा-सा तिनका काफी है।
3. (i) दो छात्राएँ आ रही हैं।
(ii) बुढ़ियाँ कहानियाँ कहती हैं।
(iii) माता ने बच्चे को कहानी सुनायी।
(iv) आपके पास जाने-आने का कोई **साधन** नहीं है।
(v) लड़की काम समाप्त कर देगी।
4. (i) हमारे देश में बहुत-से तीर्थस्थान हैं।
(ii) आसमान का रंग नीला होता है।
(iii) पिताजी ने रोटी खाई और पानी पिया।
(iv) रेलगाड़ी सही समय पर पहुँची।
(v) दिल्ली के निकट यमुना नदी बह रही है।
(vi) मुगल बादशाह शाहजाहान ने ताजमहल का निर्माण किया था।
(vii) किसने मेरी किताब ली?
(viii) जूते खोलकर घर के अंदर आओ।
5. (i) सरस्वती देवी वीणा-यंत्र की प्रिया हैं।
(ii) वीणा वाद्ययंत्र सभी देवों को प्रिय है।
(iii) भगवान कृष्ण का पंचजन्य शंख ख्यात था।
(iv) रावण की अंतिम क्रिया पर तूर्य वाद्य बजाए जा रहे थे।
(v) भरद्वाज के आश्रम में भरत की अभ्यर्थना में संगीत सभा हुई थी।

❑❑❑

## SANSKRIT

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

**1. अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत। [1×5=5**
कश्चन ग्राम: । तत्र कश्चन वटवृक्ष: आसीत् । तस्मिन् वृक्षे कश्चित् सर्प: वसति स्म । स: अतीव विषधर: आसीत् । वृक्षस्य समीपे मार्गेण आगतान् सर्वान् अपि स: दशति स्म । तस्मात् कारणात् ग्रामजना: तेन मार्गेण गमनागमनं कर्त्तुं भयम् अनुभवन्ति स्म । एकदा कश्चन मुनि: तेन एव मार्गेण गच्छन् आसीत् । तं दृष्ट्वा सर्प: 'एष: दशनीय:' इति वेगेन तत्र आगतवान् । परन्तु महात्मन: तप: प्रभावत: सर्प: तं दष्टुं न शक्त: । मुनि: अपि तं सर्पम् अहिंसाया: महत्त्वं बोधितवान्। सर्प: मुने: वचनेन प्रभावित: अभवत् । तदारभ्य स: दंशनं त्यक्तवान् । यद्यपि सर्प: विषधर: तथापि इदानीं स: विषहीन: इव व्यवहरति । अत: जना: निर्भयं गमनागमनं कुर्वन्ति स्म । दुष्टा: बाला: तस्य उपरि शिलाखण्डं क्षिपन्ति, पीडयन्ति स्म । परन्तु सर्प: शान्ततया तेषां पीड़ां सहते स्म । कानिचन दिनानि अतीतानि । स: मुनि: यदा तत्र आगतवान्, तदा सर्पस्य शरीरं क्षतविक्षतम् आसीत् । स: मुनिम् उक्तवान् - "स्वामिन् ! भवत: उपदेशकारणत: अहं हिंसाचरणं त्यक्तवान् । परन्तु मम स्थिति: शोचनीया जाता अस्ति" । तदा मुनि: उक्तवान् – "भो: मित्र ! अन्यान् मा दशतु परन्तु फुत्कारं मा त्यजतु ।"
सर्प: तथा कृतवान् । फलत: कोऽपि तस्य समीपं नागत: । स हिंसां त्यक्त्वाऽपि शान्त्या वसति स्म । मुने: उपदेशात् सर्प: नूतनं जीवनदर्शनं प्राप्तवान् । शक्तिमान् भव, परन्तु अपराणामनिष्टं मा कुरु ।
(i) कश्चित् सर्प: कुत्र वसति स्म ?
(ii) एकदा क: तेन एव मार्गेण गच्छन् आसीत् ?
(iii) परन्तु महात्मन: कस्मात् कारणात् सर्प:तं दष्टुं न शक्त: ?
(iv) यद्यपि सर्प: विषधर: तथापि इदानीं स: कीदृशं व्यवहरति ?
(v) शक्तिमान् भव, किन्तु अपरणांा किं मा कुरु ?

**2. प्रदत्तवाक्येषु रेखाङ्कितपदानां सकारणं विभक्तिं लिखत। [1×5=5**
(i) कुत्र वा मे अम्वा।
(ii) तस्यगम्भीरस्वर: श्रोतृणां हृदयानि स्पृशति?
(iii) वायुमण्डलस्य विषक्रियाम् अग्नि: नाशयति?
(iv) एवं विचिन्त्य तं पृष्ठे समारोप्य तां शिलामुद्दिश्य प्रस्थित:।
(v) शिष्यै: सार्द्धमरण्यं गत्वा तम् आहूतवान्।

**3. शुद्धं सन्धिविधानं विच्छेदं कुरुत। [1×5=5**
(i) वृत्ति + अर्थम् (ii) अस्ति + अस्य
(iii) एकस्य + अपि (iv) मासर्तु: = (v) विमानैर्वा =

**4. शुद्धं समासनाम / समस्त पदं / व्यासवाक्यं लिखत। [1×5=5**
(i) पादच्छाया = ______ षष्ठी तत्पुरुष:
(ii) ______ = धर्मस्य ज्ञ: = षष्ठी तत्पुरुष:
(iii) बालमृगेन्द्रम् = ______ = कर्मधारय:
(iv) विश्वकल्याणार्थम् = विश्वकल्याणाय इदम् = ______
(v) ______ = रोगं जनयति इति = उपपद तत्पुरुष:

**5. प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत। [1×5=5**
(i) वृक्ष: वायुमण्डलात् अङ्गाराम्लं गृहीता अङ्गारं सचिनोति।
(ii) भवतु ! महयम् अयं न गणयति।
(iii) राम: अयोध्याम् आस्ते।
(iv) धन विना जीवनं वृथा।
(v) माधव: पितरं निलीयते।

**6. एकपदेन स्त्रीप्रत्ययरूपं लिखत। [1×5=5**
(i) पश्यति या (ii) गौपस्य स्त्री (iii) गुणिन: स्त्री
(iv) धार्मिकस्य स्त्री (v) बालस्य स्त्री प्रत्यये

**7. अधोलिखितानि पदानि व्यवहृत्य पृथक् वाक्यानि रचयत। [1×5=5**
(i) विश्वास: (ii) सम्यक् (iii) अभिक्रुध्यति (iv) पुरत: (v) यावत्

**8. शून्यस्थाने शुद्धं प्रकृतिं/ प्रत्ययं लिखत। [1×5=5**
(i) वाध्यमान = वाध् + ______
(ii) विकास: = वि + ______ + घञ्
(iii) शान्ति: = शम् + ______
(iv) काम: = ______ + घञ्
(v) परिष्वज्य = परि + स्वज् + ______

**9. प्रदत्तवाक्येषु रेखाङ्कितपदानां मातृभाषया अर्थं लिखत। [1×5=5**
(i) ये त्वया कीर्त्तिता: दोषा:।
(ii) अहनि अहनि भूतानि गच्छन्तीह यमालयम्।
(iii) वत्स ! एनं बालमृगेन्द्रं मुञ्च !
(iv) स: यथा वदति तथा स्वजीवने आचरति।
(v) परिवेषस्तु परिधि: उपसूर्यकमण्डले।

**10. प्रदत्तवाक्येषु रेखाङ्कितपदानि आधृत्य प्रश्ननिर्माणं कुरुत। [1×5=5**
(i) सृष्टिप्रक्रियायां पञ्च महाभूतानि परस्परं संशिलष्टानि।
(ii) तस्मादद्य मे प्राणत्राणं कुरु।
(iii) गुरु: तं सर्वेभ्य: न्यवारयत्।
(iv) तस्य गम्भीरस्वर: श्रोतृणां हृदयानि स्पृशति स्म।
(v) रक्षाकरण्डकमस्य मणिबन्धे न दृश्यते।

### PART – II (SUBJECTIVE)

**11. निजभाषया वाक्यत्रयेण प्रश्नद्वयस्य उत्तरं लिखत: [5×2=10**
(क) "नामसादृश्येन वञ्चित: मातृवत्सल:" इति कथं तापसीद्वयम् अकथयत्?
**अथवा**, विवेकानंदस्य अमृता वाणी धरापृष्ठं चिरस्रोता गङ्गेव केन रूपेण पवित्री करोति?
(ख) पर्यावरणे कानि गृहीतानि वर्त्तन्ते?
**अथवा**, उपमन्यु: गुरो: पुरत: वृत्तिविषये किं वदति स्म?

**12. निजभाषया वाक्यत्रयेण प्रश्नद्वयस्य उत्तरं लिखत: [5×2=10**
(क) युधिष्ठिरस्य मतेन क: पण्डित: ? क: नास्तिक: ? क: मूर्ख: ? क: काम: ? कश्च मत्सर: ?
**अथवा**, काल: पाककार्यं केन रूपेण करोति?
(ख) राम: सीतां बाहुभ्यां परिष्वज्य किम् उवाच?
**अथवा**, वने कुत्र सुप्यते?

**13. निजभाषया संक्षेपेण उत्तरं लिखत : [2×5=10**
(क) परदारपरिग्रह: किं भवति?
(ख) विवेकानन्दस्य पिता कीदृश: आसीत्?
(ग) येन सर्वं व्याप्तं भवति स: क:?
(घ) तदद्य एनं कुलीरकं किं करोमि?
(ङ) साधूक्तम् - कया किं न सिध्यति?

**14. निजभाषया संक्षेपेण उत्तरं लिखत : [2×5=10**
(क) एक: मुनि: यस्य मतं किं न?
(ख) क: साधु: भवति?
(ग) सर्व सुखैषित्वं किं भवति?
(घ) नारी कस्य भाग्यं प्राप्नोति?
(ङ) सर्वावस्थागता भर्त्तु: का विशिष्यते?

**15. संस्कृतभाषया अनुवादं कुरुत : [2×5=10**
(କ) ଶିକ୍ଷକ ଛାତ୍ରମାନଙ୍କୁ ସ୍ନେହ କରନ୍ତି।
(ଖ) ତୃଷାର୍ତ୍ତଲୋକକୁ ପାଣି ଦିଅ।
(ଗ) ବାପା ମାସକୁ ଚାରିଥର ଘରକୁ ଆସନ୍ତି।
(ଘ) ବର୍ତ୍ତମାନ ଛାତ୍ରମାନେ ଅଧ୍ୟୟନରୁ ବିରତ ହେଉଛନ୍ତି।
(ଙ) ଖାଇବା ପୂର୍ବରୁ ହାତ ଧୋଇବା ଉଚିତ।
(ଚ) ଅଜାଙ୍କ ସହ ନାତିମାନେ ଖେଳୁଥିଲେ।
(ଛ) ଗ୍ରାମର ସବୁଠାରେ ଶାନ୍ତି ଦେଖାଯାଉଛି।
(ଜ) ମୋତେ ଭ୍ରମଣ ଭଲ ଲାଗେ ନାହିଁ।

### ଉତ୍ତର - PART – I (OBJECTIVE)

1. (i) ବଟବୃକ୍ଷେ, (ii) କଶ୍ଚନ ମୁନିଃ, (iii) ତପଃପ୍ରଭାବତଃ, (iv) ବିଷହୀନଃ ଇବ, (v) ଅନିଷ୍ଟମ୍
2. (i) କର୍ତ୍ତରି ୧ମା, (ii) ସମ୍ବନ୍ଧେ ୬ଷ୍ଠୀ, (iii) କର୍ମଣି ୨ୟା (iv) ଅଧିକରଣେ ୭ମୀ , (v) ସାର୍ଦ୍ଧଂ ଯୋଗେ ୩ୟା
3. (i) ବୃତ୍ତ୍ୟର୍ଥମ୍, (ii) ଅସ୍ତ୍ୟସ୍ୟ, (iii) ଏକସ୍ୟାପି, (iv) ମାସ + ଋତୁ, (v) ବିମାନୈଃ + ବା
4. (i) ପାଦୟୋଃ ଛାୟା, (ii) ଧର୍ମଜ୍ଞଃ, (iii) ବାଳଃ ମୃଗେନ୍ଦ୍ରଃ ତମ୍, (iv) ନିତ୍ୟ ସମାସ, (v) ରୋଗଂ ଜନୟତି ଇତି
5. (i) ସଞ୍ଚିନୋତି, (ii) ମାମୟମ୍, (iii) ଅଯୋଧ୍ୟାୟାମ୍, (iv) ଧନମ୍, (v) ପିତୁଃ
6. (i) ପଶ୍ୟନ୍ତୀ (ii) ଗୋପୀ (iii) ଗୁଣିନୀ (iv) ଧାର୍ମିକୀ (v) ବାଲା
7. (i) ତ୍ୱୟି କଃ ବିଶ୍ୱାସଃ।, (ii) ମାର୍ଗଃ ସମ୍ୟକ୍ ନାସ୍ତି। (iii) ଶିକ୍ଷକଃ ଛାତ୍ରମ୍ ଅଭିକ୍ରୁଧ୍ୟତି।, (iv) ମମ ପୁରତଃ ଗାବଃ ଚରନ୍ତି। (v) ମନ୍ଦିରଂ ଯାବତ୍ ଆଗଚ୍ଛ।
8. (i) ଶାନଚ୍ (ii) କସ୍ (iii) କ୍ତିନ୍ (iv) କମ୍ (v) ଲ୍ୟପ୍
9. (i) କହିଲେ / ବର୍ଣ୍ଣନା କଲେ, (ii) ପ୍ରତିଦିନ, (iii) ଛୋଟ ସିଂହକୁ / ସିଂହ ଶିଶୁକୁ, (iv) ନିଜ ଜୀବନରେ, (v)ବଳୟ
10. (i) କୁତ୍ର ପଞ୍ଚମହାଭୂତାନି ପରସ୍ପରଂ ସଂଶ୍ଲିଷ୍ଟାନି ?
(ii) ତସ୍ମାତ୍ ଅଦ୍ୟମେ କିଂ କୁରୁ ?
(iii) ଗୁରୁଃ ତଂ କେଭ୍ୟଃ ନ୍ୟବାରୟତ୍ ?
(iv) ତସ୍ୟ ଗମ୍ଭୀରସ୍ୱରଃ କେଷାଂ ହୃଦୟାନି ସ୍ପୃଶତି ସ୍ମ ?
(v) ରକ୍ଷାକରଣ୍ଡକମସ୍ୟ କୁତ୍ର ନ ଦୃଶ୍ୟତେ ?

### ଉତ୍ତର - PART – II (SUBJECTIVE)

11.(क) ସିଂହ ଶିଶୁଟିକୁ ସର୍ବଦମନ କବଳରୁ ମୁକ୍ତ କରିବାପାଇଁ ସୁବ୍ରତା ନାମ୍ନୀ ତାପସୀ ମାଟି ମୟୂର ଆଣି ବାଳକକୁ ଦେଲା। ମୟୂରର ସୌନ୍ଦର୍ଯ୍ୟ ସମ୍ବନ୍ଧରେ କହିଲା ଯେ ଶକୁନ୍ତଲାବଣ୍ୟ ପଶ୍ୟ – ତାପସୀର କଥାରୁ 'ଶକୁନ୍ତଳା' ଏହି ଶବ୍ଦ ଶୁଣି ବାଳକଟି ମୋ ମା' କାହାନ୍ତି ବୋଲି ପଚାରିଲା। ଏଥିପାଇଁ ତାପସୀଦ୍ୱୟ ନାମ ସମାନ ଥିବାରୁ ମାତୃବତ୍ସଳ ପୁଅଟି ଠକିଗଲା ବୋଲି କହିଥିଲେ।
**अथवा**, ବିବେକାନନ୍ଦଙ୍କ କାଳଜୟୀ ଉଦ୍‌ବୋଧନ ଜନତାଙ୍କୁ ଜାଗ୍ରତ କରିଥାଏ। ଏହି ବାଣୀ ସଂସାରସାଗରରେ ଜୀବନ ରୂପକ ପୋତକୁ ନିର୍ବାହ କରୁଥିବା ଲୋକମାନଙ୍କୁ କୂଳକୁ ଆଣିବାର ଦିଗ୍‌ଦର୍ଶନ ଦେଇଥାଏ। ଏହି ଯୋଗଜନ୍ମଙ୍କ ଚିରସ୍ରୋତା ଗଙ୍ଗା ପ୍ରବାହ ରୂପକ ଅମୃତବାଣୀ ଆଜି ମଧ୍ୟ ଧରାପୃଷ୍ଠକୁ ପବିତ୍ର କରୁଅଛି।
(ख) ଚାରିପଟର ଆବରଣକୁ ପର୍ଯ୍ୟାବରଣ କୁହାଯାଏ। ସୂକ୍ଷ୍ମ ମହାଭୂତ ଆକାଶଠାରୁ ବାୟୁ, ଅଗ୍ନି, ଆପ ଓ ପୃଥିବୀ ପର୍ଯ୍ୟନ୍ତ ସ୍ଥୂଳ ମହାଭୂତ ଅଟନ୍ତି। ପର୍ଯ୍ୟାବରଣରେ ଏହି ମହାଭୂତଗୁଡ଼ିକୁ ଗ୍ରହଣ କରାଯାଏ।
**अथवा**, ଉପମନ୍ୟୁ ଗୁରୁଙ୍କ ଆଦେଶକ୍ରମେ ବନକୁ ଗୋଚରଣ ନିମିତ୍ତ ଯାଇଥାଏ। ସନ୍ଧ୍ୟାରେ ଗୁରୁଙ୍କୁ ପ୍ରଣାମ କରିବା ସମୟରେ ସେ ତାଙ୍କୁ ବୃତ୍ତି ସମ୍ବନ୍ଧରେ ପ୍ରଶ୍ନ କରନ୍ତି। ଉତ୍ତରରେ ଉପମନ୍ୟୁ ଜଣାଇଥାଏ ଯେ ଭିକ୍ଷା ଆଚରଣ କରି ଜୀବିକା ନିର୍ବାହ କରୁଛି ବୋଲି।
12. (क) ଯୁଧିଷ୍ଠିରଙ୍କ ମତରେ ଧର୍ମଜ୍ଞ ବ୍ୟକ୍ତି ହିଁ ପଣ୍ଡିତ ଏବଂ ମୂର୍ଖ ବ୍ୟକ୍ତି ନାସ୍ତିକ ଅଟେ। ସେହିପରି ନାସ୍ତିକକୁ ମୂର୍ଖ ବୋଲି କୁହାଯାଇଥାଏ। ସାଂସାରିକ ବିଷୟ-ବାସନା ପ୍ରତି ଆସକ୍ତିକୁ କାମନା କୁହାଯିବା ସହ ହୃଦୟର କ୍ଷୋଭକୁ ପରଶ୍ରୀକାତରତା ବୋଲି ବର୍ଣ୍ଣନା କରାଯାଇଛି।
**अथवा**, କାଳ ପ୍ରାଣୀଜଗତକୁ ପୃଥିବୀରୂପକ ଭାଣ୍ଡରେ ଭରି ଆକାଶକୁ ଢାଙ୍କୁଣୀ କରିଛି। ସୂର୍ଯ୍ୟରୂପକ ଅଗ୍ନିକୁ ଦିନରାତିରୂପକ କାଠାରେ ଜଳାଉଛି। ମାସ ଋତୁରୂପକ ଡଙ୍କିରେ ପାକଯୋଗ୍ୟ ପ୍ରାଣୀମାନଙ୍କୁ ଘାଣ୍ଟି ପାକକାର୍ଯ୍ୟ ସମ୍ପାଦନ କରୁଛି।
(ख) ସୀତା ଅକାଟ୍ୟ ଯୁକ୍ତିବଳରେ ସ୍ୱାମୀଙ୍କ ସହ ବନକୁ ଯିବାପାଇଁ ଇଚ୍ଛାକରିଥିଲେ ମଧ୍ୟ କାଳେ ସ୍ୱାମୀ ତାଙ୍କୁ ବନକୁ ନ ନେବେ ସେଥିପାଇଁ ସେ ମୂହ୍ୟମାନ ହୋଇଯାଇଥିଲେ। ଫଳରେ ରାମ ତାଙ୍କୁ ବାହୁଯୁଗଳରେ ଆଲିଙ୍ଗନ କରି ସଚେତନ କରିଥିଲେ। ବର୍ତ୍ତମାନ ବନକୁ ଯିବାପାଇଁ ସମସ୍ତ ପୂର୍ବ କାର୍ଯ୍ୟମାନ ଆରମ୍ଭ କର କାରଣ ବର୍ତ୍ତମାନ ସୀତାଙ୍କ ବିନା ରାମଙ୍କୁ ସ୍ୱର୍ଗସୁଖ ଭଲ ଲାଗୁନାହିଁ ବୋଲି ଜଣାଇଥିଲେ।
**अथवा**, ରାମ ବନର କଷ୍ଟ ସମ୍ବନ୍ଧରେ ସୀତାଙ୍କ ନିକଟରେ ସମସ୍ତ ବିଷୟ ବର୍ଣ୍ଣନା କରିଥିଲେ। ବନରେ ଦିନରେ ଚାଲି ଚାଲି କ୍ଳାନ୍ତ ହୋଇପଡ଼ିଥିବା ବ୍ୟକ୍ତି ଶୟନ କରିବାକୁ ଇଚ୍ଛାପ୍ରକାଶ କରିଥାଏ। ମାତ୍ର ବନରେ ଭୂତଳେ ଆପେ ଆପେ ଭାଙ୍ଗି ପଡ଼ିଥିବା ଶୁଷ୍କପତ୍ରକୁ ଶଯ୍ୟାରୂପେ ବ୍ୟବହାର କରି ଶୟନ କରିବାକୁ ପଡ଼ିଥାଏ।
13.(क) ପରଦାର ପରିଗ୍ରହଃ ଅନାର୍ଯ୍ୟ। / ପର ସ୍ତ୍ରୀ ସମ୍ବନ୍ଧରେ ଜିଜ୍ଞାସାକରିବା ଅଭଦ୍ରତା ଅଟେ।
(ख) ବିବେକାନନ୍ଦସ୍ୟ ପିତା ସ୍ୱଭାବସରଳଃ ଆସୀତ୍। / ବିବେକାନନ୍ଦଙ୍କ ପିତା ସ୍ୱଭାବସରଳ ଥିଲେ।
(ग) ଯେନ ସର୍ବଂ ବ୍ୟାପ୍ତଂ ଭବତି ସଃ ପରିବେଶଃ। / ଯେଉଥିରେ ସବୁ ବ୍ୟାପ୍ତ ହୋଇଥାଏ ତାହା ପରିବେଶ।
(घ) ତଦଦ୍ୟ ଏନଂ କୁଳୀରକଂ ବ୍ୟଞ୍ଜନସ୍ଥାନେ କରୋମି। / ତେବେ ଆଜି ଏହି କଙ୍କଡ଼ାକୁ ତରକାରୀ କରିବି।
(ङ) ସାଧୂକ୍ତଂ ଗୁରୁଭକ୍ତ୍ୟା କିଂ ନ ସିଧ୍ୟତି / ସାଧୁ କହିଛନ୍ତି – ଗୁରୁଭକ୍ତିଦ୍ୱାରା କ'ଣ ବା ସାଧିତ ନ ହୁଏ।
14. (क) ଏକଃ ମୁନିଃ ଯସ୍ୟ ମତଂ ନ ପ୍ରମାଣମ୍। / ଏକ ମୁନି ନାହାଁନ୍ତି ଯାହାଙ୍କ ମତ ପ୍ରମାଣ ଅଟେ।
(ख) ସର୍ବ ଭୂତହିତଃ ସାଧୁଃ ଭବତି। / ସମସ୍ତ ପ୍ରାଣୀମାନଙ୍କ ମଙ୍ଗଳ କାମନା କରିବା ବ୍ୟକ୍ତି ସାଧୁ ଅଟନ୍ତି।
(ग) ସର୍ବସୁଖୈଷିତ୍ୱଂ ଦୟା। / ସମସ୍ତଙ୍କ ସୁଖ ଇଚ୍ଛାକରିବା ଦୟା ଅଟେ।
(घ) ଭର୍ତ୍ତୁଭାଗ୍ୟଂ ଏକା ନାରୀ ପ୍ରାପ୍ନୋତି। / ନାରୀ ସ୍ୱାମୀର ଭାଗ୍ୟକୁ ପ୍ରାପ୍ତ ହୋଇଥାଏ।
(ङ) ସର୍ବାବସ୍ଥାଗତା ଭର୍ତ୍ତୁଃ ପାଦଛାୟା ବିଶିଷ୍ୟତେ। / ପତ୍ନୀ ପ୍ରତ୍ୟେକ ଅବସ୍ଥାରେ ସ୍ୱାମୀଙ୍କ ପାଦକୁ ଆଶ୍ରା କରିଥାଏ।
15. (କ) ଶିକ୍ଷକଃ ଛାତ୍ରେଷୁ ସ୍ନିହ୍ୟତି।
(ଖ) ତୃଷାୟ ଜଳଂ ଦେହି।
(ଗ) ପିତା ମାସସ୍ୟ ଚତୁଃ ଗୃହମ୍ ଆଗଚ୍ଛତି।
(ଘ) ଅଧୁନା ଛାତ୍ରାଃ ପଠନାତ୍ ବିରମନ୍ତି।
(ଙ) ଭୋଜନାତ୍ ପ୍ରାକ୍ ହସ୍ତଂ ପ୍ରକ୍ଷାଳୟେଃ।
(ଚ) ମାତାମହେନ ସହ ନପ୍ତାରଃ ଅକ୍ରୀଡ଼ନ୍।
(ଛ) ଗ୍ରାମଂ ସର୍ବତଃ ଶାନ୍ତିଃ ଦୃଶ୍ୟତେ ?
(ଜ) ମହ୍ୟଂ ଭ୍ରମଣଂ ନ ରୋଚତେ।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୩୧ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ
### ଭଦ୍ରକ ସୂର୍ଯ୍ୟଶିଖା ବିଜୟୀ

ପଦ୍ମପୁର, ୩୦।୧(ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗଠାରେ ଏଭରଗ୍ରିନ ଯୁବ ସଙ୍ଗଠନ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ତ୍ରିବେଣୀ ଭଲିବଲ ଟିମ୍, ଯାଜପୁର ମୁଗପାଳ, ଭଦ୍ରକ ନେହେରୁ ଷ୍ଟାଡିୟମ୍ ଟିମ୍ ଓ ସୂର୍ଯ୍ୟଶିଖା କ୍ଲବ ଭାଗ ନେଇଥିଲେ। ତ୍ରିବେଣୀ ଟିମ୍ ଓ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୨-୦ରେ ତ୍ରିବେଣୀକୁ ହରାଇ ସୂର୍ଯ୍ୟଶିଖା ବିଜୟୀ ହୋଇଥିଲା। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଏବଂ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲାପରିଷଦ ସଭ୍ୟ ଡ. ପୂର୍ଣ୍ଣଚନ୍ଦ୍ର ଦାସ, ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସମିତିସଭ୍ୟା ରଞ୍ଜିତା ମହାଲିକ ଓ ପୂର୍ବତନ ସରପଞ୍ଚ ପଦ୍ମଲୋଚନ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ସଭାପତି ବୈରାଗୀ ଚରଣ ସାମଲ, ସାମାଜିକ କର୍ମୀ ଟିଙ୍କୁ ମହାପାତ୍ର, ନିର୍ମଳ ଚନ୍ଦ୍ର ସାମଲ, ଗଙ୍ଗାଧର ବାରିକ, ପ୍ରଦୀପ ନାୟକ ଓ ଶଙ୍କର୍ଷଣ ନାୟକ ସହାୟତା ପ୍ରଦାନ କରିଥିଲେ। ବିଜେତା ଟିମ୍ ସୂର୍ଯ୍ୟଶିଖାକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ତ୍ରିବେଣୀକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରୀ ଯତୀନ୍ଦ୍ର ନାଥ ଜେନା ଓ କମଳାକାନ୍ତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଅଫିସ, ୩୦।୧- କଂଗ୍ରେସର ଭଦ୍ରକ ଜିଲା କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବତନ ଜିଲା ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକତା ସମ୍ମିଳନୀ ଓ ସର୍ବଧର୍ମୀ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବକ୍ତାମାନେ ଗାନ୍ଧିଜୀଙ୍କ ଅହିଂସା, ଭାଇଚାରା ଓ ଦେଶର ଅଖଣ୍ଡତା ବିଷୟରେ ପୁରପଲ୍ଲୀରେ ପ୍ରଚାର କରାଗଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ନେତା ବିଦ୍ୟାଧର ଯେନା, ଜିଲା ଉପସଭାପତି ବିକାଶ ସାମଲ, ଦେବରୂପ ମହାନ୍ତି, ନାରାୟଣ ଚନ୍ଦ୍ର ପାଢ଼ୀ, ସୁବ୍ରତ ଦାସ ଓ ସବିତା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା କପିଳମୁନି ମହୋତ୍ସବ

ବାସୁଦେବପୁର/ପଦ୍ମପୁର, ୩୦।୧ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିଦେଇପୁର ମୁନି ପଡ଼ିଆରେ ଲଉଡ଼ି ରିସର୍ଚ୍ଚ ସେଣ୍ଟର ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା କପିଳମୁନି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପୀତାମ୍ବର ସାମଲ ଯୋଗଦେଇଥିଲେ। ମହୋତ୍ସବ ଗୋଟିଏ ଅଞ୍ଚଳର ଲୋକଙ୍କୁ ଏକ ଭାବଡୋରିରେ ବାନ୍ଧି ରଖିଥାଏ। ସେହିପରି ଲୁକ୍କାୟିତ ପ୍ରତିଭା କଳାକୁ ମହୋତ୍ସବ ପ୍ରେରଣା ଦେଇଥାଏ ବୋଲି ଉପଜିଲାପାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବିଡିଓ ପ୍ରଣବ କୁମାର ବେହେରା, କବି ବନମାଳୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ଗଜେନ୍ଦ୍ର ପଣ୍ଡା, ମନୋରଞ୍ଜନ ପ୍ରଧାନ, ମିନତି ପ୍ରଧାନ ଓ ସାମାଜିକ କର୍ମୀ ବୈଲୋଚନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ନିଷ୍ଠାବାନ ହେବାକୁ ପରାମର୍ଶ

ବାସୁଦେବପୁର, ୩୦।୧(ଡି.ଏନ.ଏ.)

ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱବିଜ୍ଞାନ ମୁଖ୍ୟ ପ୍ରଫେସର ଡ. ଶ୍ରୀରୂପ ଗୋସ୍ୱାମୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ସତ୍ୟବାଦୀ ହେବା ସହିତ ଭଗବତ ବିଶ୍ୱାସୀ ହୋଇ ନିଷ୍ଠାର ସହିତ କାର୍ଯ୍ୟ କଲେ ସଫଳତା ପାଇପାରିବେ। ଦିବ୍ୟ ଅନୁଭବ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବାକୁ ବାଟ ଦେଖାଇଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ପ୍ରଶାସନିକ ଅଧିକାରୀ ସରୋଜ କୁମାର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କବି ଅଚ୍ୟୁତାନନ୍ଦ ପାଢ଼ୀ ମଞ୍ଚ ସଂଯୋଜନା ଓ ଏକାଡେମୀର ଟ୍ରଷ୍ଟ ଚେୟାରମ୍ୟାନ ଅଭିମନ୍ୟୁ ବେହେରା ସଭାରେ ପୌରୋହିତ୍ୟ କରିଥିଲେ। ବିବରଣୀ ପାଠ କରିଥିଲେ ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ। ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ପ୍ରାଚୀର ପତ୍ରିକା ସୃଜନୀ ଉନ୍ମୋଚନ କରାଯାଇଥିଲା। ଶିକ୍ଷାନୁଷ୍ଠାନ ସମ୍ପାଦକ ଚନ୍ଦ୍ରଶେଖର ବେହେରା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ସତ୍ୟବାଦୀ ହରିଶ୍ଚନ୍ଦ୍ର' ପରିବେଷଣ କରାଯାଇଥିଲା।



ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ବିଦ୍ୟାଦାତ୍ରୀଙ୍କୁ ଆରାଧନା

ଭଣ୍ଡାରିପୋଖରୀ, ୩୦।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ଆରାଧନା କରାଯାଇଛି। ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ସମେତ ବିଭିନ୍ନ ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ, ଯୁବକ ସଂଘ ଓ ଗ୍ରାମାଞ୍ଚଳରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ପ୍ରଣିତକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଭଣ୍ଡାରିପୋଖରୀ ଓ ନାଆଁମୀ କଲେଜ, ବାରିକପୁର ଡିଗ୍ରୀ କଲେଜ, ମଞ୍ଜୁରିରୋଡ ବଜାର, ଛତାବର ଛକ ଓ ଆଖୁଆପଦାଠାରେ ବିଦ୍ୟାଦାତ୍ରୀଙ୍କୁ ପୂଜା କରାଯାଇଛି। ଛାତ୍ରୀଛାତ୍ର ନୂତନ ବସ୍ତ୍ର ପରିଧାନ କରି ସ୍କୁଲକୁ ଯାଇ ମା' ସରସ୍ୱତୀଙ୍କୁ ପୂଜା କରିଥିଲେ।


ଶାରଦା ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା।

# 'ଲକ୍ଷ୍ୟ ସ୍ଥିର ରହିଲେ ସଫଳତା ମିଳିବ'

ବାସୁଦେବପୁର,୩୦।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ଶିଶୁ ବିକାଶ ବିଦ୍ୟାମନ୍ଦିରର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ସାହୁ ଯୋଗଦେଇ ଛାତ୍ରୀଛାତ୍ର ଭଲମଣିଷ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ଛାତ୍ରୀଛାତ୍ର ଲକ୍ଷ୍ୟ ଧାର୍ଯ୍ୟ କରି ପାଠ ପଢ଼ିଲେ ଭବିଷ୍ୟତରେ ସଫଳତା ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରମାକାନ୍ତ ବେହେରା, ପଦ୍ମଲୋଚନ ସାହୁ ଓ ମୁଖ୍ୟବକ୍ତା ଭାବେ କବି ବନମାଳୀ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭୋଳାନାଥ କର ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ କର ସ୍ୱାଗତ ଭାଷଣ ଓ ଶିକ୍ଷକ ମଧୁସୂଦନ ପାଢ଼ୀ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ବୃନ୍ଦାବତୀ ସୂତାର, ହରପ୍ରିୟା ଧୂପାଳ ଓ ବିଷ୍ଣୁପ୍ରିୟା ଅଗସ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଷ୍ପ ଉଦ୍ୟାନ ଉଦ୍‌ଘାଟିତ
## ପ୍ରଥମ ଫୁଲ ଆଖଣ୍ଡଳମଣିଙ୍କୁ ସମର୍ପଣ


ପୁଷ୍ପ ଉଦ୍ୟାନ ଉଦ୍‌ଘାଟନ ବେଳେ ଉପସ୍ଥିତ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଓ ଅନ୍ୟମାନେ।

ଆରଡ଼ି, ୩୦।୧ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ପୁଷ୍କରିଣୀ ପଶ୍ଚିମ ପାର୍ଶ୍ୱରେ ଏକ ଅପନ୍ତରା ସ୍ଥାନରେ ଦୁଇମାସ ତଳେ ପୁଷ୍ପ ଉଦ୍ୟାନ ସୃଷ୍ଟି କରାଯାଇଥିଲା। ଗୁରୁବାର ବସନ୍ତ ପଞ୍ଚମୀରେ ସେହି ପୁଷ୍ପ ଉଦ୍ୟାନକୁ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରିଛନ୍ତି। ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ, ନାନ୍ଦପୁର ପୂର୍ବତନ ସରପଞ୍ଚ ସରୋଜ ଦାସ, ପୂର୍ବତନ ଟ୍ରଷ୍ଟ ସଭ୍ୟ ଆଶିଷ ପାଢ଼ୀ ଓ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ। ବରିଷ୍ଠ ସେବାୟତ ପାଗଳ ପଣ୍ଡା ଉଦ୍‌ଘାଟନ ଉତ୍ସବରେ ମନ୍ତ୍ର ଉଚ୍ଚାରଣ କରିଥିଲେ। ପରେ ପୁଷ୍ପ ଉଦ୍ୟାନର ପ୍ରଥମ ଫୁଲ ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରାଯାଇଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ପ୍ରଚେଷ୍ଟା, ପୋଲିସ କର୍ମଚାରୀ ଯଯାତି କୁମାର ପ୍ରଧାନ, ଶଶିକାନ୍ତ ଦାସ ଓ ହାବିଲଦାର ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ସହଯୋଗରେ ଏକ ଅପନ୍ତରା ସ୍ଥାନରେ ଫୁଲ ଫୁଟିବା ସମ୍ଭବ ହୋଇପାରିଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଥିଲେ। ଆରଡ଼ି ଫାଣ୍ଡି ଅଧିକାରୀଙ୍କ ଦ୍ୱାରା ପୁଷ୍ପ ଉଦ୍ୟାନ ସୃଷ୍ଟି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି ବୋଲି ଏସ୍‌ଡିପିଓ କହିଥିଲେ।

# ରମେଶ ପାଇଲେ ରାଷ୍ଟ୍ରପତି ପଦକ

ଭଦ୍ରକ ଅଫିସ, ୩୦।୧



ଭଦ୍ରକ ପୋଲିସର ହୋମ୍‌ଗାର୍ଡ ବିଭାଗରେ କାର୍ଯ୍ୟରତ ଥିବା ପ୍ଲାଟୁନ କମାଣ୍ଡର ରମେଶ ଚନ୍ଦ୍ର ମହାନ୍ତି ଚଳିତବର୍ଷ ରାଷ୍ଟ୍ରପତି ପଦକ ପାଇଛନ୍ତି। ଗଣତନ୍ତ୍ର ଦିବସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିଲେ। ରମେଶ ୨୦୦୬ରେ ହୋମ୍‌ଗାର୍ଡ ଭାବେ ଭଦ୍ରକ ଜିଲାରେ ଯୋଗ ଦେଇଥିଲେ। ଭଦ୍ରକ ଚରମ୍ପା ବରାଳପୋଖରୀ ନିବାସୀ ରମେଶ ଉକ୍ତ ବିଭାଗରେ ଯୋଗଦେବା ପରେ ତାଙ୍କର କାର୍ଯ୍ୟନିଷ୍ଠା ଯୋଗୁ ସେ ୨୦୧୬ରେ ପ୍ଲାଟୁନ କମାଣ୍ଡର ପଦକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ସେ ୨୦୧୬ରେ ଜିଲାପାଳ ଏବଂ ୨୦୧୯ରେ ଏସ୍‌ପିଙ୍କଠାରୁ ମଧ୍ୟ ଶ୍ରେଷ୍ଠତାର ପୁରସ୍କାର ପାଇଛନ୍ତି। ରମେଶ ମୋଟ ୧୫ ଥର ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ହୋମ୍‌ଗାର୍ଡ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମୟୂରଭଞ୍ଜ

### ଖୁଚୁରା ପଇସା ଅଚଳ ଗୁଜବ

ଝରପୋଖରିଆ,୩୦।୧(ଡି.ଏନ୍.ଏ.): ଗତ କିଛି ଦିନ ହେବ ଝାରପୋଖରିଆ ବଜାର ଓ ଆଖପାଖ ଅଞ୍ଚଳରେ ଖୁଚୁରା ପଇସା ଅଚଳ ଗୁଜବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଜାରରେ ଛୋଟ, ବଡ଼ ବ୍ୟବସାୟୀ ଏପରିକି ଚା', ପାନ, ତେଜରାତି, ପନିପରିବା ଦୋକାନୀ ଖୁଚୁରା ନେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ ହୋଲ୍‌ସେଲର, ଡିଲର, ଏଜେନ୍ସି ସଂସ୍ଥାମାନେ ଖୁଚୁରା ନେଉ ନ ଥିବାରୁ ଆମେ ବାଧ ହୋଇ ଗ୍ରାହକଙ୍କଠାରୁ ତାହା ଗ୍ରହଣ କରୁନାହୁଁ। ଏନେଇ ଝାରପୋଖରିଆ ଷ୍ଟେଟ୍‌ବ୍ୟାଙ୍କ ଶାଖା ପ୍ରବନ୍ଧକ ମାଧବରଞ୍ଜନ ଦତ୍ତଙ୍କ ଦୃଷ୍ଟିଆକର୍ଷଣ କରିବାରୁ ଖୁଚୁରା ଅଚଳ ତଥା ବନ୍ଦ ହେବା କଥା ଆମ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି। ଯଦି କୌଣସି ବ୍ୟକ୍ତି କଏନ ନେବାକୁ ମନା କରୁଛନ୍ତି, ତେବେ ପୋଲିସରେ ଅଭିଯୋଗ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ଥିବା ସେ କହିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଝାରପୋଖରିଆ ଶାଖା ପରିଚାଳକ ଅଂଶୁମାନ ରଏଙ୍କୁ ପଚାରିବାରୁ ଲୋକଙ୍କୁ ଅଯଥା ବିଭ୍ରାନ୍ତ କରାଯାଉଛି ବୋଲି କହିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

ବହଳଦା, ୩୦।୧ (ଡ଼ି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବହଳଦା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଦ୍ୟାଧର ରାଉତଙ୍କ ଧର୍ମପତ୍ନୀ ଚନ୍ଦ୍ରାବତୀ ରାଉତଙ୍କ ୯୫ବର୍ଷ ବୟସରେ ରବିବାର ବହଳଦାସ୍ଥିତ ବାସଭବନରେ ପରଲୋକ ଘଟିଛି। ମାସେ ହେଲା ସେ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ଛୋଟ ପିଲାଙ୍କ ଲାଗି ବିଭିନ୍ନ ରୋଗର ଚେରମୂଳି ଔଷଧ ପାଇଁ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତୁଣୀନାତିମାନେ ଉପସ୍ଥିତ ଥିଲେ।



ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୋମବାର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତା ଚନ୍ଦ୍ରାବତୀ ହେଉଛନ୍ତି ବହଳଦା 'ଧରିତ୍ରୀ' ଖବରଦାତା ପୁଷ୍ପାଞ୍ଜଳି ରାଉତଙ୍କ ଶାଶୁ।

# ସମବେତ ହେଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

## ସାତପୁଟୁଳି ଠାକୁରାଣୀଙ୍କ ପାହାଡ଼ି ପୂଜା


ଶ୍ରଦ୍ଧାଳୁମାନେ ପାହାଡ଼ି ପୂଜା କରୁଛନ୍ତି।

ବାଙ୍ଗିରିପୋଷି,୩୦।୧(ଡ଼ି.ଏନ୍.ଏ.)

ବାଙ୍ଗିରିପୋଷି ବ୍ଲକ ବୁଢିଖମାରୀ, ବଡଗାଁ ଓ ଭୂଆଶୁଣୀ ପଞ୍ଚାୟତ ମଧ୍ୟରେ ଅବସ୍ଥିତ ମା' ସାତପୁଟୁଳି ପାହାଡରେ ଆଦିବାସୀଙ୍କ ଆରାଧ୍ୟ ଦେବୀ ମା' ସାତପୁଟୁଳି ଠାକୁରାଣୀଙ୍କ ବାର୍ଷିକ ପାହାଡି ପୂଜା ଧୁମଧାମରେ ପାଳିତ ହୋଇ ଯାଇଛି । ଏଥିରେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସହ ପଡୋଶୀ ରାଜ୍ୟରୁ ମଧ୍ୟ ଭକ୍ତମାନେ ଆସି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଦେହୁରୀ ଶରତ ନାଏକଙ୍କ ସମେତ ପୂଜା କମିଟିର ସଭାପତି ଶ୍ରୀମାତ ମୁର୍ମୁ, ସମ୍ପାଦକ ଦୁର୍ଗାଚରଣ ମୁର୍ମୁ, ଉପସଭାପତି ବୁଦ୍ଧଦେବ ସିଂ, ପିଢଛାଟିଆ ଟୁଡୁ ଟୁଡୁ, ରବୀନ୍ଦ୍ର ନାଏକ, ମାଥୁରାମ ମାରାଣ୍ଡି,ସୁରେନ୍ଦ୍ର ନାଏକ, ଦିନବନ୍ଧୁ ନାଏକ, ଗୁରୁଚରଣ ସିଂ, ଛତିଶ ନାଏକ, ଦୁଲା ଟୁଡୁ, କାନ୍ଦରା ଟୁଡୁ, ପ୍ରଫୁଲ୍ଲ ନାଏକ, କେଦାର ନାଏକ, ଫାଗୁରାମ ଟୁଡୁ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ଉଦଳା ବାଣୀପୀଠ ମନ୍ଦିରରେ ପୂଜା ପାଇଲେ ବାଗ୍‌ଦେବୀ

ଉଦଳା,୩୦।୧(ଡ଼ି.ଏନ୍.ଏ.)–

ଉଦଳାଠାରେ ଥିବା ମା' ସରସ୍ୱତୀଙ୍କ ମନ୍ଦିରରେ ଗୁରୁବାର ବାଗଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଆସି ମା'ଙ୍କ ପୂଜା କରିଥିଲେ। ଭୋର ୫ଟାରେ ମନ୍ଦିର ଦ୍ୱାର ଫିଟା ଯିବା ପରେ ସାଢେ ୫ ଟାରେ ମନ୍ଦିର ମାର୍ଜନା, ନେତ୍ରବନ୍ଧନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଅର୍ଘ୍ୟ ପ୍ରଦାନ ପରେ ମହାସ୍ନାନ ଜନିତ ଉପଚାର, ରାଜରାଜେଶ୍ୱରୀ ବେଶ, ମଙ୍ଗଳ ଆଳତୀ ପରେ ସକାଳ ୭ ଟାରୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଅପରାହ୍ନ ୧ଟାରେ ଅବକାଶ ନୀତି କରାଯାଇଥିଲା।

## ଖଡି ଛୁଇଁ ବିଦ୍ୟା ଆରମ୍ଭ କଲେ କୋମଳମତି ଶିଶୁ

ସାଢେ ଗୋଟାଏ ସମୟରେ ସ୍ଥାନୀୟ ସର୍ବପୁରାତନ ମଣିନାଗେଶ୍ୱର ମନ୍ଦିର ନିକଟରୁ ଘଟୋ ଉତ୍ତୋଳନ କରାଯାଇ ନଗର ପରିକ୍ରମା କରିବା ପରେ ମନ୍ଦିରରେ ପହଞ୍ଚିଥିଲା । ଏହା ପରେ ଘଟ ସ୍ଥାପନ ପୂର୍ବକ ବାଗଦେବୀଙ୍କର ମହାପୂଜନ ଆରମ୍ଭ ସହିତ ବିଧିମତେ ଉପଚାର, ହୋମ କାର୍ଯ୍ୟ ହୋଇଥିଲା । ସନ୍ଧ୍ୟାରେ ମା'ଙ୍କ ସନ୍ଧ୍ୟା ଆଳତୀ, ମହାମାୟାଙ୍କ ହବନ, ପୂର୍ଣ୍ଣାହୁତି ପ୍ରଦାନ, କବଚ ଧାରଣ, ଆଶ୍ରି ଗ୍ରହଣ, ପ୍ରସାଦ ଅର୍ପଣ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ବିଦ୍ୟା ଅଧ୍ୟୟନ ଆରମ୍ଭ କରୁଥିବା ଶିଶୁମାନଙ୍କର ଏଠାରେ ଖଡିଛୁଆଁ ମଧ୍ୟ କରାଯାଇଥିଲା। ୩୦ରୁ ଅଧିକ କୋମଳମତି ଶିଶୁ ଖଡିଛୁଇଁ ବିଦ୍ୟା ଆରମ୍ଭ କରିଥିଲେ । ଗୁରୁବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ମନ୍ଦିର ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ର କୁମାର ପରିଡା, ଉପସଭାପତି କ୍ଷୀରୋଦ ରଞ୍ଜନ ମହାନ୍ତି, ସହ ସମ୍ପାଦକ ଦାତାକର୍ଣ୍ଣ ସ୍ୱାଇଁ, କୋଷାଧ୍ୟକ୍ଷ ରତ୍ନାକର ପ୍ରଧାନଙ୍କ ସମେତ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ ।

# ୨ ଫିଲ୍ମର ଶୁଭ ମହୁରତ

ବାରିପଦା ଅଫିସ,୩୦।୧

ବାରିପଦା ସହର ସ୍ଥିତ ଅମ୍ବିକା ମନ୍ଦିରରେ ଗୁରୁବାର ଓଡ଼ିଆ ଚଳଚ୍ଚିତ୍ର 'କକୁକୁଲା' ଓ ଇଂଲିଶ ଫିଲ୍ମ 'ଦି ଲାଷ୍ଟ ହେଲପ୍'ର ଶୁଭ ମହୁରତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସିନେ ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଥମ କ୍ଲାପ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଜର୍ଜ ତିଆଡ଼ି, କ୍ୟାମେରା ମ୍ୟାନ ରଞ୍ଜନ ମିଶ୍ର, ସୁଶୀଲ ମିଶ୍ର, ପ୍ରଶାନ୍ତ ପତି, ଶିବ ପୂଜାପଣ୍ଡା, ଶାନ୍ତନୁ ଶତପଥୀ, ମଳୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ପ୍ରଯୋଜକ ହରିଶଚନ୍ଦ୍ର ବେହେରାଙ୍କ ଦ୍ୱାରା ପ୍ରାୟୋଜିତ ଦୁଇଟି ଫିଲ୍ମ ମଧ୍ୟରୁ ଓଡ଼ିଆ ଫିଲ୍ମକୁ ସୁବ୍ରତ ପଟ୍ଟନାୟକ ଓ ଇଂରାଜୀ ଫିଲ୍ମକୁ ଚିନ୍ମୟ ଦାସପଟ୍ଟନାୟକ ନିର୍ଦ୍ଦେଶନା ଦେଉଛନ୍ତି । ଖୁବ ଶୀଘ୍ର ଏହି ଦୁଇଟି ଫିଲ୍ମର ସୁଟିଂ ମୟୂରଭଞ୍ଜ ଜିଲାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ସରୋଜ ପଟ୍ଟନାୟକ, ଅସିତ ପତି, ସ୍ୱରାଜ ବାରିକ, ରଣଜିତ ବାରିକ, ସଞ୍ଜୀବ ଦ୍ୱିବେଦୀ, ସୁନୀଲ ଜେନା, ଉମେଶ ପଟ୍ଟନାୟକ, ଡା. ପୁଷ୍ପା ପାତ୍ର, ଡା. ଅସୀମା ସାହୁ, ଶାନ୍ତନୁ ସିଂ ଓ ତାପସ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ଫିଲ୍ମର ମହୁରତ ସମୟରେ ଉପସ୍ଥିତ ଅଭିନେତା, ନିର୍ଦ୍ଦେଶକ ଓ ଅନ୍ୟମାନେ।

### ଗଛକୁ ଧକ୍କା ଦେଲା କାର୍



କପ୍ତିପଦା,୩୦।୧(ଡ଼ି.ଏନ୍.ଏ.)– କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ଚାପଲସାହି ଛକ ନିକଟରେ ଏକ କାର୍ (ନଂ.ଜେଏଚ୦୫ସିକେ-୬୫୪୫) ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଥିବା ୪ ଜଣ ଯାତ୍ରୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯାତ୍ରୀମାନେ ପିକ୍‌ନିକ୍ ଉଦ୍ଦେଶ୍ୟରେ ଅସିଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ମହୁଲ ଗଛକୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

### ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

କୁଆଁମରା,୩୦।୧(ଡ଼ି.ଏନ୍.ଏ.)– ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ପଞ୍ଚାୟତର ଅଛଡା ଗ୍ରାମରୁ ଗତ ୧୭ ତାରିଖରୁ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଗୁରୁବାର ସକାଳେ ସାନବେଲାକୁଟି ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ଉଦ୍ଧାର ହୋଇଛି। ମୃତକ ହେଲେ ଅକ୍ଷୟ କୁମାର ସାହୁ। ନିଖୋଜ ହେବା ପରେ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡ଼ି ନାହିଁ।

# ସାନ୍ତାଳୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି କଲା ମାରିସା ସେନା

ବାରିପଦା ଅଫିସ/ ବାଙ୍ଗିରିପୋଷି, ୩୦।୧ (ଡ଼ି.ଏନ୍.ଏ.)

ଓଡ଼ିଶାରେ ସାନ୍ତାଳୀ ଭାଷା ଶିକ୍ଷାର ଉପଯୁକ୍ତ ପରିଚାଳନା ପାଇଁ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀ ଏବଂ ମଦ୍ରାସା ଶିକ୍ଷା ପରିଷଦ ଢାଞ୍ଚାରେ ମୟୂରଭଞ୍ଜ ଜିଲାର ବାରିପଦାଠାରେ ଏକ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ମାରିସା ସେନା ପକ୍ଷରୁ ଦାବି କରାଯାଇଛି। ସେନାର ଅଧ୍ୟକ୍ଷ ଅର୍ଜ୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନସଚିବ, ଗଣଶିକ୍ଷା ବିଭାଗ, ଆରକ୍ଷୀ ଅଧୀକ୍ଷକ, ମୟୂରଭଞ୍ଜ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସାନ୍ତାଳୀ ବିଶ୍ୱବିଦ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଆଦର୍ଶ ବିଦ୍ୟାଳୟଗୁଡିକରେ ଆବଶ୍ୟକ ସ୍ଥଳେ ସାନ୍ତାଳୀ ଅଲଚିକି ଶିକ୍ଷକ, ଅଧ୍ୟାପକ ନିଯୁକ୍ତି ଏବଂ ବେକାର ଅଲଚିକି ତାଲିମଧାରୀ ଓ ସାନ୍ତାଳୀ ସ୍ନାତକୋତ୍ତର ଡିଗ୍ରୀଧାରୀମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଗାମୀ ୨୦ ଦିନ ମଧ୍ୟରେ ସରକାର ଦାବି ପୂରଣ ପାଇଁ ପ୍ରତିକାର ବ୍ୟବସ୍ଥା ନ କଲେ ମୟୂରଭଞ୍ଜ ଜିଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡିକୁ ଅଚଳ କରି ଦିଆଯିବ ବୋଲି ମାରିସା ସେନାର ଅଧ୍ୟକ୍ଷ ମୁର୍ମୁଙ୍କ ସମେତ ସତ୍ୟଜିତ ଟୁଡୁ, ଫକୀରା ନାଏକ, ରାଜେଶ କୁମାର ନାଏକ, ଭୀମଚରଣ ହାଁସଦାଃ, ଲିଟୁ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଓଡ଼ିଶା ରଗବୀ ଦଳରେ ମୟୂରଭଞ୍ଜର ୪ ଖେଳାଳି


ଓଡ଼ିଶା ଦଳରେ ସାମିଲ ହୋଇଥିବା ମୟୂରଭଞ୍ଜର ଖେଳାଳିମାନେ।

ବାରିପଦା ଅଫିସ,୩୦।୧

ସିକନ୍ଦରାବାଦଠାରେ ଆସନ୍ତା ଫେବୃୟାରୀ ୧ ତାରିଖଠାରୁ ଜାତୀୟ ସବ ଜୁନିୟର ରଗବୀ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶାର ବାଳିକା ଓ ବାଳକ ଦଳ ଏଥିପାଇଁ ସିକନ୍ଦରାବାଦ ଗସ୍ତ କରିଛି। ଏହି ଦଳରେ ମୟୂରଭଞ୍ଜର ୪ ଜଣ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଶିବ ସିଂ, ଅମିଷା ରାନୀ ମାଝି, ହିସି ଟୁଡୁ ଓ ନମିତା ହେମ୍ବ୍ରମ। ଉକ୍ତ ଖେଳାଳିମାନଙ୍କୁ ଆମେ ମୟୂରଭଞ୍ଜିଆର ଉପଦେଷ୍ଟା ସଞ୍ଜୟ ଚୌଧୁରୀ, ସାମଜିକ କର୍ମୀ ଗିରିଶ ଦାସ, ଅମର ସେଠୀ, ସୋମନାଥ ସିଂ, ଏଫଏସଏସଏର ସଭାପତି ରଞ୍ଜନ କୁମାର ସା, ସମ୍ପାଦକ ମାନସ ରଞ୍ଜନ ବେହେରା, ସହ ସମ୍ପାଦକ ଚିନ୍ମୟ କୁମାର ମହାନ୍ତ, ହିମାଂଶୁ ମହାନ୍ତ, ଧର୍ମାନନ୍ଦ ଭୋଇ, ରଞ୍ଜିତ ରାଉତ, ରୁପାଲି ସୋରେନ, କୋଚ ଚନ୍ଦନ ସିଂ ଓ ଦିବ୍ୟରଞ୍ଜନ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଭିଜନ୍ ୨୦୨୪





ନିର୍ମଳ କୁମାର ମିଶ୍ର

**ରାଜ୍ୟରେ କ୍ରିକେଟକୁ ଆହୁରି କ୍ରିୟାଶୀଳ କରିବାକୁ ଓସିଏ ପ୍ରୟାସ ଆରମ୍ଭ କରିଛି। ତୃଣମୂଳସ୍ତରରେ କ୍ରିକେଟର ବିକାଶ କରିବାକୁ ଓସିଏ ଭିଜନ ୨୦୨୪ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ୨୦୧୬ ମସିହାରୁ ବନ୍ଦ ରହିଥିବା ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆରମ୍ଭ କରିବା ପାଇଁ ଓସିଏ ନିଷ୍ପତ୍ତି ନେଇଛି। ସଫଳ ଅନ୍ତର୍ଜାତୀୟ ପୁରୁଷ ଓ ମହିଳା କ୍ରିକେଟର ସୃଷ୍ଟି କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଓସିଏ ଲକ୍ଷ୍ୟ ରଖିଛି।**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ) ଏବଂ ତା'ର ନବନିର୍ବାଚିତ ପ୍ରତିନିଧିମାନେ କ୍ରିକେଟ୍ ପାଇଁ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିବା ଖୁସିର କଥା। ଓଡ଼ିଶା କ୍ରିକେଟ୍‌କୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ କରିବା ପାଇଁ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ତାଙ୍କର ଭିଜନ ୨୦୨୪ ଲାଗି ଏକ ସୁନ୍ଦର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହ ଏହାର ସଫଳ ପ୍ରୟୋଗ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ତାଙ୍କର ଏହି ପଦକ୍ଷେପ ଓଡ଼ିଶା କ୍ରିକେଟ୍ ପାଇଁ ବେଶ୍ ସଫଳତା ଆଣିବ ଏହା ଆଶା କରାଯାଉଛି। ପ୍ରଥମ ଚ୍ୟାଲେଞ୍ଜ ଭାବେ ଗତ ଡିସେମ୍ବର ୨୨ ତାରିଖରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନ୍ତିମ ଏକଦିବସୀୟ ମ୍ୟାଚକୁ ସଫଳତାର ସହ ଆୟୋଜିତ କରାଇଛନ୍ତି। ବିସିସିଆଇର ନୂଆ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ଓସିଏର କାର୍ଯ୍ୟଶୈଳୀକୁ ବେଶ୍ ପସନ୍ଦ କରିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଅନେକ ଅନ୍ତର୍ଜାତୀୟ ମ୍ୟାଚ ଘରୋଇ ସିରିଜରେ ଅନୁଷ୍ଠିତ କରିବାକୁ ଯାଉଛି ବୋଲି ଗାଙ୍ଗୁଲି କହିଛନ୍ତି।

ଦ୍ୱିତୀୟରେ ଟେଷ୍ଟ ମ୍ୟାଚ ଆୟୋଜନ କରିବାର ମାନ୍ୟତା ହରାଇଥିବା ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ପୁନର୍ବାର ଟେଷ୍ଟ ମ୍ୟାଚ ଆୟୋଜନ କରିବା ପାଇଁ ବିସିସିଆଇଠାରୁ ଗ୍ରୀନ୍ ସିଗ୍‌ନାଲ ଲାଭ କରିବା। ବାଂଲାଦେଶ, ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ପରି ଦଳ ଟେଷ୍ଟ ମ୍ୟାଚ ପାଇଁ ଭାରତ ଗସ୍ତ ଅବସରରେ ଟେଷ୍ଟ ମ୍ୟାଚ ଆୟୋଜନ କରିବା ଲାଗି ଓସିଏକୁ ସୁଯୋଗ ମିଳିବା ଆଶା କରାଯାଇପାରେ। ଓସିଏର କ୍ରିକେଟ ଭିତ୍ତିଭୂମି ନେଇ କୌଣସି ସମସ୍ୟା ନାହିଁ। ସମସ୍ତ ପ୍ରକାର ଅତ୍ୟାଧୁନିକ ଉପକରଣ ସହିତ ଯେ କୌଣସି ପରିସ୍ଥିତିରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ କରାଇବାର ଦକ୍ଷତା ରଖିଛି ଓସିଏ। ଭବିଷ୍ୟତରେ ଟେଷ୍ଟ ମ୍ୟାଚ ବାରବାଟୀରେ ଅନୁଷ୍ଠିତ ହେଲେ ଅନେକ କ୍ରିକେଟ୍ ପ୍ରେମୀ ଏବଂ ଯୁବ କ୍ରିକେଟ ଖେଳାଳି ବେଶ୍ ଉପକୃତ ହେବେ। ଦିବାରାତ୍ର ପିଙ୍କ୍ ବଲ୍ ଟେଷ୍ଟର ଆୟୋଜନ ପାଇଁ ମଧ୍ୟ ବିସିସିଆଇ ଉପରେ ଚାପ ପକାଇବା ସହ ଏପରି ଟେଷ୍ଟ ମ୍ୟାଚକୁ ସଫଳତାର ସହିତ ଆୟୋଜନ କରିବାକୁ ଓସିଏ ସକ୍ଷମ ତାହା ଆମକୁ ପ୍ରମାଣ କରିବାର ସମୟ ଆସିଛି। ସମସ୍ତ ଦୃଷ୍ଟି କୋଣରୁ ଏହି ସର୍ବପୁରାତନ ସୁନ୍ଦର ବାରବାଟୀ ଷ୍ଟାଡିୟମର ବ୍ୟାପକ ସୌନ୍ଦର୍ଯ୍ୟକରଣ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଲକ୍ଷ୍ୟ ହେବା ଆବଶ୍ୟକ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାର କ୍ଲବ କ୍ରିକେଟ୍‌କୁ ଅଧିକ କ୍ରିୟାଶୀଳ କରାଇବା ସହିତ ଏହାକୁ ବ୍ୟାପକ କରାଯିବା ଆବଶ୍ୟକ। ଯଦିଓ ଏହି ଯୋଜନା ଓସିଏ ପକ୍ଷରୁ ଆରମ୍ଭ କରାଯାଇଛି ତଥାପି ଏହାକୁ ଗୁରୁତ୍ୱର ସହିତ ନେବାର ସମୟ ଉପନୀତ ହୋଇଛି। ପ୍ରତ୍ୟେକ ଜିଲା ଆସୋସିଏଶନଗୁଡ଼ିକୁ ଅଧିକ ମାତ୍ରାରେ ବିଭିନ୍ନ ବୟସ ବର୍ଗର ଏପରି ଟୁର୍ନାମେଣ୍ଟ ଆୟୋଜନ କରିବାର ଅଧିକାର ଦେବା ସହିତ ଉପଯୁକ୍ତ ପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କର ଦକ୍ଷତା ବିକାଶ ପାଇଁ ଉପଯୁକ୍ତ ସୁଯୋଗ ଦେବା। ତୃଣମୂଳ ସ୍ତରରୁ ପ୍ରତିଭା ଚୟନ କରି ସେମାନଙ୍କୁ ସ୍ଥାପିତ କ୍ରିକେଟ୍ ଏକାଡେମୀରେ ଟ୍ରେନିଂ ଦେବାର ବ୍ୟବସ୍ଥା କରାଗଲେ ଓଡ଼ିଶା କ୍ରିକେଟ୍‌ର ନିଶ୍ଚିତ ଉନ୍ନତି ହେବ। ଓଡ଼ିଶା କ୍ରିକେଟ୍ ଏକାଡେମୀ ବହୁ ଆଗରୁ ପ୍ରତିଷ୍ଠା ହୋଇଛି। ତେବେ ଏହାକୁ ଅଧିକ ବ୍ୟାପକ କରାଯିବା ସହିତ ଦକ୍ଷ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ କୋଚ୍‌ମାନଙ୍କୁ ଟ୍ରେନିଂ ଦିଆଯିବା ସହ ମ୍ୟାଚ ଖେଳିବାର ସୁଯୋଗ ଦେବାର ଆବଶ୍ୟକତା ରହିଛି। ଏଥି ମଧ୍ୟରେ କ୍ଲବମାନଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଅନେକ ଯୁବ ଖେଳାଳି ଓଡ଼ିଶାର ବିଭିନ୍ନ ବର୍ଗରେ ସୁଯୋଗ ପାଇବା ବେଶ୍ ଖୁସିର କଥା। ଓଡ଼ିଶାରେ କ୍ରିକେଟ୍ ଋତୁରେ ଶତାଧିକ ଛୋଟ ବଡ ଟୁର୍ନାମେଣ୍ଟ କ୍ଲବ୍‌ମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। କେତେଗୁଡ଼ିଏ ମ୍ୟାଚ ଟର୍ଫ ଉଇକେଟରେ ଖେଳାଯାଉଥିବା ବେଳେ ଅଧିକାଂଶ ମ୍ୟାଚ ମ୍ୟାଟିଂ ଉଇକେଟରେ ଖେଳାଯାଏ। ଏହି ଦୁଇଟିରେ ମ୍ୟାଚ ଖେଳିବା ଭିନ୍ନ ଅଭିଜ୍ଞତା ଖେଳାଳିମାନଙ୍କ ପାଇଁ ଆଣିଥାଏ। ତେଣୁ ପ୍ରତ୍ୟେକ ଜିଲାରେ ଟର୍ଫ ଉଇକେଟ ନିର୍ମାଣ କରିବା ସହିତ ତା'ର ରକ୍ଷଣାବେକ୍ଷଣ ପାଇଁ ଓସିଏ ଯତ୍ନବାନ ହେବା ଆବଶ୍ୟକ। ପୂର୍ବରୁ କେତେଗୁଡ଼ିଏ ଜିଲାରେ ଓସିଏ ପକ୍ଷରୁ ବିଭିନ୍ନ ଷ୍ଟାଡିୟମରେ ଟର୍ଫ ଉଇକେଟ ନିର୍ମାଣ କରାଯାଇଛି। ମାତ୍ର ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଖେଳାଳିମାନେ ଅଭ୍ୟାସ କରିପାରୁନାହାନ୍ତି।

ସବୁଠାରୁ ଖୁସିର କଥା ୨୦୧୬ ମସିହାରୁ ବନ୍ଦ ରହିଥିବା ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆରମ୍ଭ କରିବା ପାଇଁ ପୁଣିଥରେ ଓସିଏ ଉଦ୍ୟମ ଆରମ୍ଭ କରିଛି। ଖେଳାଳି ଚୟନ ପ୍ରକ୍ରିୟା ସ୍ୱଚ୍ଛ ହେବା ଆବଶ୍ୟକ। ବୟସ ବର୍ଗ ପ୍ରତି ଆମେ ଯଥେଷ୍ଟ ଦୃଷ୍ଟିଦେବା ଦରକାର। ଏହା ସ୍ୱୀକାର୍ଯ୍ୟ ଯେ ଆମ ରାଜ୍ୟ ମହିଳା କ୍ରିକେଟ୍ ଖେଳାଳି ସୃଷ୍ଟି କରିବାରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆଗରେ ରହିଛି। ଅନେକ ପ୍ରତିଭାବାନ ମହିଳା ଖେଳାଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଆମ ପାଇଁ ଖୁସିର କଥା। ଏଥିପାଇଁ ଓସିଏର ସ୍ୱତନ୍ତ୍ର ଭିଜନ ରହିବା ଆବଶ୍ୟକ। ଆମକୁ ଆଗାମୀ ଦିନରେ ଆଇପିଏଲ ମ୍ୟାଚକୁ ଓଡ଼ିଶାକୁ ଫେରାଇ ଆଣିବାକୁ ହେବ। ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟ କଳାହାଣ୍ଡି କପକୁ ଅଧିକ ଆକର୍ଷଣୀୟ କରିବାର ମଧ୍ୟ ଆବଶ୍ୟକତା ରହିଛି। ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ)ର ପ୍ରତ୍ୟାବର୍ତ୍ତନ ଖେଳାଳିମାନଙ୍କ ମନରେ ନୂତନ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିବା ସହିତ ଓଡ଼ିଶା କ୍ରିକେଟ୍‌କୁ ଏକ ନୂତନ ଦିଶା ଦେବା ସହିତ ଓସିଏର ଭିଜନ ୨୦୨୪କୁ ସାର୍ଥକ କରିବ।

# ଥିମ୍‌ଙ୍କ ପ୍ରତିଶୋଧ



**୨୦୧୮ ଓ ୨୦୧୯ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ରାଫାଲ ନାଡାଲଙ୍କଠାରୁ ପରାସ୍ତ ହୋଇ ଡୋମିନିକ୍ ଥିମ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ତେବେ ଚଳିତ ଅଷ୍ଟ୍ରେଲିଆନ ଓପନରେ ଥିମ୍ ବିଶ୍ୱର ଏକ ନମ୍ବର ଖେଳାଳି ନାଡାଲଙ୍କୁ ହରାଇ ଏହାର ମଧୁର ପ୍ରତିଶୋଧ ନେଇଛନ୍ତି। ୨୬ ବର୍ଷରେ ପଦାର୍ପଣ କରିଥିବାରୁ ଆଗାମୀ ଦିନରେ ଏହି ପ୍ରତିଭାବାନ ଟେନିସ ତାରକା ଆହୁରି ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି...**

ଅଷ୍ଟ୍ରିଆ ଟେନିସ୍ ତାରକା ଡୋମିନିକ୍ ଥିମ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ନିଜର ଉପସ୍ଥିତି ଜାହିର କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ସ୍ପେନର ରାଫାଲ ନାଡାଲଙ୍କୁ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ କରି ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ନାଡାଲଙ୍କୁ ପରାସ୍ତ କରିବା ଏତେ ସହଜ ହୋଇ ନ ଥିଲେ ମଧ୍ୟ ସେ ମାରାଥନ ୭-୬, ୭-୬, ୪-୬, ୭-୬ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ଥିମ୍ ଏବେ ଫାଇନାଲ ଟିକେଟ ପାଇଁ ସେମିରେ ବିଶ୍ୱର ୭ ନମ୍ବର ଖେଳାଳି ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ଭେଟିବେ। ଏପର୍ଯ୍ୟନ୍ତ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ନ ଥିବା ୨୬ ବର୍ଷୀୟ ଥିମ୍ କିନ୍ତୁ ୨ଥର ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ସେ ୨୦୧୮ ଓ ୨୦୧୯ରେ ସେତେବେଳର ଡିଫେଣ୍ଡିଂ ଚାମ୍ପିୟନ ନାଡ଼ାଲଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ନାଡ଼ାଲଙ୍କୁ କ୍ୱାର୍ଟର ଫାଇନାଲରେ ପରାସ୍ତ କରି ଏବେ ଥିମ୍ ଫ୍ରେଞ୍ଚ୍ ଓପନ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ହୋଇଥିଲେ ମଧ୍ୟ ଥିମ୍ ଆଶାନୁରୂପ ସଫଳତା ହାସଲ କରିପାରି ନାହାନ୍ତି। ୬ ଫୁଟ ୧ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଥିମ୍ ୨୦୧୧ରେ ପେସାଦାର ଟେନିସରେ ପାଦ ଦେଇଥିଲେ। ଏପର୍ଯ୍ୟନ୍ତ ୧୬ଟି ଏଟିପି ଟାଇଟଲ ଜିତିଥିବା ଥିମ୍ ୨୦୧୮ରେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲ ଓ ୨୦୧୭ରେ ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୭ ନଭେମ୍ବର ୬ ତାରିଖରେ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୪ ନମ୍ବର ସ୍ଥାନ ହାସଲ କରିଥିଲେ। ଡବଲ୍ସରେ ଅବଶ୍ୟ ଥିମ୍ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ଜୁନିୟର ଟେନିସରେ ଥିମ୍ ବେଶ୍ ସଫଳ ରହିଛନ୍ତି। ଜୁନିୟରସ୍ତରରେ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୨ ନମ୍ବର ସ୍ଥାନ ହାସଲ କରିଥିଲେ। ୨୦୧୯ରେ ସେ ଇଣ୍ଡିଆନ ୱେଲ୍ସରେ ରୋଜର ଫେଡରରଙ୍କୁ ହରାଇ ଏଟିପି ମାଷ୍ଟର୍ସ ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଜଣେ ଆଗ୍ରେସିଭ୍ ବ୍ୟାକ୍‌ଲାଇନ୍ ଖେଳାଳି ହୋଇଥିଲେ ମଧ୍ୟ ସିଙ୍ଗଲ୍ ହ୍ୟାଣ୍ଡେଡ ବ୍ୟାକ୍ ହ୍ୟାଣ୍ଡ ବ୍ୟବହାର କରିଥାନ୍ତି।

୨୦୧୭ରେ ଥିମ୍ ଫ୍ରାନ୍ ମହିଳା ଟେନିସ ଖେଳାଳି କ୍ରିଷ୍ଟିନା ମ୍ଲାଡେନୋଭିକଙ୍କ ସହ ଡେଟିଂ କରିଆସୁଥିଲେ। ୨୦୧୮ରେ ଦୁହେଁ ନିଜର ସମ୍ପର୍କଥିବା କଥା ସର୍ବସାଧାରଣରେ ପ୍ରକାଶ କରିଥିଲେ। କିନ୍ତୁ ୨୦୧୯ରେ ସେମାନେ ଅଲଗା ହୋଇଥିଲେ। ଥିମ୍ ଫୁଟବଲ୍‌ରେ ଜଣେ ବଡ଼ ପ୍ରଶଂସକ। ଚେଲସି ଏଫ୍‌ସିର ସେ ଜଣେ ବଡ଼ ସମର୍ଥକ ମଧ୍ୟ। ମାତ୍ର ୨୬ ବର୍ଷରେ ପଦାର୍ପଣ କରିଥିବାରୁ ଥିମ୍ ଆଗକୁ ଆହୁରି ସଫଳତା ହାସଲ କରିବେ । ଫର୍ମ ଓ ଫିଟ୍‌ନେସ ବଜାୟ ରଖିଲେ ସେ ଆଗାମୀ ଦିନରେ ବିଶ୍ୱ ଟେନିସ୍‌ରେ ପ୍ରଭାବ ବିସ୍ତାର କରିବେ ବୋଲି ଆଶା କରାଯାଉଛି।

# ପେସାଦାର ମହିଳା ଫୁଟବଲର

**ମାତ୍ର ୧୦ ବର୍ଷ ବୟସରୁ ପୁଅ ପିଲାଙ୍କ ସହ ଫୁଟବଲ ଖେଳିବା ଆରମ୍ଭ କରିଥିବା ମହିଳା ଷ୍ଟ୍ରାଇକର ବାଲା ଦେବୀ ଏବେ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍କଟ୍‌ଲାଣ୍ଡର ଜଣାଶୁଣା ଫୁଟବଲ କ୍ଲବ ରେଞ୍ଜର୍ସ ଏଫ୍‌ସି ସହ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ପ୍ରଥମ ଭାରତୀୟ ଫୁଟବଲର ଭାବେ ଏହି କ୍ଲବ୍ ସହ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି...**

ଭାରତର ଉତ୍ତରପୂର୍ବାଞ୍ଚଳ ଜାତୀୟ ମୁଖ୍ୟ ସ୍ରୋତରୁ ପଛରେ ପଡିବା କଥା ସମସ୍ତେ ଜାଣନ୍ତି।ତେବେ କ୍ରୀଡ଼ା କ୍ଷେତ୍ରରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଦେଶ ପାଇଁ ଯଥେଷ୍ଟ ଅବଦାନ ରହିଛି। ଜାତୀୟ କ୍ରୀଡ଼ା ହକିଠାରୁ ଆରମ୍ଭ କରି ଫୁଟବଲ, ଆଥ୍‌ଲେଟିକ୍ସ, ବକ୍ସିଂ, ଶୁଟିଂ ଏପରି କି ପ୍ରାୟ ସବୁ ଖେଳରେ ଏହି ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ଅଲିମ୍ପିକ୍ସ ପଦକ ବିଜୟିନୀ ଏମ୍ ମେରୀକମ। ସେହିପରି ଫୁଟବଲର ବାଇଚୁଙ୍ଗ ଭୂଟିଆ, ବକ୍ସର ଏଲ୍ ସରିତା ଦେବୀ, ତୀରନ୍ଦାଜ ଜୟନ୍ତ ତାଲୁକଦାର, ୱେଟଲିଫ୍ଟର କେ. ସଞ୍ଜିତା ଚାନୁ, ମୀରାବାଇ ଚାନୁ, ମହିଳା ଜିମ୍ନାଷ୍ଟ ଦୀପା କର୍ମାକର ଓ ଆହୁରି ଅନେକ।

ଏବେ ଏହି ଅଞ୍ଚଳରୁ ଆସିଥିବା ଅଭିଜ୍ଞ ମହିଳା ଫୁଟବଲର ତଥା ତାରକା ଷ୍ଟ୍ରାଇକର ନାଙ୍ଗମ ବାଲା ଦେବୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଣିପୁର ଜନ୍ମିତ ଏହି ମହିଳା ଫୁଟବଲର ଏବେ ଅନ୍ତର୍ଜାତୀୟ କ୍ଲବରେ କମାଲ କରିବେ ବୋଲି ଆଶା କରାଯାଉଛି। ଭାରତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ନାମ କମାଇଥିବା ବାଲା ଦେବୀ ସ୍କଟଲାଣ୍ଡର ଜଣାଶୁଣା ଫୁଟବଲ କ୍ଲବ ରେଞ୍ଜର୍ସ ଏଫ୍‌ସି ସହ ଚୁକ୍ତି କରି ଇତିହାସ ସୃଷ୍ଟି କରିଛନ୍ତି। ଭାରତୀୟ ଫୁଟବଲ୍‌ରେ ଏହା ପ୍ରଥମ ଘଟଣା ସାବ୍ୟସ୍ତ ହୋଇଛି।

ଭାରତୀୟ ଫୁଟବଲ୍‌ରେ ପ୍ରଥମଥର ପାଇଁ କୌଣସି ବିଶ୍ୱସ୍ତରୀୟ କ୍ଲବ ସହ ଜଣେ ଖେଳାଳି ଚୁକ୍ତି କରିଛନ୍ତି। ରେଞ୍ଜର୍ସ ସହ ବାଲା ଦେବୀ ଏକ ୧୮ମାସିଆ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗତ ନଭେମ୍ବରରେ ଅନୁଷ୍ଠିତ ରେଞ୍ଜର୍ସର ଟ୍ରାଏଲ୍‌ରେ ୨୯ ବର୍ଷୀୟା ବାଲା ଦେବୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହିତ ପ୍ରଥମ ଭାରତୀୟ ମହିଳା ପେସାଦାର ଫୁଟ୍‌ବଲର ଭାବେ ବାଲା ଦେବୀ ଏଭଳି ଚୁକ୍ତି କରିଛନ୍ତି। ସେ ମଧ୍ୟ ରେଞ୍ଜର୍ସର ପ୍ରଥମ ଏସୀୟ ମହିଳା ଅନ୍ତର୍ଜାତୀୟ ଫୁଟ୍‌ବଲର ସାବ୍ୟସ୍ତ ହୋଇଛନ୍ତି।

ବାଲା ଦେବୀ ଏପର୍ଯ୍ୟନ୍ତ ଭାରତ ପାଇଁ ୫୮ଟି ମ୍ୟାଚ୍ ଖେଳି ସର୍ବାଧିକ ୫୨ଟି ଗୋଲ ସ୍କୋର କରିଛନ୍ତି। ଦକ୍ଷିଣ ଏସିଆରେ ସେ ସର୍ବାଧିକ ଅନ୍ତର୍ଜାତୀୟ ଗୋଲସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଘରୋଇ ଫୁଟ୍‌ବଲରେ ବାଲା ଦେବୀ ୧୨୦ଟି ମ୍ୟାଚ୍ ଖେଳି ୧୦୦ ଗୋଲ ସ୍କୋର କରିବା ସହ ରେକର୍ଡ କରିଛନ୍ତି। ଗତ ଦୁଇଟି ସେସନରେ ସେ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍‌ରେ ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ୨୦୧୫ ଓ ୨୦୧୬ରେ ସେ ଦୁଇଥର ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ଓମେନ୍ସ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ରେଞ୍ଜର୍ସ ସହ ଚୁକ୍ତି କରିବା ଓ ଖେଳିବା ମୋ ପାଇଁ ଏକ ସ୍ୱପ୍ନ ସତ ହେବା ଭଳି ଘଟଣା ବୋଲି ବାଲା କହିଛନ୍ତି। ଏହା ମୋ ପାଇଁ ଏକ ଉପଲବ୍ଧି ବୋଲି ସେ କହିଛନ୍ତି।

ବାଲା ଦେବୀ ମଣିପୁରର ବିଷ୍ଣୁପୁର ଜିଲାରେ ୧୯୯୦ ଫେବୃୟାରୀ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେତେବେଳେ ଝିଅମାନେ ଫୁଟବଲ ଖେଳୁ ନ ଥିଲେ। ତେବେ ପୁଅପିଲା ଫୁଟବଲ ଖେଳିବା ଦେଖିଥିଲେ। ପ୍ରଥମେ ପୁଅଙ୍କ ସହ ସେ ଫୁଟବଲ ଖେଳିବା ଆରମ୍ଭ କରିଥିଲେ। କେତେକ ତାଙ୍କୁ ଏଥିରୁ ବାରଣ କରିଥିଲେ ଓ ଆଉ କେତେକ ସମର୍ଥନ କରିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ୧୯ ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ। ଏହାପରେ ରାଜ୍ୟ ଦଳ ପାଇଁ ସେ ପ୍ରତିନିଧିତ୍ୱ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁ ନାହାନ୍ତି।

୨୦୦୨ରେ ଆସାମରେ ଆୟୋଜିତ ୧୯ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍‌ରେ ମଣିପୁର ତରଫରୁ ଅଂଶଗ୍ରହଣ କରିଥିଲେ। ଏଥିରେ ସେ ସର୍ବାଧିକ ଗୋଲ ସ୍କୋର କରି ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ରେ ସେ ପୁଣି ଥରେ ଏହି ପୁରସ୍କାର ହାସଲ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ ସର୍ବାଧିକ ଗୋଲ ସ୍କୋର କରିବାର ସଫଳତା ଅର୍ଜନ କରିଥିଲେ। ସେ ୨୦୧୪ରେ ସିନିୟର ଦଳ ତରଫରୁ ଅଂଶଗ୍ରହଣ କରିଥିଲେ। ମଣିପୁର ପୋଲିସ ଡିପାର୍ଟମେଣ୍ଟ ପାଇଁ କାର୍ଯ୍ୟକରୁଥିବା ବାଲା ଦେବୀ ୨୦୧୦, ୨୦୧୪ ଓ ୨୦୧୬ରେ ସାଫ ମହିଳା ଚାମ୍ପିୟନଶିପ୍ ହାସଲ କରିଥିଲେ। ସେହିପରି ସାଉଥ ଏସିଆନ ଗେମ୍ସରେ ସେ ୨୦୧୦ ଓ ୨୦୧୬ରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ରେଞ୍ଜର୍ସ ତରଫରୁ ଖେଳି ସେ ଅନ୍ତର୍ଜାତୀୟସ୍ତରରେ ନିଜ ଦେଶକୁ ଗୌରବାନ୍ୱିତ କରିବେ ବୋଲି ଆଶା କରାଯାଉଛି।



ନାମ– ନାଙ୍ଗମ ବାଲା ଦେବୀ
ଜନ୍ମ– ମଣିପୁର
ପ୍ଲେଇଂ ପୋଜିଶନ– ଷ୍ଟ୍ରାଇକର
ଅନ୍ତର୍ଜାତୀୟ ମ୍ୟାଚ୍– ୫୮
ଗୋଲ – ୫୨
ଏବେକାର ଦଳ– ରେଞ୍ଜର୍ସ
ପ୍ରତିନିଧିତ୍ୱ– ୧୬, ୧୯ ବର୍ଷରୁ କମ୍ ଦଳ ଓ ଭାରତ ସିନିୟର ଦଳ
ପୁରସ୍କାର: ୨୦୧୪, ୨୦୧୫ ଏଆଇଏଫ୍ଏଫ୍ ଓମ୍ୟାନ ଫୁଟବଲର ଅଫ୍ ଦି ଇୟର।
ସାଫ୍ ମହିଳା ଚାମ୍ପିୟନଶିପ: ଟାଇଟଲ (୨୦୧୦, ୨୦୧୪, ୨୦୧୬)
ସାଉଥ ଏସିଆନ ଗେମ୍ସ: ୨ ସ୍ୱର୍ଣ୍ଣ(୨୦୧୦, ୨୦୧୬)

# ସୁପର

ଡିପ୍ ସ୍କୋୟାର ଲେଗ୍‌ରେ
ନଭଶ୍ଚୁମ୍ବୀ ଛକା
ମାରିଲା ରୋହିତ ଟୋକା
ସୁପର ଓଭରରେ ସୁପର ଶୋ ଦେଖି
ନ୍ୟୁଜିଲାଣ୍ଡ, ଦର୍ଶକ ବୋକା
ସୌଦିର ୟର୍କର ଫିକା
ନ୍ୟୁଜିଲାଣ୍ଡ ମାଟିରେ ଟି୨୦ ସିରିଜ
ବିଜୟ ପ୍ରଥମ ନୋକା ।୧ ।

ଧୋନୀଙ୍କୁ ପଛରେ ପକାଇ କୋହଲି
ରେକର୍ଡ ବ୍ରେକର ପୁଣି
ଟି୨୦ ଫର୍ମାଟରେ ଜ୍ୟାଦା ରନ୍
ଧୋନୀଠାରୁ ଗଲା ଜିଣି
ସୁପର ବିରାଟ ଠାଣି
ସାଧନା ବଳରେ ଲକ୍ଷ୍ୟପ୍ରାପ୍ତି ହୁଏ
ସେ ଲୋକ ମଉଡମଣି ।୨ ।

ଟିମ୍ ସିନା ଏବେ ସୁପର ଲିଷ୍ଟରେ
ଟେଷ୍ଟ, ୱାନଡେ, ଟି–ଟ୍ୱେଣ୍ଟି
କାଞ୍ଚି ଅଭିଯାନ ପରିକା ଯାଉଛି
ଆଗକୁ ଆଗକୁ ଛୁଟି
ସୁପର ଭାରତ ମାଟି
ସୁପର ତାହାର ପାଣି ପବନ
ଦେଶ ବୀର ବେଟା ବେଟୀ ।୩ ।

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.49 (22) | 40,913.82 (▼284.84) | 12,035.80 (▼93.70) | 41,524.00 (▲₹400) | 47,392.00 (▲₹737) |

“ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏବେ ଖର୍ଚ୍ଚ ବୃଦ୍ଧି ଘଟୁଥିବାରୁ ମେଡିକାଲ ବୀମା କ୍ଷେତ୍ରରେ ସରକାର ଟିକସ ରିହାତି ସୁବିଧା ଆଣିବା ନେଇ ଆଶାବାଦୀ।
– ପୁଷାନ ମହାପାତ୍ର, ଏମ୍‌ଡି ତଥା ସିଇଓ ଏସ୍‌ବିଆଇ ଜେନେରାଲ



“ ଦେଶର ମନ୍ଥର ଜିଡ଼ିପିକୁ ତ୍ୱରାନ୍ୱିତ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ଦିଗରେ ବଜେଟରେ ପଦକ୍ଷେପ ମାନ ଆସିବା ଆବଶ୍ୟକ।
– ପ୍ରଫେସର ମହାଦେଓ ଜୟସ୍ୱାଲ, ନିର୍ଦ୍ଦେଶକ, ଆଇଆଇଏମ୍, ସମ୍ବଲପୁର



# ଆୟକର ଛାଡ଼ ସୀମା ବୃଦ୍ଧି ଆଶା




- ବଜେଟ ପୂର୍ବ ସର୍ଭେରେ ମତ ଦେଲେ ୭୮% କମ୍ପାନୀ
- ୮୨% କହିଲେ ୮୦ସିରେ ଡିଡକଶନ ବଢ଼ିବ
- ଅର୍ଥ ବ୍ୟବସ୍ଥାରେ ସୁଧାର ନେଇ ଆସିପାରେ ଘୋଷଣା

ନୂଆଦିଲ୍ଲୀ,୩୦–୧

ଶୁକ୍ରବାରଠାରୁ ୨୦୨୦–୨୧ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟର ଅଧିବେଶନ ଆରମ୍ଭ ହେଉଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହେବା ପରେ ଫେବୃୟାରୀ ପହିଲାରେ ବଜେଟ ଆସିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବେ। ଚଳିତ ଆର୍ଥିକ ବର୍ଷ ଦେଶର ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ସ୍ଥିତି ଦେଇ ଗତି କରୁଛି। ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ଅର୍ଥବ୍ୟବସ୍ଥା ଏବେ ମଧ୍ୟ ଟ୍ରାକକୁ ଫେରି ନାହିଁ। ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ବଜେଟରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ନେଇ ବଜାର ବିଶେଷଜ୍ଞମାନେ ଆଶା ରଖିଛନ୍ତି। ଚାହିଦା ଖସିବା ଯୋଗୁ ଦେଶର ଆର୍ଥିକ କାର୍ଯ୍ୟକଳାପ ଖସିଛି। ଏଭଳି ସ୍ଥିତିରେ ଚାହିଦା ବଢାଇବା ଲାଗି ସରକାର ପଦକ୍ଷେପ ହାତକୁ ନେଇ ପାରନ୍ତି ବୋଲି ବଜାର ବିଶେଷଜ୍ଞ କୁହନ୍ତି। ଅପରପକ୍ଷରେ ଲୋକଙ୍କ ନିକଟକୁ ଅଧିକ ଅର୍ଥ ଆସିଲେ ସେମାନେ ଖର୍ଚ୍ଚ କରିବେ ଏବଂ ଆର୍ଥିକ କାର୍ଯ୍ୟକଳାପ ବଢିବ ବୋଲି କିଛି ଅର୍ଥନୀତିଜ୍ଞ ମତ ରଖିଛନ୍ତି।

ବଜେଟରେ ଆୟକର ଛାଡ ସୀମା ବୃଦ୍ଧି ସମ୍ପର୍କରେ ସରକାର ଘୋଷଣା କରିପାରନ୍ତି ବୋଲି ଦେଶର ଶିଳ୍ପ ଜଗତ ଆଶାବାଦୀ ରହିଛି। ଟିକସ କନସଲଟାନ୍ସି ଫାର୍ମ କେପିଏମଜି ପକ୍ଷରୁ ଏ ନେଇ ଏକ ସର୍ଭେ ହୋଇଥିଲା। ଏଥିରେ ୧୮ କ୍ଷେତ୍ରରେ କାର୍ଯ୍ୟରତ ୨୧୯ କମ୍ପାନୀଙ୍କୁ ସାମିଲ କରାଯାଇଥିଲା। ସର୍ଭେରେ ୭୮% କମ୍ପାନୀ କହିଛନ୍ତି ଯେ, ଆୟକର ଛାଡର ବର୍ତ୍ତମାନ ସୀମା ୨.୫ ଲକ୍ଷରୁ ବଢିଯିବ। ୩୦% ଟିକସ ଲାଗୁ ହେଉଥିବା କ୍ଷେତ୍ରରେ ମଧ୍ୟ ସରକାର ପଦକ୍ଷେପ ନେବେ ବୋଲି ୭୨% ଆଶା ରଖିଛନ୍ତି। ଏ କ୍ଷେତ୍ରରେ ନିମ୍ନ ସୀମାରେ ବୃଦ୍ଧି ଘଟିପାରେ ବୋଲି ସେମାନେ ମତ ଦେଇଛନ୍ତି। ଏବେ ୧୦ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦% ଟିକସ ଲାଗୁ ହେଉଛି। ୮୨% ମତ ଦେଇଛନ୍ତି ୮୦ସିରେ ଡିଡକଶନ ବଢିପାରେ। ୫୩%ଙ୍କୁ ଷ୍ଟାଣ୍ଡାର୍ଡ ଡିଡକଶନରେ ବୃଦ୍ଧି, ୪୪%ଙ୍କୁ ଏଚ୍‌ଆର୍‌ଏ ଭଳି ଟିକସ ମୁକ୍ତ ଭତ୍ତା କ୍ଷେତ୍ରରେ ବୃଦ୍ଧି ଭଳି ଆଶା ରହିଛି।

ସେହିଭଳି ୫୩% କମ୍ପାନୀ କହିଛନ୍ତି, ଲଙ୍ଗ୍ ଟର୍ମ କ୍ୟାପିଟାଲ ଗେନ୍ସ ଉପରେ ଟିକସ ହଟିବାର ଆବଶ୍ୟକତା ରହିଛି। ଘରୋଇ କମ୍ପାନୀ ବାଦ ବିଦେଶୀ କମ୍ପାନୀଙ୍କ ଲାଗି ଟିକସ ହ୍ରାସ ଉପରେ ସରକାର କାମ କରନ୍ତୁ ବୋଲି ଅନେକେ ମତ ରଖିଛନ୍ତି। ଇନହେରିଟାନ୍ସ ଟିକସ ଉପରେ କୌଣସି ଘୋଷଣା ଆସିବ ନାହିଁ ବୋଲି ଅନେକଙ୍କ ମତ ରହିଛି। କମ୍ପାନୀଙ୍କ ଉପରେ ଲାଗୁ ହେଉଥିବା ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ ଉଚ୍ଛେଦ ହେଉ ବୋଲି ୫୪% ମତ ରଖିଛନ୍ତି। ୫୦% କମ୍ପାନୀ ସେଜ୍ ଅନ୍ତର୍ଗତ ଟିକସ ରିହାତିର ସମୟ ମାର୍ଚ୍ଚ ୨୦୨୦ ପରେ ମଧ୍ୟ ବଢିବ ବୋଲି ଆଶାବାଦୀ ଅଛନ୍ତି। ସିକ୍ୟୁରିଟି ଟ୍ରାଞ୍ଜାକଶନ ଟିକସ ହଟିବା ନେଇ ୪୨% ମତ ଦେଇଥିବା ବେଳେ ବିଦେଶୀ କମ୍ପାନୀ ଉପରେ ଟିକସ ହ୍ରାସ ହେବା ନେଇ ୫୨% ଏବଂ ଇ–ଆସେସମେଣ୍ଟ ସ୍କିମ ଦ୍ୱାରା ଟାକ୍ସ କ୍ଷେତ୍ରରେ ପାରଦର୍ଶିତା ବଢିବ ବୋଲି ୬୮% ମତ ଦେଇଛନ୍ତି। ସେହିଭଳି ୭୦% କହିଛନ୍ତି ଯେ, ଇ–ଆସେସମେଣ୍ଟ ଦ୍ୱାରା ଟିକସଦାତା ଫାଇଦା ଲାଭ କରିବେ।

### ଆୟକର ରିହାତିରୁ ନିବେଶ ବଢିପାରେ

ସରକାର ସେପ୍ଟେମ୍ବରରେ କର୍ପୋରେଟ ଟିକସ ହ୍ରାସ କରିଥିଲେ। ଏହାପରେ ବ୍ୟକ୍ତିଗତ ଆୟକରରେ ହ୍ରାସ ହେବା ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଥିଲା। କର୍ପୋରେଟ ଟିକସ ହ୍ରାସ ହୋଇଥିଲେ ମଧ୍ୟ ଅର୍ଥ ବ୍ୟବସ୍ଥା ଉପରେ ଏହାର ଆଶା ମୁତାବକ ସୁଫଳ ଏବେ ଯାଏ ପରିଲକ୍ଷିତ ହୋଇ ପାରିନାହିଁ। ଅଭିବୃଦ୍ଧି ବଢ଼ାଇବାକୁ ସରକାର ବଡ ଘୋଷଣା କରିପାରନ୍ତି ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କେପିଏମ୍‌ଜି ଟାକ୍ସେଶନ ପ୍ରୋଜେକ୍ଟ ମୁଖ୍ୟ ହିତେଶ ଗଜାରିଆ କହିଛନ୍ତି, ବ୍ୟକ୍ତିଗତ ଟିକସ ହାର ହ୍ରାସ ହେଉ ବୋଲି ଅଧିକାଂଶ କମ୍ପାନୀ ଆଶା ରଖିଛନ୍ତି। ଏହା ଦ୍ୱାରା ନିବେଶ ଏବଂ ଖର୍ଚ୍ଚ ବଢ଼ିବା ନେଇ ଆଶା ବଢ଼ିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

## ଭୋଲଟାସ ବେକୋର ପ୍ରଥମ ମାନୁଫାକ୍‌ଚରିଂ ୟୁନିଟ୍




ନୂଆଦିଲ୍ଲୀ,୩୦–୧

ଭୋଲ୍ଟବେକ୍ ହୋମ୍ ଆପ୍ଲାଏନ୍‌ସେସ୍ ପ୍ରାଇଭେଟ ଲିମିଟେଡ (ଭୋଲ୍ଟବେକ୍) ଭାରତରେ ଏହାର ପ୍ରଥମ ମାନୁଫାକଚରିଂ ୟୁନିଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ପ୍ରମୁଖ ଏସି ବ୍ରାଣ୍ଡ ଭୋଲଟାସ ଏବଂ ୟୁରୋପର କଞ୍ଜ୍ୟୁମର ଡ୍ୟୁରେବଲ ବ୍ରାଣ୍ଡ ଆର୍ସେଲିକର ଏହା ଯୌଥ ଉଦ୍ୟୋଗ ହୋଇଥିବା ବେଳେ ଗୁଜରାଟର ଅହମ୍ମଦାବାଦ ନିକଟସ୍ଥ ସାନନ୍ଦଠାରେ ୬୦ ଏକର ପରିମିତ ସ୍ଥାନରେ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହି ୟୁନିଟରେ ରେଫ୍ରିଜରେଟର, ୱାଶିଂମେଶିନ ସମେତ ଅନ୍ୟ ହୋମଆପ୍ଲାଏନ୍ସ ପ୍ରସ୍ତୁତ କରାଯିବ। ଏହି ପ୍ଲାଣ୍ଟରେ ୧୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶ ହୋଇଛି। ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ଏଭଳି ପଦକ୍ଷେପ ଦ୍ୱାରା ଆଗକୁ ବଢିବା ଲାଗି ଯୋଜନା ହାତକୁ ନିଆଯାଇଥିବା ଭୋଲଟାସ ଲିମିଟେଡର ଅଧ୍ୟକ୍ଷ ନୋଏଲ ଟାଟା କହିଛନ୍ତି।

## ନୂଆ ଉଦ୍ଭାବନକୁ ଭିକୋର ଗୁରୁତ୍ୱ




ନୂଆଦିଲ୍ଲୀ,୩୦–୧ : ଭିକୋ ଲାବରୋଟରୀ ସର୍ବଦା ଔଦ୍ୟୋଗିକତା ଏବଂ ଉଦ୍ଭାବନକୁ ଗୁରୁତ୍ୱ ଦେଇ ଆସିଛି। ଏହି ଆଧାରରେ ଗତ କିଛି ବର୍ଷ ଧରି ପ୍ରଡକ୍ଟ ପ୍ରସ୍ତୁତ କରାଯାଇଛି। ଏହା ଫଳରେ କମ୍ପାନୀ ଦେଶ ନୁହେଁ ବିଦେଶରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଛି ବୋଲି ଭିକୋର ନିର୍ଦ୍ଦେଶକ ସଞ୍ଜୀବ ପେନ୍ଧାରକର ସୂଚନା ଦେଇଛନ୍ତି। ଏମ୍ପାୱାର ଟ୍ରେନର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନୁଷ୍ଠିତ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ପେନ୍ଧାରକର କହିଛନ୍ତି ଯେ, ଏଭଳି ଆୱାର୍ଡ ଉତ୍ସବରେ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବା ଏକ ଖୁସିର କଥା। ପ୍ରତ୍ୟକ୍ଷ ବିକ୍ରି ଶିଳ୍ପରେ ଭଲ ନାମ କମାଇଥିବା କମ୍ପାନୀ ବ୍ୟକ୍ତି ବିଶେଷଙ୍କ ଏହି ଆୱାର୍ଡ ଆଗକୁ ବଢିବାରେ ପ୍ରେରଣା ଯୋଗାଇବ। ଏହି ଅବସରରେ ସେ ଭିକୋର ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ରିଲାଏନ୍ସ ଜୁଏଲ୍ସର ନୂଆ କଲେକ୍ସନ

ନୂଆଦିଲ୍ଲୀ,୩୦–୧

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂଆ ବେଲା କଲେକ୍ସନ ବଜାରକୁ ଆସିଛି। ଏହା ସଦ୍ୟତମ ଷ୍ଟାଇଲ ଜୁଏଲେରୀ ହୋଇଥିବା ବେଳେ ହଲିଡେ ସ୍ପିରିଟକୁ ବୃଦ୍ଧି କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଅନନ୍ୟ ଷ୍ଟାଇଲର ଏହି ଗହଣା ଉପହାର ଏକ ପ୍ରମୁଖ ବିକଳ୍ପ ହୋଇ ପାରିବ। ଏହାର ଗଢଣ ସ୍ୱତନ୍ତ୍ର ହୋଇଥିବା ବେଳେ ହାଲକା ମଧ୍ୟ ରହିଛି। କଲେକ୍ସନ ମଧ୍ୟରେ ରହିଛି ସଦ୍ୟତମ ନେକଲେସପିସ୍, ରୋଜ ଗୋଲ୍ଡର ବ୍ରେସଲେଟ, ହ୍ୱାଇଟ ଗୋଲ୍ଡ ଏବଂ ଡାଇମଣ୍ଡ ବ୍ରେସଲେଟ। ଏହା ସହ କମ୍ପାନୀ ପକ୍ଷରୁ ନୂଆ ବର୍ଷ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ସୁନା ଗହଣାର ଗଢାମୂଲ୍ୟ ଉପରେ ଗ୍ରାହକ ଫ୍ଲାଟ ୨୦% ରିହାତି ପାଇପାରିବେ। ଏହି ଅଫର ୧୬ ଫେବୃୟାରୀ ଯାଏ ଚାଲୁ ରହିବ। ରିଲାଏନ୍ସ ଜୁଏଲ୍ସର ଷ୍ଟାଣ୍ଡାଲୋନ ଷ୍ଟୋରଗୁଡିକରେ ବେଲା କଲେକ୍ସନ ଗ୍ରାହକ ୫୦୦୦ ଟଙ୍କା ଆରମ୍ଭ ମୂଲ୍ୟରେ ଉପଲବ୍ଧ ହେବ।

## ନିଶାନ ଆଣିବ ନୂଆ ଏସ୍‌ୟୁଭି

ନୂଆଦିଲ୍ଲୀ,୩୦–୧

ନିଶାନ ଇଣ୍ଡିଆ ପକ୍ଷରୁ ଶୀଘ୍ର ନୂଆ ଏସ୍‌ୟୁଭି ବଜାରକୁ ଆସିବ। ମେକ୍ ଇନ ଇଣ୍ଡିଆ ମେକ୍ ଫର ଦି ୱାର୍ଲଡ ଦର୍ଶନକୁ ଦୃଷ୍ଟିରେ ରଖି କମ୍ପାନୀ ଏହି ଯାନକୁ ପ୍ରସ୍ତୁତ କରୁଛି। ବିଶ୍ୱସ୍ତରୀୟ ତଥା ଅତ୍ୟାଧୁନିକ ଟେକ୍ନୋଲୋଜି ଆଧାରରେ ଯାନଟିକୁ ପ୍ରସ୍ତୁତ କରାଯାଉଛି। କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଆସୁଥିବା ଏହି ଯାନ ଆଗାମୀ ଯାତ୍ରାଗୁଡ଼ିକୁ ଧ୍ୟାନରେ ରଖି ବିକଶିତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଦୃଢ, ଶକ୍ତିଶାଳୀ ଏବଂ ଷ୍ଟାଇଲିସ ଡିଜାଇନ ଏହା ଦ୍ୱାରା ଗ୍ରାହକ ପାଇପାରିବେ। ଜାପାନ ଭିତ୍ତିକ ଇଞ୍ଜିନିୟରିଂ, ଅପ୍ରତିଦ୍ୱନ୍ଦ୍ୱୀ ଅଭିନବତା, ପାରମ୍ପରିକ ବୈଶିଷ୍ଟ୍ୟ ପ୍ରତି ନିଦର୍ଶନ, ପାଥଫାଇଣ୍ଡର, ଆର୍ମଡା, ଏକ୍ସଟ୍ରେଲ, ଜ୍ୟୁକ, କ୍ୱାସକି, କିକ୍ସ ଭଳି ନିଶାନର କେତେକ ବିଶିଷ୍ଟ ମଡେଲ ଉପରେ ଏହାକୁ ପର୍ଯ୍ୟବସିତ କରାଯାଇଛି।

**BIJU PATNAIK UNIVERSITY OF TECHNOLOGY, ODISHA**
**ROURKELA**

No. BPUT/TEQIP-III/257/20 Date: 29/01/2020

**RE-TENDER NOTICE**

TEQIP Cell, Biju Patnaik University of Technology (BPUT), Odisha, Rourkela is inviting re-tender for hiring of consultant/vendor from reputed agencies/consultants for conducting **"Smart Odisha BPUT Hackathon"** to find out possible solutions to real world problems by application of full potential of modern AI.

Government/Private sector entities who are engaged in Conceptualizing, Organizing and Managing the Hackathon are invited to participate in the tender process as per the terms and conditions mentioned in the tender document. The tender process is consisting of two bid system, i. e (i) Technical bid (ii) Financial Bid.

The filled & sealed bid document should reach the TEQIP CELL, BPUT, Chhend, Rourkela, Odisha up to **05-02-2020 (Monday) at 4:30 PM** by speed post/ Courier services and will be opened on **05-02-2020 at 04:45PM,** in the presence of all participating vendors/their representatives.

For other details about the selection criteria and tender document, please visit our website: **www.bput.ac.in.**

Sd/-
Co-ordinator TEQIP-III
BPUT (ATU), Odisha, Rourkela

Tel:-06672242765 Fax-06672-242823
Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE EXECUTIV ENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-05 OF 2019-20 Date: 28.01.2020

No.-O-944 :- **"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work :Road works in the District of Kalahandi as mentioned in DTCN
2. Total No of Works : 07 No.
3.Estimated Cost: : Rs.6.94 to 19.37 lakhs
4.Period of Completion: : 01 Calendar Month
5.Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 06.02.2020 At 10.00 AM | 17.02.2020 Up to 5.00 PM | 13.02.2020 Up to 5.00 PM | 18.02.2020 At 11.00 AM |

Further details can be seen from the website www.tendersorissa.gov.in

Executive Engineer
Rural Works Division
Dharmagarh

25100/11/0005/1920

Tel:-06672242765 Fax-06672-242823
Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE EXECUTIV ENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-03 OF 2019-20 Date: 27.01.2020

No.O-942 :- **"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work :Road works in the District of Kalahandi as mentioned in DTCN
2. Total No of Works : 02 Nos.
3.Estimated Cost: : Rs.50.74 and 53.10 lakhs
4.Period of Completion: : 01 Calendar Month
5.Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 05.02.2020 At 10.00 AM | 15.02.2020 Up to 5.00 PM | 12.02.2020 Up to 5.00 PM | 17.02.2020 At 11.00 AM |

Further details can be seen from the website www.tendersorissa.gov.in

Sd./- Executive Engineer
Rural Works Division
Dharmagarh

25100/11/0003/1920

**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**JAGRUTI FINANCE**
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଖର୍ଚ୍ଚ ଋଣରୁ କଟିବ
**ALL INDIA FINANCE**
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଆଡଭାନ୍ସ ନେଉନୁ ଧୋକା ଦେଉନୁ
**AMERICAN FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

**Radhe Finance**
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

BUSINESS

**BUSINESS**
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
7664091295

**SHINGHANIA TOWER**
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

DHARITRI Career appointment Every Wednesday and Saturday

REAL ESTATE

GHARABARI
PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.:
9178500350

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ – ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

## ସଂକ୍ଷେପରେ

### ପେସରଙ୍କୁ କହୁଣି ମାରି ବ୍ୟାଟ୍ସମ୍ୟାନ ଦଣ୍ଡିତ

ଦୁବାଇ, ୩୦।୧ (ପି.ଟି.)-ଭାରତୀୟ ପେସ୍ ବୋଲର ଆକାଶ ସିଂଙ୍କୁ ଜାଣିଶୁଣି କହୁଣିରେ ସ୍ପର୍ଶ କରିଥିବା ଅଭିଯୋଗରେ ଅଷ୍ଟ୍ରେଲିଆର ଓପନିଂ ବ୍ୟାଟ୍ସମ୍ୟାନ ସାମ୍ ଫ୍ୟାନିଂ ଦଣ୍ଡିତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ପୋଶ୍ଚେଫଷ୍ଟ୍ରୁମ୍‌ଠାରେ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ର ଏକ କ୍ୱାର୍ଟର ଫାଇନାଲ ମ୍ୟାଚ ବେଳେ ଏହି ଘଟଣା ଘଟିଛି। ଫ୍ୟାନିଂ ଖେଳାଳି ଏବଂ ଖେଳାଳିଙ୍କ ସହାୟକ କର୍ମଚାରୀଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣବିଧି ଲେଭଲ-୧ର ଉଲ୍ଲଂଘନ କରିଛନ୍ତି। ଏଥିଲାଗି ତାଙ୍କୁ ଦୁଇ ଡେମେରିଟ ପଏଣ୍ଟ ମିଳିଛି। ଫ୍ୟାନିଂ ନିଜ ଦୋଷ ସ୍ୱୀକାର କରିବା ସହ ୧୯ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ମ୍ୟାଚ ରେଫରି ଗ୍ରେମ୍ ଲାବରଏଙ୍କ ଦ୍ୱାରା ହୋଇଥିବା ଦଣ୍ଡ ବିଧାନକୁ ଗ୍ରହଣ କରିଛନ୍ତି। ଅଷ୍ଟ୍ରେଲିଆର ଏହି ଖେଳାଳିଙ୍କ ବିରୋଧରେ ଫିଲ୍ଡ ଅମ୍ପାୟର ଆଡ୍ରିଆନ୍ ହୋଲ୍ଷ୍ଟକ୍ ଓ ଶାର୍ଫୁଦୋଲା ଇବନେ ଶାହିଦ୍, ତୃତୀୟ ଅମ୍ପାୟର ୱେନ୍ ନାଇଟ୍ସ ଏବଂ ଚତୁର୍ଥ ଅମ୍ପାୟର ଆସିଫ ୟାକୁବ୍ ପ୍ରମୁଖ ଅଭିଯୋଗ ଆଣିଥିଲେ। ଅଷ୍ଟ୍ରେଲିଆର ରନ ଚେଜ୍‌ବେଳେ ୩୧ତମ ଓଭରର ପ୍ରଥମ ବଲ୍‌ରେ ଏହି ଘଟଣା ଘଟିଥିଲା। ସେତେବେଳେ ଫ୍ୟାନିଂ ୪୮ ରନ କରି ବ୍ୟାଟିଂ କରୁଥିଲେ ଏବଂ ବୋଲର୍ସ ଏଣ୍ଡ୍ କ୍ରିଜ୍‌ରେ ଥିଲେ। ଆକାଶ ତାଙ୍କ ବୋଲିଂ ବେଳେ ରନ୍ ଶେଷ କଲାବେଳେ ଫ୍ୟାନିଂ ତାଙ୍କୁ ଜାଣିଶୁଣି କହୁଣି ମାରିଥିଲେ। ଏଥିରେ ବୋଲର ଜଣକ ଖରାପ ଅନୁଭବ କରିଥିବା ରିପ୍ଲେରେ ବାରିହୋଇଯାଉଥିଲା। ଅଷ୍ଟ୍ରେଲିଆ ୨୩୪ରନ ଚେଜ୍ କରୁଥିବାବେଳେ ବିଜୟଠାରୁ ୭୪ରନ ପଛରେ ରହିଯାଇଥିଲା। ଟପ୍ ସ୍କୋରର ଫ୍ୟାନିଂ ୭୫ରନ କରିଥିଲେ।

### ଭାରତ-ଏ ୨୧୬ରେ ସୀମିତ

ଖ୍ରୀଷ୍ଟଚର୍ଚ୍ଚ, ୩୦।୧ (ପି.ଟି.)- ଘରୋଇ ନ୍ୟୁଜିଲାଣ୍ଡ-ଏ ଓ ଭାରତ-ଏ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ୪ ଦିବସୀୟ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ ପ୍ରଥମ ଇନିଂସରେ ମାତ୍ର ୨୧୬ ରନରେ ସୀମିତ ରହିଛି। ଭ୍ରମଣକାରୀ ଭାରତ-ଏ ପକ୍ଷରୁ ଅଧିନାୟକ ହନୁମା ବିହାରୀ (୫୧) ଓ ଶୁବମନ ଗିଲ (୮୩) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ (୦), ଅଭିମନ୍ୟୁ ଈଶ୍ୱରନ (୮), ପ୍ରିୟଙ୍କ ପଞ୍ଚାଲ (୧୮), ବିଜୟ ଶଙ୍କର (୮) ଓ ଶ୍ରୀକର ଭରତ (୧୬) ପ୍ରମୁଖ ନିରାଶ କରିଥିଲେ। ଭାରତ-ଏ ପ୍ରାରମ୍ଭରୁ ୩୪ ରନରେ ୩ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଗିଲ୍ ଓ ବିହାରୀ ୪ର୍ଥ ଉଇକେଟ୍ ଯୋଡ଼ିରେ ୧୧୯ ରନର ଭାଗୀଦାରି କରି ସ୍ଥିତି ସଜାଡ଼ିଥିଲେ। ନ୍ୟୁଜିଲାଣ୍ଡ-ଏ ପକ୍ଷରୁ ମିଚେଲ ରେ ୪ଟି, କୋଲ୍ ମ୍ୟାକ୍‌କୋଞ୍ଚି ୩ଟି ଉଇକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ-ଏ ଗୁରୁବାର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩୩ ଓଭରରେ ୨ ଉଇକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରିଛି। ୱିଲ ୟଙ୍ଗ୍ ୨୬ ଓ ଅଜିଜ୍ ପଟେଲ ୧ ରନ କରି ଅପରାଜିତ ରହିଛନ୍ତି। ରେଚିନ ରବୀନ୍ଦ୍ର ୪୭ ଓ ହାମିଶ ରଦରଫୋର୍ଡ ୨୮ ରନ କରି ଆଉଟ୍ ହୋଇଛନ୍ତି। ଭାରତ-ଏ ପକ୍ଷରୁ ମହମ୍ମଦ ସିରାଜ ଓ ଇଶାନ ପୋରେଲ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଇନିଂସ ଅଗ୍ରଣୀ ପାଇଁ ଘରୋଇ ଦଳ ଆହୁରି ୧୧୧ ରନ ଆବଶ୍ୟକ କରୁଛି।



ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲରୁ ବିଦାୟ ସତ୍ତ୍ୱେ ମୁଁ ୨୦ ଗ୍ରାଣ୍ଡସ୍ଲାମ ସଫଳତା ଲକ୍ଷ୍ୟରୁ ଓହରି ଯାଇ ନାହିଁ।

–ରୋଜର ଫେଡରର, ବିଶିଷ୍ଟ ଟେନିସ ଖେଳାଳି



ଆସନ୍ତା ସିଜନରେ ମୁଁ ମର୍ସିଡିଜରୁ କିମ୍ବା ଅନ୍ୟ ଟିମ୍‌ରୁ ପ୍ରତିନିଧିତ୍ୱ କରିବି, ତାହା ଏପର୍ଯ୍ୟନ୍ତ ସ୍ଥିର କରିନାହିଁ।

–ଲୁଇସ୍ ହାମିଲଟନ, ଫର୍ମୁଲା ୱାନ ଡ୍ରାଇଭର

# ଓଡ଼ିଶାର ଉତ୍କର୍ଷପୂର୍ଣ୍ଣ ବିଜୟ

କଟକ ଅଫିସ,୩୦।୧

ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଚମକପ୍ରଦ ବିଜୟ ହାସଲ କରିଛି। ପେସ୍ ବୋଲରଙ୍କ ପ୍ରଭାବଶାଳୀ ବୋଲିଂ ସହାୟତାରେ ଓଡ଼ିଶା ଏକ ଇନିଂସ ଓ ୩ରନରେ ଆସାମକୁ ପରାସ୍ତ କରିଛି। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଦେବବ୍ରତ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଏଲିଟ୍ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଫେରିଛି ଓଡ଼ିଶା। ୭ ମ୍ୟାଚ୍‌ରୁ ୫ ବିଜୟ ଓ ଗୋଟିଏ ଲେଖାଏ ପରାଜୟ, ଡ୍ର ସହିତ ଓଡ଼ିଶା ୩୫ ପଏଣ୍ଟ ହାସଲ କରିଛି। ଆସନ୍ତା ୪ ତାରିଖରେ ମହାରାଷ୍ଟ୍ରର ନାଗୋଥାନେସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ଦଳ ପରବର୍ତ୍ତୀ ମ୍ୟାଚ୍ ଖେଳିବ।

**ଆସାମ ୧୯୫ରେ ସୀମିତ**

ଓଡ଼ିଶାର ପ୍ରଥମ ଇନିଂସ ୪୩୬ ରନ ଜବାବରେ ଆସାମ ୨୩୮ ରନରେ ଅଲଆଉଟ ହୋଇଥିଲା। ଫଲୋଅନ ପାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଗୋକୁଳ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବିନା ଉଇକେଟରେ ୧୦୨ରନ କରିଥିଲା। ଦୁଇ ଓପନର ଶୁଭମ ମଣ୍ଡଳ ୪୦ରନ ଓ କୁନାଲ ସାଇକିଆ ୬୨ରନରେ ଅପରାଜିତ ଥିଲେ। ମ୍ୟାଚ୍‌କୁ ବଞ୍ଚାଇବା ଲକ୍ଷ୍ୟରେ ଥିଲା ଭ୍ରମଣକାରୀ ଆସାମ। ଏପରିକି ୯୬ରନ ପଛରେ ଥିବାରୁ ଓଡ଼ିଶା ସମ୍ମୁଖରେ ଆସାମ ବିଜୟଲକ୍ଷ୍ୟ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଥିଲା। ହେଲେ ଦୁଇ ଓପନରଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। କୁନାଲ ୭୨ରନ କରିଥିବା ବେଳେ ଦେବବ୍ରତ ପ୍ରଧାନଙ୍କ ବଲରେ ବଡ଼୍ ଶଟ୍ ଖେଳିବାକୁ ଯାଇ ତ୍ରୁଟି କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିବା ସହ ଓଡ଼ିଶାକୁ ବହୁ ମୂଲ୍ୟବାନ ବ୍ରେକଥ୍ରୁ ମିଳିଥିଲା। ପରେ ରିଷଭ ଦାସ ୭ ଓ ଅଧିନାୟକ ଗୋକୁଳ ୯ରନ କରି ଦେବବ୍ରତଙ୍କ ପରବର୍ତ୍ତୀ ଶିକାର ହୋଇଥିଲେ। ଦଳ ୧୫୬ରନରେ ୩ଟି ଉଇକେଟ ହରାଇଥିବା ବେଳେ ଗୋଟିଏ ପାର୍ଶ୍ୱରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ ବାମହାତୀ ବ୍ୟାଟ୍ସମ୍ୟାନ ତଥା ଓପନର ଶୁଭମ ମଣ୍ଡଳ। ଶୁଭମ ୭୪ରନ କରିଥିବା ବେଳେ ରାଜେଶ ମହାନ୍ତିଙ୍କ ଦ୍ରୁତ ବଲରେ ଶାନ୍ତନୁ ମିଶ୍ରଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ଏହି ଉଇକେଟ ପରେ ଆସାମର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଶୁଡ଼ି ପଡ଼ିଥିଲା। ରିୟାନ ପରାଗ ୧, ସାହିଲ ଜୈନ ୫, ବିପ୍ଲବ ସାଇକିଆ ୧, ରଞ୍ଜିତ ମାଲି ୧, ପ୍ରୀତମ ଦାସ ୪, ଅରୂପ ଦାସ ୧୩ରନରେ ଆଉଟ ହୋଇଥିବା ବେଳେ କ୍ରୀଷ୍ଣା ଦାସ ୮ରନରେ ଅପରାଜିତ ଥିଲେ। ୧୯୫ରନରେ ଆସାମର ଦ୍ୱିତୀୟ ଇନିଂସ ସୀମିତ ରହିଯାଇଥିଲା। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୩୬/ଅଲଆଉଟ। ଆସାମ ପ୍ରଥମ ଇନିଂସ: ୨୩୮/ଅଲଆଉଟ। ଆସାମ ଦ୍ୱିତୀୟ ଇନିଂସ: ୧୯୫/ଅଲଆଉଟ(ଶୁଭମ୍ ମଣ୍ଡଳ-୭୪, କୁନାଲ ସାଇକିଆ-୭୨, ରାଜେଶ ମହାନ୍ତି ୧୦.୪-୩-୩୦-୪, ଦେବବ୍ରତ ପ୍ରଧାନ ୧୮-୪-୫୩-୩, ସୂର୍ଯ୍ୟକାନ୍ତ ପ୍ରଧାନ ୧୮-୩-୫୩-୩।

**ରଣଜୀ ଟ୍ରଫି**

- ରାଜେଶ ୪, ଦେବବ୍ରତ ୩, ସୂର୍ଯ୍ୟକାନ୍ତଙ୍କୁ ୩ ଉଇକେଟ
- ଆସାମ ଏକ ଇନିଂସ ୩ ରନରେ ପରାସ୍ତ
- ଗ୍ରୁପ 'ଏ' ପଏଣ୍ଟ ଟେବୁଲ ଶୀର୍ଷରେ ଓଡ଼ିଶା

**ସିଜନରେ ଓଡ଼ିଶାର ପ୍ରଦର୍ଶନ**

| ପ୍ରତିପକ୍ଷ | ଫଳାଫଳ | ସ୍ଥାନ |
|---|---|---|
| ଛତିଶଗଡ଼ | ଇନିଂସ ଓ ୩ ରନରେ ବିଜୟୀ | ରାୟପୁର |
| ସର୍ଭିସେସ୍ | ଇନିଂସ ଓ ୩୧ ରନରେ ବିଜୟୀ | ଡ୍ରିମ୍ସ |
| ଉତ୍ତରାଖଣ୍ଡ | ୧୦ ଉଇକେଟ୍‌ରେ ବିଜୟୀ | ଡ୍ରିମ୍ସ |
| ତ୍ରିପୁରା | ଡ୍ର (ପ୍ରଥମ ଇନିଂସ ପଛୁଆ) | ଅଗରତାଲା |
| ହରିୟାଣା | ୧ ଉଇକେଟ୍‌ରେ ବିଜୟୀ | ରୋହତକ୍ |
| ଜମ୍ମୁ କଶ୍ମୀର | ୪ ଉଇକେଟ୍‌ରେ ପରାସ୍ତ | ଡ୍ରିମ୍ସ |
| ଆସାମ | ଇନିଂସ ଓ ୩ ରନରେ ବିଜୟୀ | ଡ୍ରିମ୍ସ |

**ପଏଣ୍ଟ ଟେବୁଲ(ଗ୍ରୁପ-ସି)**

| ଦଳ | ମ୍ୟାଚ | ବିଜୟ | ପରାଜୟ | ଡ୍ର | ପଏଣ୍ଟ | ନେଟ୍ ରନ |
|---|---|---|---|---|---|---|
| ଓଡ଼ିଶା | ୭ | ୫ | ୧ | ୧ | ୩୫ | +୧.୫୮୦ |
| ଜମ୍ମୁ-କଶ୍ମୀର | ୭ | ୫ | ୦ | ୨ | ୩୩ | +୧.୫୧୦ |
| ସର୍ଭିସେସ | ୭ | ୪ | ୨ | ୧ | ୨୬ | +୦.୯୯୦ |
| ହରିୟାଣା | ୭ | ୩ | ୨ | ୨ | ୨୪ | +୧.୭୭୦ |
| ଝାଡ଼ଖଣ୍ଡ | ୭ | ୩ | ୩ | ୧ | ୨୨ | +୧.୨୫୦ |
| ମହାରାଷ୍ଟ୍ର | ୭ | ୩ | ୩ | ୧ | ୨୧ | +୦.୭୭୦ |
| ଛତିଶଗଡ଼ | ୭ | ୨ | ୨ | ୩ | ୧୯ | +୧.୧୮୦ |
| ଆସାମ | ୭ | ୧ | ୩ | ୩ | ୧୪ | +୦.୪୮୦ |
| ତ୍ରିପୁରା | ୭ | ୦ | ୫ | ୨ | ୬ | +୦.୭୨୦ |
| ଉତ୍ତରାଖଣ୍ଡ | ୭ | ୦ | ୫ | ୨ | ୨ | +୦.୪୭୦ |



ଆସାମ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ବିଜୟୀ ଓଡ଼ିଶା ଦଳ ଅତିଥିଙ୍କ ସହ।



### ନୂଆ ତାରକା 'ଦେବବ୍ରତ'

ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଦେବବ୍ରତ ପ୍ରଧାନ। ଏପରିକି ଓଡ଼ିଶାକୁ ଜଣେ ଭଲ ଅଲରାଉଣ୍ଡର ମିଳିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଆସାମ ବିପକ୍ଷ ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ସର୍ବାଧିକ ରନ୍ ଓ ଉଇକେଟ ମଧ୍ୟ ଏହି ପ୍ରତିଭାଙ୍କ ନାଁରେ ରହିଛି। ପ୍ରଥମ ଇନିଂସରେ ଦେବବ୍ରତ ୭୯ରନ ସଂଗ୍ରହ କରିଥିଲେ, ଯାହା ଇନିଂସର ସର୍ବାଧିକ ସ୍କୋର ରହିଥିଲା। ସେହିପରି ବୋଲିଂରେ ପ୍ରଥମ ଇନିଂସରେ ୪ଟି ଓ ଦ୍ୱିତୀୟ ଇନିଂସରେ ତାଙ୍କୁ ୩ଟି ଉଇକେଟ ମିଳିଥିଲା। ସମ୍ବଲପୁରରେ ଜନ୍ମିତ ଏହି ଡାହାଣହାତୀ ଅଲରାଉଣ୍ଡର ଜଣକ ଇତିମଧ୍ୟରେ ୮ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିସାରିଲେଣି। ଆସାମ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଉଭୟ ବ୍ୟାଟିଂ ଓ ବୋଲିଂରେ ଦେବବ୍ରତ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

## ସେମିରେ ରାଧାମୋହନ, ଆଦିତ୍ୟ ବାହାଦୁର

ବାଲକାଟୀ, ୩୦।୧ (ଡି.ଏନ୍.ଏ.)

ଏଠାରେ ଚାଲିଥିବା ୪ର୍ଥ ଶାଗୁଆ କପ୍ ମା ଉପୁଳାଇ କ୍ରିକେଟ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ଗୁରୁବାର ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଯଥାକ୍ରମେ ରାଧାମୋହନ (ଗୋପାଳପୁର) ଓ ଆଦିତ୍ୟ ବାହାଦୁର (ଭୁବନେଶ୍ୱର) ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ତୃତୀୟ କ୍ୱାର୍ଟରରେ ରାଧାମୋହନ ଦଳ ୮ ଉଇକେଟ୍‌ରେ ରକ୍ ଷ୍ଟାର (କଟକ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରକ୍ ଷ୍ଟାର୍ ୧୨୫ ରନ କରିଥିଲା। ଜବାବରେ ଲୁଲୁ ସ୍ୱାଇଁଙ୍କ ୭୫ ରନ ବଳରେ ରାଧାମୋହନ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ୪ର୍ଥ କ୍ୱାର୍ଟରରେ ଆଦିତ୍ୟ ବାହାଦୁର ଦଳ ୩ ଉଇକେଟ୍‌ରେ ଆଦର୍ଶ ଇଲେଭେନ (ଭୁବନେଶ୍ୱର)କୁ ହରାଇଛି। ଆଦର୍ଶ ପକ୍ଷରୁ ଧାର୍ଯ୍ୟ ୧୬୪ ରନର ଲକ୍ଷ୍ୟକୁ ଆଦିତ୍ୟ ବାହାଦୁର ୭ ଉଇକେଟ୍ ହରାଇ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ସୁଡୁ ପାଣିଗ୍ରାହୀ ୪୧ ରନ କରିଥିଲେ। ଲୁଲୁ ସ୍ୱାଇଁ ଓ ସୁଡୁ ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ ଓ ୨ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## କାନାଡା ମହିଳା ଫୁଟ୍‌ବଲରଙ୍କ କୀର୍ତ୍ତିମାନ

ଲସ୍ ଏଞ୍ଜେଲ୍ସ, ୩୦।୧ (ଏଏଫ୍‌ପି)

କାନାଡାର କ୍ରିଷ୍ଟିନେ ସିନ୍‌କ୍ଲେୟାର ଅନ୍ତର୍ଜାତୀୟ ଫୁଟ୍‌ବଲ (ଉଭୟ ମହିଳା ଓ ପୁରୁଷ)ରେ ସର୍ବାଧିକ ଗୋଲସ୍କୋର କରି ବିରଳ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ କାନାଡା ୧୧-୦ ଗୋଲରେ ସେଣ୍ଟ କିଟ୍ସ ଓ ନେଭିସ୍ ଦଳକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୨ଟି ଗୋଲ ଦେଇ କ୍ରିଷ୍ଟିନେ ରେକର୍ଡର ଅଧିକାରିଣୀ ହୋଇଛନ୍ତି। କାନାଡାର ୩୬ ବର୍ଷୀୟା ଏହି ଅଭିଜ୍ଞ ମହିଳା ଫୁଟ୍‌ବଲ ଖେଳାଳି କ୍ୟାରିୟରର ୧୮୫ତମ ଗୋଲସ୍କୋର କରି ଆମେରିକାର ଆବି ୱାମ୍ବାଚଙ୍କୁ ପଛରେ ପକାଇଛନ୍ତି। ଅବସର ନେଇସାରିଥିବା ଆମେରିକୀୟ ମହିଳା ଫୁଟ୍‌ବଲ ଖେଳାଳି ୱାମ୍ବାଚ୍ କ୍ୟାରିୟରରେ ୧୮୪ ଅନ୍ତର୍ଜାତୀୟ ଗୋଲ ଦେଇଥିଲେ। ମାତ୍ର ୧୬ ବର୍ଷ ବୟସରେ କାନାଡା ପକ୍ଷରୁ ଖେଳି କ୍ୟାରିୟର ଆରମ୍ଭ କରିଥିବା କ୍ରିଷ୍ଟିନେ ମହିଳା ଫୁଟ୍‌ବଲରେ ଜଣେ ନିୟମିତ ଗୋଲସ୍କୋରର। ଅଲିମ୍ପିକରେ ସେ ୧୧ଟି ଗୋଲ ଦେଇଛନ୍ତି। ସେହିଭଳି ୫ଟି ବିଶ୍ୱକପ୍‌ରେ ଗୋଲସ୍କୋର କରିଥିବା ବିଶ୍ୱର ୨ ମହିଳା ଫୁଟ୍‌ବଲ ଖେଳାଳିଙ୍କ ମଧ୍ୟରୁ କ୍ରିଷ୍ଟିନେ ଅନ୍ୟତମ। ତାଙ୍କ ନାମରେ ୨ଟି ଅଲିମ୍ପିକ ବ୍ରୋଞ୍ଜ ପଦକ ମଧ୍ୟ ରହିଛି। ଫୁଟ୍‌ବଲରେ ଉଲ୍ଲେଖନୀୟ ଅବଦାନ ଲାଗି ୨୦୧୨ରେ ତାଙ୍କୁ 'ଅର୍ଡର ଅଫ୍ କାନାଡା' ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲରେ ଇରାନର ଅଲି ଡେଇଙ୍କ ନାମରେ ବିଶ୍ୱରେ ସର୍ବାଧିକ ଗୋଲସ୍କୋର ରେକର୍ଡ ରହିଛି। ସେ ୧୪୯ ମ୍ୟାଚ୍‌ରେ ୧୦୯ ଗୋଲସ୍କୋର କରି ତାଲିକାର ସର୍ବାଗ୍ରେ ରହିଛନ୍ତି। ଏହି ତାଲିକାରେ କ୍ରିଷ୍ଟିଆନୋ ରୋନାଲ୍ଡୋ (୯୯ ଗୋଲ) ଦ୍ୱିତୀୟ ଏବଂ ଭାରତର ସୁନୀଲ ଛେତ୍ରୀ (୭୨) ୧୦ମ ସ୍ଥାନରେ ରହିଛନ୍ତି।



କ୍ରିଷ୍ଟିନେ ସିନ୍‌କ୍ଲେୟାର

## ଫେଡରରଙ୍କୁ ହରାଇଲେ ଜୋକୋଭିଚ୍

ମେଲବୋର୍ନ, ୩୦।୧ (ଏଏଫ୍‌ପି)

ରୋଜର ଫେଡରରଙ୍କୁ ସିଧାସଳଖ ସେଟ୍‌ରେ ହରାଇ ନୋଭାକ ଜୋକୋଭିଚ୍ ୮ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଟପ୍ ସିଡ୍ ଆଶଲେ ବାର୍ଟିଙ୍କ ବିପକ୍ଷରେ ବିଜୟ ହାସଲ କରି ଆମେରିକାର ସୋଫିଆ କେନିନ୍ ମହିଳା ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ସେଟ୍‌ରେ ଏକ ବ୍ରେକ୍ ଡାଉନ୍‌ରୁ ଜୋକୋଭିଚ୍ ଦୁଇଥର ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲେ। ଏକ ଟାଇବ୍ରେକରରେ ପ୍ରାଧାନ୍ୟ ବିସ୍ତାର ପରେ ଆଉ ପଛକୁ ଫେରି ନ ଥିଲେ। ମ୍ୟାଚକୁ ସେ ୭-୬ (୭/୧), ୬-୪, ୬-୩ରେ ଜିତି ନେଇଥିଲେ। ମ୍ୟାଚ ବେଳେ ଫେଡରର ଥରେ ମେଡିକାଲ ଟାଇମ୍ ଆଉଟ୍‌ର ଆବଶ୍ୟକ କରିଥିଲେ। ଶୁକ୍ରବାର ଅନ୍ୟ ସେମିଫାଇନାଲ ମୁକାବିଲା ଡୋମିନିକ୍ ଥିମ୍ ଏବଂ ଆଲେକ୍ଜାଣ୍ଡର ଜେଭରେଭଙ୍କ ମଧ୍ୟରେ ହେବ। ଥିମ୍ ବୁଧବାର ବିଶ୍ୱର ନମ୍ବର ୱାନ ଖେଳାଳି ରାଫାଲ ନାଡାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ମହିଳା ବିଭାଗରେ ୨୧ ବର୍ଷୀୟା କେନିନ୍ ଅଷ୍ଟ୍ରେଲିଆର ବାର୍ଟିଙ୍କୁ ୭-୬, (୮/୬), ୭-୫ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଫାଇନାଲରେ ସେ ଗାର୍ବିନ ମୁଗୁରୁଜାଙ୍କୁ ଭେଟିବେ। ମୁଗୁରୁଜା ଅନ୍ୟ ଏକ ସେମିଫାଇନାଲରେ ୱିମ୍ବେଲଡନ ଚାମ୍ପିୟନ ସିମୋନା ହାଲେପ୍‌ଙ୍କୁ ୭-୬ (୧୦/୮), ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି।



ନୋଭାକ ଜୋକୋଭିଚ୍

### ଭାରତୀୟ ଅଭିଯାନ ଶେଷ

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ଭାରତର ରୋହନ ବୋପାନ୍ନା ବିଦାୟ ନେଇଛନ୍ତି। ଗୁରୁବାର ଖେଳାଯାଇଥିବା ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ବୋପାନ୍ନାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ୟୁକ୍ରେନର ନାଡିଆ କିଚେନୋକଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ଅନ୍ତିମ-୮ ରାଉଣ୍ଡରେ ୦-୬, ୨-୬ ସିଧାସଳଖ ସେଟ୍‌ରେ ନିକୋଲା ମେକ୍‌ଟିକ ଓ ବାର୍ବୋରା କ୍ରେଜକିଭୋ ଯୋଡ଼ି ନିକଟରୁ ହାରିଯାଇଛନ୍ତି। ମାତ୍ର ୪୭ ମିନିଟ୍‌ରେ ଏହି ମ୍ୟାଚ୍‌ର ଫଳାଫଳ ବାହାରି ଯାଇଥିଲା। ଏଥିପୂର୍ବରୁ ମଙ୍ଗଳବାର ଅନ୍ୟତମ ଭାରତୀୟ ଖେଳାଳି ଭେଟେରାନ ଲିଆଣ୍ଡର ପେସ୍ ଓ ତାଙ୍କ ପାର୍ଟନର ଜେଲେନା ଓଷ୍ଟାପେଙ୍କୋ ମିକ୍ସ ଡବଲ୍ସର ୨ୟ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ।

> ଜଣେ ଅଣସିଡ୍ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନ ଟେନିସ ଫାଇନାଲରେ ପ୍ରବେଶ କରିବା ମୋ ପାଇଁ ଖୁସିର ବିଷୟ।
> –ଗାର୍ବିନ୍ ମୁଗୁରୁଜା, ସ୍ପାନିଶ ମହିଳା ଟେନିସ ଖେଳାଳି





> ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଯୁବ ଶୁଟରମାନଙ୍କ ପଦକ ଜିତିବା ସମ୍ଭାବନା ଯଥେଷ୍ଟ ରହିଛି ।
> –ଅଭିନବ ବିନ୍ଦ୍ରା, ପୂର୍ବତନ ଷ୍ଟାର ଶୁଟର

## ସଂକ୍ଷେପରେ

### ସଙ୍ଗକାରାଙ୍କୁ ଏମ୍‌ସିସି ଦଳର ନେତୃତ୍ୱ

ଲଣ୍ଡନ, ୩୦।୧ (ପି.ଟି.)- କ୍ରିକେଟ୍ ନିୟମର ପ୍ରଣେତା ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ମ୍ୟାଚ୍ ଖେଳିବା ଲାଗି ପାକିସ୍ତାନ ଗସ୍ତରେ ଯିବ। ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ର ଦୁଇ ଟିମ୍ ଲାହୋର କ୍ୱାଲାଣ୍ଡର୍ସ ଓ ମୁଲତାନ ସୁଲତାନ ସମେତ ଘରୋଇ ଟି୨୦ ଚାମ୍ପିୟନ ନର୍ଦନ ବିପକ୍ଷରେ ଏମ୍‌ସିସି ଏହି ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ଏମ୍‌ସିସି ଦଳ ଘୋଷଣା କରାଯାଇଛି। ବର୍ତ୍ତମାନ ଏମ୍‌ସିସିର ସଭାପତି ରହିଥିବା ପ୍ରାକ୍ତନ ଶ୍ରୀଲଙ୍କା ଅଧିନାୟକ କୁମାର ସଙ୍ଗକାରାଙ୍କୁ ଏହି ୧୨ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଇଂଲିଶ କାଉଣ୍ଟି କ୍ରିକେଟ୍‌ର କିଛି ପ୍ରମୁଖ ଖେଳାଳି ମଧ ଏହି ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଭିଜ୍ଞ ଅଲ୍‌ରାଉଣ୍ଡର ରବି ବୋପାରା ରହିଛନ୍ତି। ସୁରକ୍ଷା ଅଧିକାରୀଙ୍କ ତଦନ୍ତ ପରେ ଏହି ସିରିଜ ଚୂଡ଼ାନ୍ତ କରାଯାଇଛି। ଲାହୋରରେ ୨୦୦୯ରେ ଶ୍ରୀଲଙ୍କା ଖେଳାଳିଙ୍କ ବସ୍ ଉପରକୁ ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ କୌଣସି ଟେଷ୍ଟ ଖେଳୁଥିବା ଦେଶ ପାକିସ୍ତାନ ଗସ୍ତରେ ଆସିବାକୁ ସମ୍ମତି ପ୍ରକାଶ କରୁ ନ ଥିଲେ। କିନ୍ତୁ ଗତ ଡିସେମ୍ବରରେ ଶ୍ରୀଲଙ୍କା ପାକିସ୍ତାନ ଗସ୍ତରେ ଯାଇ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲା।

ଏମ୍‌ସିସି ଦଳ: କୁମାର ସଙ୍ଗକାରା (ଅଧିନାୟକ), ରବି ବୋପାରା, ମିଚେଲ ବର୍ଗେସ, ଓଲିଭର ହାନନ୍, ଫ୍ରେଡ୍ କ୍ଲାସେନ, ମିଚେଲ ଲେସ୍କ, ଆରୋନ୍ ଲିଲି, ଇମ୍ରାନ କ୍ୱାୟୁମ, ୱିଲି ରୋଡସ୍, ସାଫିୟାନ ଶରିଫ, ରୋଏଲୋଫ୍ ଭାନ୍ ଡର୍ ମରୱେ ଓ ରସ୍ ହ୍ୱାଇଟଲୀ।

### ରକ୍ତଦାତାଙ୍କୁ ମିଳିବ ରୋହିତ୍‌ଙ୍କ ସ୍ୱାକ୍ଷରିତ ସାର୍ଟିଫିକେଟ୍

କୋଲକାତା, ୩୦।୧ (ପି.ଟି.)- କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି)ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଯେଉଁମାନେ ରକ୍ତଦାନ କରିବେ ସେମାନଙ୍କୁ ଭାରତର ଷ୍ଟାର୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମାଙ୍କ ସ୍ୱାକ୍ଷରିତ ସମ୍ବଳ ଏକ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସାର୍ ଫ୍ରାଙ୍କ୍ ୱରଲୀଙ୍କୁ ଉତ୍ସର୍ଗୀକୃତ କରାଯାଉଥିବା ଏହି ରକ୍ତଦାନ ଶିବିର ୪୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏଥିରେ ରକ୍ତଦାତାଙ୍କୁ ଯେଉଁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ ସେଥିରେ ଷ୍ଟାର୍ ବ୍ୟାଟ୍ସମ୍ୟାନଙ୍କ ସ୍ୱାକ୍ଷର ରହିଥାଏ। ପୂର୍ବରୁ ରାହୁଲ ଦ୍ରାବିଡ୍, ଯୁବରାଜ ସିଂ ଓ ଭି.ଭି.ଏସ୍. ଲକ୍ଷ୍ମଣଙ୍କ ସ୍ୱାକ୍ଷର ସମ୍ବଳିତ ସାର୍ଟିଫିକେଟ୍ ରକ୍ତଦାତାଙ୍କୁ ଦିଆଯାଇଛି।

**ବିଶ୍ୱର ପ୍ରଥମ ହକି ଖେଳାଳି ଭାବେ ରାଣୀଙ୍କୁ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର' ପୁରସ୍କାର**



# କ୍ରୀଡ଼ା ଜଗତରେ ରାଣୀଙ୍କ ରାଜୁତି

ନୂଆଦିଲ୍ଲୀ, ୩୦।୧ (ପି.ଟି.)

ଭାରତୀୟ ମହିଳା ହକି ଦଳ ଅଧିନାୟିକା ରାଣୀ ରାମପାଲ ଗୁରୁବାର ସମ୍ମାନଜନକ 'ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର' ପୁରସ୍କାର ଜିତିଛନ୍ତି। ଏହି ପୁରସ୍କାର ହାସଲ କରିବାରେ ସେ ପ୍ରଥମ ହକି ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ବିଶ୍ୱ ବ୍ୟାପୀ ଏ ନେଇ ୨୦ ଦିନ ଧରି ମତଦାନ କରାଯାଇଥିଲା। ବହୁ ସଂଖ୍ୟାରେ ପ୍ରଶଂସକମାନେ ଭୋଟ ଦେଇ ରାଣୀଙ୍କୁ ଏହି ପୁରସ୍କାର ପାଇଁ ବାଛିଥିଲେ। ଏଥିପାଇଁ ରାନୀଙ୍କୁ ୱାର୍ଲ୍ଡ ଗେମ୍ସ ଅଭିନନ୍ଦନ ଜଣାଇଛି। ଏହି ପୁରସ୍କାର ଜିତିଥିବାରୁ ଭାରତୀୟ ହକି ସୁପରଷ୍ଟାର ରାନୀଙ୍କୁ ବହୁତ ବହୁତ ଅଭିନନ୍ଦନ ବୋଲି ୱାର୍ଲ୍ଡ ଗେମ୍ସ ତରଫରୁ କୁହାଯାଇଛି।

ମତଦାନରେ ରାନୀ ୧,୯୯,୪୭୭ ଭୋଟ ହାସଲ କରି ଅନ୍ୟମାନଙ୍କୁ ବହୁ ବ୍ୟବଧାନରେ ପଛରେ ପକାଇଥିଲେ। ମତଦାନରେ ମୋଟ ୭,୦୫,୬୧୦ ଟି ଭୋଟ ମିଳିଥିଲା। ଗତବର୍ଷ ଭାରତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ଜିତିଥିଲା। ଏଥିରେ ରାନୀ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ରାଣୀଙ୍କ ନେତୃତ୍ୱରେ ଭାରତ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା।

ମୋ ଦେଶ ଓ ଦଳକୁ ଏହି ପୁରସ୍କାର ଉତ୍ସର୍ଗ କରୁଛି ବୋଲି ରାଣୀ କହିଛନ୍ତି। ଭାରତ ସରକାର, ହକି ଇଣ୍ଡିଆ, ଦଳ, ପ୍ରଶଂସକ, ହକି ପ୍ରେମୀ, ପରିବାର ସଦସ୍ୟ, ବନ୍ଧୁ, ସାଥୀ କ୍ରୀଡ଼ାବିତ୍, ଦେଶବାସୀ ଓ କୋଚ୍‌ମାନଙ୍କୁ ସେ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି। ଏମାନେ ବହୁ ସଂଖ୍ୟାରେ ଭୋଟ ଦେଇ ମୋତେ ଏହି ପୁରସ୍କାର ପାଇଁ ଯୋଗ୍ୟ ମଣିଛନ୍ତି ବୋଲି ସେ କହିଛନ୍ତି। ରାଣୀଙ୍କୁ ମଧ କିଛିଦିନ ତଳେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ପାଇଁ ମୋତେ ସୁପାରିସ କରିଥିବାରୁ ରାଣୀ ଏଫ୍‌ଆଇଏଚ୍‌କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ସେ ଦି ୱାର୍ଲ୍ଡ ଗେମ୍ସ ଫେଡେରେଶନଙ୍କୁ ବିଶେଷ ଭାବେ ଧନ୍ୟବାଦ ଜଣାଇଛନ୍ତି।

ରାଣୀଙ୍କୁ ଏଥିପାଇଁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଅଭିନନ୍ଦନ ଜଣାଇଛନ୍ତି। ରାଣୀ ଏବେ ଯୁବ ପିଢି ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ୱାର୍ଲ୍ଡ ଗେମ୍ସ ଆସୋସିଏଶନ ଅଧକ୍ଷ ଜୋସ ପେରୁରେନା ମଧ ରାଣୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ ମଧ ତାଙ୍କୁ ଏହି ପୁରସ୍କାର ମିଳିଥିବାରୁ ଶୁଭେଚ୍ଛା ଜଣାଇଛି। ରାଣୀ ଜଣେ ସମର୍ପିତ ହକି ଖେଳାଳି ଓ ସେ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ କହିଛନ୍ତି। ଏହି ପୁରସ୍କାର ବିଶ୍ୱ ହକି ପାଇଁ ମଧ ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି।

ମୋଟ ଉପରେ ଏହି ପୁରସ୍କାର ପାଇଁ ବିଭିନ୍ନ କ୍ରୀଡ଼ାରୁ ୨୫ଜଣ ଆଥଲେଟଙ୍କ ନାମ ସୁପାରିସ କରାଯାଇଥିଲା। ଅନ୍ତର୍ଜାତୀୟ ଫେଡେରେଶନଗୁଡ଼ିକ ସେମାନଙ୍କ ଆଥଲେଟଙ୍କ ନାମ ସୁପାରିସ କରିଥିଲେ। ପୁରସ୍କାର ପାଇଁ ଏଫ୍‌ଆଇଏଚ୍ ତାଙ୍କ ନାମ ସୁପାରିସ କରିଥିଲା। ରାଣୀଙ୍କ ପଛକୁ ରହି ୟୁକ୍ରେନ କରାଟେ ଷ୍ଟାର ଷ୍ଟାନିସ୍‌ଲାଭ ହୋରୁନା ଓ କାନାଡ଼ାର ଫାୱାର ଲିଫ୍ଟିଙ୍ଗ୍ ୱାର୍ଲ୍ଡ ଚାମ୍ପିୟନ ରାନଆ ଷ୍ଟିନ୍ ୯୨,୦୦୦ ଭୋଟ ପାଇ ମତଦାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

## ନ୍ୟୁଜିଲାଣ୍ଡ ଦିନିକିଆ ଦଳ ଘୋଷିତ

**ଭାରତ ବିପକ୍ଷ ସିରିଜ**

ୱେଲିଂଟନ, ୩୦।୧ (ପି.ଟି.)

ଭାରତ ବିପକ୍ଷ ଆଗାମୀ ଦିନିକିଆ ସିରିଜ ଲାଗି ଗୁରୁବାର ଘରୋଇ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ତେବେ ଆଘାତଜନିତ ସମସ୍ୟା ନ୍ୟୁଜିଲାଣ୍ଡ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି କାରଣରୁ ଦଳର ୩ ପ୍ରମୁଖ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ ଓ ମ୍ୟାଟ୍ ହେନରୀଙ୍କୁ ଭାରତ ବିପକ୍ଷ ଦିନିକିଆ ସିରିଜ ଲାଗି ଦଳରେ ସ୍ଥାନ ମିଳିନାହିଁ। ନବାଗତ ବୋଲରଙ୍କୁ ନେଇ କିୱି ଦଳ ଏହି ସିରିଜ ଖେଳିବ। କାଏଲ୍ ଜେମିସନ ଦିନିକିଆ ପଦାର୍ପଣ କରିବାର ସମ୍ଭାବନା ରହିଥିବାବେଳେ ସ୍କଟ୍ କଗଲିଜିନ ଓ ହାମିଶ ବେନେଟ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଟିମ୍ ସୌଦୀ ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ନେବେ। ସେହିଭଳି କଲିନ୍ ଡି ଗ୍ରାଣ୍ଡହୋମ୍ ଦଳକୁ ଫେରିଛନ୍ତି। ଜିମ୍ମି ନିଶାମ ଓ ମିଚେଲ ସାଣ୍ଟନର ଅଲ୍‌ରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ତେବେ ଲେଗ୍-ସ୍ପିନର ଇଶ୍ ସୋଧୀଙ୍କୁ କେବଳ ପ୍ରଥମ ଦିନିକିଆ ଲାଗି ଦଳରେ ସ୍ଥାନ ମିଳିଛି। ଏହାପରେ ସେ ଭାରତ-ଏ ଓ ନ୍ୟୁଜିଲାଣ୍ଡ-ଏ ମଧ୍ୟରେ ଖେଳାଯିବାକୁ ଥିବା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଲାଗି ଦଳରୁ ରିଲିଜ ହେବେ। ଭ୍ରମଣକାରୀ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଫେବୃୟାରୀ ୫ରୁ ହାମିଲଟନ୍‌ରେ ଆରମ୍ଭ ହେବ।

### ଜେମିସନ ସବୁଠୁ ଡେଙ୍ଗା କିୱି କ୍ରିକେଟର୍

ଭାରତ ବିପକ୍ଷ ଆଗାମୀ ଦିନିକିଆ ସିରିଜ ଲାଗି ନବାଗତ ଦ୍ରୁତ ବୋଲର କାଏଲ ଜେମିସନ ନ୍ୟୁଜିଲାଣ୍ଡ ଦଳରେ ସ୍ଥାନ ପାଇଛନ୍ତି। ୨୫ ବର୍ଷୀୟ ଜେମିସନ ନ୍ୟୁଜିଲାଣ୍ଡର ସବୁଠାରୁ ଡେଙ୍ଗା କ୍ରିକେଟର୍ ଭାବେ ପରିଚିତ। ୬ ଫୁଟ୍ ୮ ଇଞ୍ଚ (୨.୦୩ ମିଟର) ଉଚ୍ଚତା ବିଶିଷ୍ଟ ଏହି ଡାହାଣହାତୀ ବୋଲର ସିରିଜରେ ତାଙ୍କ ଦିନିକିଆ କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଡାକ ନାମ 'କିଲ୍ଲା' ଭାବେ ପରିଚିତ ଏହି ଅକ୍‌ଲାଣ୍ଡ ଜନ୍ମିତ କ୍ରିକେଟର୍ ବ୍ୟାଟିଂ କୋଚ୍ ପିଟର୍ ଫୁଲଟନ (୨ ମିଟର)ଙ୍କଠାରୁ ମଧ ଅଧିକ ଡେଙ୍ଗା। ନିକଟରେ ସେ ଭାରତ-ଏ ବିପକ୍ଷରେ ସିରିଜ ଖେଳିଥିଲେ। ସେହିଭଳି ୨୦୧୪ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ସେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ।



କାଏଲ ଜେମିସନ

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ହାମିଶ ବେନେଟ୍ଟ, ଟମ୍ ବ୍ଲଣ୍ଡେଲ, କଲିନ ଡି ଗ୍ରାଣ୍ଡହୋମ୍, ମାର୍ଟିନ ଗୁପ୍‌ଟିଲ, କାଏଲ୍ ଜେମିସନ, ସ୍କଟ୍ କଗ୍‌ଲିଜିନ, ଟମ୍ ଲଥାମ୍, ଜିମ୍ମି ନିଶାମ, ହେନରୀ ନିକୋଲାସ, ମିଚେଲ ସାଣ୍ଟନର, ଇଶ୍ ସୋଧୀ (ପ୍ରଥମ ଦିନିକିଆ), ଟିମ୍ ସୌଦୀ ଓ ରସ୍ ଟେଲର।

## ଅଭିଷେକ ସିଏବି ସଭାପତି ହେବେ

କୋଲକାତା, ୩୦।୧ (ପି.ଟି.)

ଅଭିଷେକ ଡାଲମିଆ ଏବଂ ସ୍ନେହାଶିଷ ଗାଙ୍ଗୁଲି ଯଥାକ୍ରମେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ(ସିଏବି)ର ସଭାପତି ଓ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଗୁଆ ସ୍ପଷ୍ଟ ହୋଇଛି। ଫେବୃୟାରୀ ୫ରେ ହେବାକୁଥିବା ସିଏବିର ସ୍ୱତନ୍ତ୍ର ସାଧାରଣ ବୈଠକରେ ନିର୍ବାଚନ ଅନୁଷ୍ଠିତ ହେବ। ୩୮ ବର୍ଷୀୟ ଅଭିଷେକ ସିଏବିର ସର୍ବକନିଷ୍ଠ ସଭାପତି ହେବାକୁ ଯାଉଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସ୍ନେହାଶିଷ ହେଉଛନ୍ତି ଗାଙ୍ଗୁଲିଙ୍କ ବଡ଼ଭାଇ। ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସ ଥିଲା। ହେଲେ ବିରୋଧୀ ଶିବିରରୁ କେହି ସଭାପତି ଅବା ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରି ନ ଥିବାରୁ ଅଭିଷେକ ଓ ସ୍ନେହାଶିଷ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ପଥ ପରିଷ୍କାର ହୋଇଛି।

**ଚତୁର୍ଥ ଟି୨୦ ଆଜି**

# ପରୀକ୍ଷା ନିରୀକ୍ଷା କରିବ ଭାରତ

ୱେଲିଂଟନ,୩୦।୧ (ପି.ଟି.)

ପ୍ରଥମ ୩ଟି ମ୍ୟାଚ୍ ଜିତି ୩-୦ରେ ଅଗ୍ରଣୀ ହେବା ସହ ଭ୍ରମଣକାରୀ ଭାରତ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମଥର ପାଇଁ ଟି୨୦ ସିରିଜ ଜିତି ଇତିହାସ ସୃଷ୍ଟି କରିଛି। ୫ ମ୍ୟାଚ୍ ବିଶିଷ୍ଟ ଚଳିତ ଟି୨୦ ସିରିଜର ଚତୁର୍ଥ ମ୍ୟାଚ୍‌ରେ ଶୁକ୍ରବାର ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ସିରିଜରେ ଭାରତ ବିଜୟୀ ହୋଇସାରିଥିବାରୁ ସ୍ଥାନୀୟ ୱେଷ୍ଟପ୍ୟାକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଅବଶ୍ୟ ସେତେଟା ଗୁରୁତ୍ୱ ବହନ କରୁନାହିଁ। ତେବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଏହି ମ୍ୟାଚ୍‌ରେ ପରୀକ୍ଷା ନିରୀକ୍ଷା କରିବା ନିଶ୍ଚିତ ମନେ ହେଉଛି।

ଦ୍ରୁତ ବୋଲର ମହମ୍ମଦ ସାମି ଓ ତାରକା ଓପନର ରୋହିତ ଶର୍ମାଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ତୃତୀୟ ମ୍ୟାଚରେ ବିଜୟୀ ହେବା ସହ ସିରିଜ ହାତେଇଥିଲା। ଗୁରୁବାର ଦୁଇଦଳ ହାମିଲଟନରୁ ୱେଲିଂଟନ ଯାତ୍ରା କରିଛନ୍ତି। ଆଗକୁ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିବାରୁ ଭାରତ ଦଳରେ ଅଦଳବଦଳ କରି ସବୁ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ରହିଛି। ୫-୦ରେ ସିରିଜ ଜିତିଲେ ଭାରତ ପାଇଁ ଏହା ଏକ ବିରଳ ସଫଳତା ସାବ୍ୟସ୍ତ ହେବ। ଦଳରେ ଅଦଳବଦଳ କରାଗଲେ ମଧ ଏକ ଫୁଲ୍ ଷ୍ଟ୍ରେନ୍ଥ ଦଳ ନେଇ ଭାରତ ପଡିଆକୁ ଓହ୍ଲାଇବ। ବ୍ୟାଟିଂ ଓ ବୋଲିଂ ବିଭାଗରେ କେତୋଟି ପରୀକ୍ଷା ନିରୀକ୍ଷା କରିବା ନିଶ୍ଚିତ ମନେହେଉଛି।

ସଞ୍ଜୁ ସାମସନ ଓ ରିଷଭ ପନ୍ତ ଏପର୍ଯ୍ୟନ୍ତ ସିରିଜରେ ଖେଳିବାର ସୁଯୋଗ ପାଇନାହାନ୍ତି। ପନ୍ତଙ୍କୁ ଦଳରେ ନିଆଗଲେ କାହାକୁ ଦଳରେ ବାଦ୍ ଦିଆଯିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପନ୍ତ ସାମିଲ ହେଲେ ଲୋକେଶ ରାହୁଲ ଉଇକେଟକିପିଂ କରିବେ କି ନା ତାହା ପରେ ଜଣାପଡିବ। ଶ୍ରେୟାସ ଆୟାର ଟପ୍ ଫର୍ମରେ ରହିଛନ୍ତି। ପୁଣି ମନୀଷ ପାଣ୍ଡେ ଓ ଶିବମ୍ ଦୁବେ ଅଧିକ ଖେଳିବାର ଆବଶ୍ୟକତା ରହିଛି। ଟପ୍ ଅର୍ଡର ୩ ଖେଳାଳି ସ୍ଥାନ ବଜାୟ ରଖିବା ସ୍ୱାଭାବିକ୍। ତେବେ ଶ୍ରେଷ୍ଠ ୪ ଖେଳାଳିଙ୍କ ମଧ୍ୟରୁ ଯେକୌଣସି ଜଣେ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇପାରେ। ଅଧିନାୟକ ବିରାଟ କୋହଲି ଓ ରୋହିତ ଅଦଳବଦଳ ହୋଇ ଶେଷ ଦୁଇଟି ମ୍ୟାଚ୍ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ହେଲେ ଯୁବ ଖେଳାଳିମାନେ ସୁଯୋଗ ପାଇପାରିବେ।

ବୋଲିଂ ବିଭାଗରେ ମଧ କେତୋଟି ପରିବର୍ତ୍ତନ ହେବ। ୱାଶିଂଟନ ସୁନ୍ଦର, କୁଲଦୀପ ଯଦବ ଓ ନବଦୀପ ସଇନିଙ୍କୁ ସିରିଜରେ ଏପର୍ଯ୍ୟନ୍ତ ସୁଯୋଗ ମିଳିନାହିଁ। ଦ୍ରୁତ ବୋଲର ଓ ସ୍ପିନରଙ୍କୁ ଭାରତୀୟ ଟମ୍ ମ୍ୟାନେଜମେଣ୍ଟ ପାଳି କରି ଖେଳାଇବା ଆଶା କରାଯାଉଛି। ବିଶ୍ୱକପ୍ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆର ବଡ଼ ଗ୍ରାଉଣ୍ଡକୁ ଦୃଷ୍ଟିରେ ରଖି କୋହଲି ୱାଶିଂଟନଙ୍କୁ ନେଇ ନୂଆ ବଲ୍ ଯୋଜନା କରିଛନ୍ତି। ତେଣୁ ସେ ଆଗାମୀ ଦୁଇଟି ମ୍ୟାଚ୍ ଖେଳିବା ସମ୍ଭାବନା ରହିଛି। ଶାର୍ଦ୍ଦୂଳ ଠାକୁରଙ୍କ ବଦଳରେ ସାମି ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ଲୋୟର ଅର୍ଡରରେ ସୁନ୍ଦର ଭଲ ବ୍ୟାଟିଂ କରିବାର କ୍ଷମତା ରଖୁଛନ୍ତି। ତେଣୁ ସୁନ୍ଦରଙ୍କ ଉପରେ କୋହଲି ଓ କୋଚ ରବି ଶାସ୍ତ୍ରୀ ଭରସା କରିପାରନ୍ତି। ସେ ଆଗକୁ ଦିନିକିଆ ଓ ଟେଷ୍ଟ ସିରିଜ ପାଇଁ ଦଳରେ ସାମିଲ ରହିଛନ୍ତି। ପୁଣି ଆଗକୁ ବିଶ୍ୱକପ୍ ଖେଳାଯିବ। ତେଣୁ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଇଞ୍ଜୁରୀ ସମସ୍ୟା ନ ଥିଲେ ମଧ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବାର ଗୁରୁତ୍ୱ ରହିଛି ବୋଲି ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ୨୦୧୯ ବିଶ୍ୱକପ୍ ପରେ ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଓ ବୁମ୍‌ରା ଆହତ ହୋଇଥିଲେ। ଭାରତର ରଣନୀତି ଓ ଯୋଜନା କେତେ ସଫଳ ହେଉଛି ତାହା ପରେ ଜଣାପଡିବ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦଳରୁ କଲିନ ଡି ଗ୍ରାଣ୍ଡହୋମ ବାଦ୍ ପଡିବା ନିଶ୍ଚିତ। ତାଙ୍କ ସ୍ଥାନରେ ବ୍ୟାଟ୍ସମ୍ୟାନ ଟମ୍ ବ୍ରୁସ୍‌ଙ୍କୁ ସୁଯୋଗ ଦିଆଯିବ। ଗତ ୩ଟି ମ୍ୟାଚ୍‌ରେ ଦଳର ମିଡଲଅର୍ଡରର ଦୁର୍ବଳତା ପଦାରେ ପଡିଥିଲା। ତେଣୁ ବ୍ରୁସ୍ ସାମିଲ ହେଲେ ମିଡଲ ଅର୍ଡର ଦୃଢ଼ ହେବ ବୋଲି ଆଶା କରାଯାଉଛି। ମାର୍ଟିନ ଗୁପ୍ଟିଲ୍ ଓ କଲିନ ମୁନ୍‌ରୋଙ୍କୁ ନିମ୍ନ କ୍ରମରେ ବ୍ୟାଟିଂ କରାଇ ଅଧିନାୟକ କେନ୍ ୱିଲିୟମସନଙ୍କୁ ଉପରେ ବ୍ୟାଟିଂ କରାଇବାର ସୁଯୋଗ ଦେବା ନେଇ ମଧ ଚର୍ଚ୍ଚା ହେଉଛି। ଗତମ୍ୟାଚରେ ମିଚେଲ ସାଣ୍ଟନରଙ୍କ ବ୍ୟାଟିଂ କ୍ରମରେ ଉନ୍ନତି କରାଯାଇଥିଲା ଓ ଏହା ଅବଶ୍ୟ କାମରେ ଆସିଥିଲା। ସେ ଇନିଂରେ ଅଧିକ ମୁମେଣ୍ଟମ ଆଣିଥିଲେ। ନ୍ୟୁଜିଲାଣ୍ଡ ବିଜୟୀ ହେବା ପାଇଁ ପ୍ରୟାସ କରିବ ବା ପରୀକ୍ଷା ନିରୀକ୍ଷା କରିବ ତାହା ଦେଖିବାକୁ ବାକି ରହିଲା।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ (ଉଇକେଟକିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୂଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ ଟେଲର, ସ୍କଟ କଗଲିଜିନ, କଲିନ ମୁନରୋ, ଟମ୍ ବ୍ରୁସ୍, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ ସେଇଫର୍ଟ (ଉଇକେଟକିପର), ହାମିଶ ବେନେଟ୍, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟିକନେର।

**ସମୟ: ୧୨.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ସଞ୍ଜୁ ସାମସନ ଓ ରିଷଭ ପନ୍ତ।

## ସେମିଫାଇନାଲରେ ଓଡ଼ିଶା

**ଶକୁନ୍ତଳା ମିଶ୍ର ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଲକ୍ଷ୍ନୌଠାରେ ଚାଲିଥିବା ୨୦ତମ ଶକୁନ୍ତଳା ମିଶ୍ର ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଗୁରୁବାର ଓଡ଼ିଶା ନିଜର ତୃତୀୟ ଲିଗ୍ ମ୍ୟାଚ ରେ ରାଜସ୍ଥାନକୁ ୧୯୦ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୨ ଉଇକେଟ ହରାଇ ବିଶାଳ ୩୫୭ ରନ ସଂଗ୍ରହ କରିଥିଲା। ଶୁକଦେବ ସୋରେନ ୮୧ଟି ବଲ୍‌ର ସମ୍ମୁଖୀନ ହୋଇ ୪୫ ଚୌକା ଓ ୧ ଛକା ସହାୟତାରେ ୨୩୬ ରନକରି ଅପରାଜିତ ରହିଥିଲେ। ଅର୍ଜୁନ ଭାତ୍ରା ୩୭ ବଲ୍‌ରୁ ୬୨ ରନର ଇନିଂସ ଖେଳିଥିଲେ। ଜବାବରେ ରାଜସ୍ଥାନ ୧୪.୨ ଓଭରରେ ୧୬୭ ରନକରି ଅଲଆଉଟ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ଲଲାଟେନ୍ଦୁ ମହାନ୍ତ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ବର୍ଷାବାଧାପ୍ରାପ୍ତ ପ୍ରଥମ ଲିଗ୍ ମ୍ୟାଚରେ ବିହାରଠାରୁ ଓଡ଼ିଶା ହାରିଯାଇଥିବାବେଳେ ହିମାଚଳପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚ ବାତିଲ ହେବାରୁ ପଏଣ୍ଟ ଭାଗ କରିଥିଲା। ରନହାର ଭିତ୍ତିରେ ପୁଲ-ଏର ଦ୍ୱିତୀୟ ଦଳଭାବେ ଓଡ଼ିଶା ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲା। ଶୁକ୍ରବାର ସେମିଫାଇନାଲରେ ହରିୟାଣାକୁ ଭେଟିବ ଓଡ଼ିଶା।



ସୁକଦେବ ସୋରେନ: ୮୧ ବଲ୍, ୨୩୬ ରନ, ୪୫ ଚୌକା ଓ ୧ ଛକା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୩୧/୨୦୨୦ Balasore, Friday, January 31/2020

## ସଂକ୍ଷେପରେ

### ଚକୋଲେଟ୍ ପ୍ରଲୋଭନ ଦେଖାଇ ଶିଶୁକନ୍ୟାଙ୍କୁ ବଳାତ୍କାର

**ସଜନାଗଡ଼, ୩୦।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଚକୋଲେଟ୍ ପ୍ରଲୋଭନ ଦେଖାଇ ଏକ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଏନେଇ ଶିଶୁକନ୍ୟାଙ୍କ ବାପା ନୀଳଗିରି ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନୀଳଗିରି ଥାନାରେ ଏକ ପୋକ୍ସୋ ମାମଲା (ନଂ. ୩୮/୨୦) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ଉକ୍ତ ଯୁବକ ଘରେ କେହି ନ ଥିବା ବେଳେ ଶିଶୁକନ୍ୟାଙ୍କୁ ଚକୋଲେଟ୍ ଦେବାର ବାହାନା କରି ବାଇକ୍‌ରେ ପାଖ ଜଙ୍ଗଲକୁ ନେଇ ସେଠାରେ ବଳାତ୍କାର କରିଥିଲେ। ଅଭିଯୁକ୍ତଙ୍କ ପ୍ରକୃତ ଘର ମୟୁରଭଞ୍ଜ ଜିଲା ପୁରୁଣା ବାରିପଦା ଅଞ୍ଚଳର ହୋଇଥିବାବେଳେ ସେ ପିଲାଦିନରୁ ମାମୁ ଘର ମଛୁଆ ଅଞ୍ଚଳରେ ରହିଆସୁଥିଲେ।

### ପୋଲ ତଳୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ, ୩୦।୧(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ଆଖୁଆପଦାସ୍ଥିତ ବୈତରଣୀ ନଦୀ ପୋଲ ତଳୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତା ଯୁବତୀ ଜଣଙ୍କ ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ବିଶୋଲକଣା ଗ୍ରାମର ସନାତନ ଭୂୟାଁଙ୍କ ଝିଅ ଆଶାଲତା ବୋଲି ଜଣାପଡ଼ିଛି। ବୈତରଣୀ ନଦୀରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଭଣ୍ଡାରିପୋଖରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ପୋଲ ଉପରୁ ଯୁବତୀଙ୍କ ସ୍କୁଟି ଜବତ କରିଛି। ଉକ୍ତ ସ୍କୁଟି ନମ୍ବର ମାଧମରେ ପୋଲିସ ମୃତା ଯୁବତୀଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ଏ ସମ୍ପର୍କରେ ସୂଚନା ପାଇ ଆଶାଲତାଙ୍କ ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ କରାଯାଇଛି। ମୃତା ଆଶାଲତା କେନ୍ଦୁଆପଦାରେ ଏକ ଘରୋଇ ବ୍ୟାଙ୍କର କର୍ମଚାରୀ ଥିଲେ। ଗତ ଶନିବାରଠାରୁ ସେ ନିଖୋଜ ଥିଲେ। ରବିବାର ତାଙ୍କ ପରିବାର ପକ୍ଷରୁ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତାଙ୍କ ମୃତ୍ୟୁ ଏବେ ସନ୍ଦେହଘେରରେ ରହିଛି।

### ପୋଡ଼ିହୋଇ ଗୁରୁତର ଯୁବତୀଙ୍କ ମୃତ୍ୟୁ

**ବାସୁଦେବପୁର, ୩୦।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ପଞ୍ଚାୟତ ଅଧୀନ ଲୁଣିସାହି ଗ୍ରାମର ଜ୍ୟୋତ୍ସ୍ନାରାଣୀ ରାଉତ ନାମ୍ନୀ ଜଣେ ଯୁବତୀ ଗତ ମଙ୍ଗଳବାର ସକାଳେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ଡାକ୍ତରଖାନାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ନିଆଁ ଲାଗି ଜ୍ୟୋତ୍ସ୍ନାରାଣୀଙ୍କ ଶରୀରର ୯୦ରୁ ଊର୍ଦ୍ଧ୍ୱ ପ୍ରତିଶତ ପୋଡ଼ି ଯାଇଥିଲା। ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଜ୍ୟୋତ୍ସ୍ନାରାଣୀ ପୋଡ଼ି ହୋଇଗଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

### ଉଦ୍‌ଘାଟନ ପୂର୍ବରୁ ଭାଙ୍ଗିଦେଲେ ଫଳକ

**ଧାମନଗର, ୩୦।୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକରେ ନୂତନ ଭାବେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଶୁକ୍ରବାର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ହେଲେ ଏହା ପୂର୍ବରୁ ଗୁରୁବାର ରାତିରେ ଉଦ୍‌ଘାଟନ ଫଳକକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଫଳକରେ ସ୍ଥାନୀୟ ବିଧାୟକଙ୍କ ନାମ ଥିବାରୁ କେହି ବିରୋଧୀ ଏଭଳି କାମ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣାରେ ଫଳକ ଲଗାଇଥିବା ଜିଲା ଶିକ୍ଷାଧିକାରୀଙ୍କୁ ସ୍ଥାନୀୟ ଲୋକେ ଘେରି ବିଧାୟକଙ୍କ ନାମ ଉଲ୍ଲେଖ କରାଯିବା ନେଇ ପ୍ରଶ୍ନ କରିଛନ୍ତି। ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ସୁରକ୍ଷା କଡ଼ାକଡ଼ି



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଯାଞ୍ଚ କରାଯାଉଛି।

**ଆନନ୍ଦପୁର, ୩୦।୧ (ସ୍ୱ.ପ୍ର.)**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତକୁ ନେଇ ଜିଲାଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କ୍ରମାଗତ ଭାବେ ଆନନ୍ଦପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟ ତଦାରଖ କରୁଥିବାବେଳେ ଏସପି ମିତ୍ରଭାନୁ ମହାପାତ୍ର ଆନନ୍ଦପୁର ଗସ୍ତ କରି ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ବିଭିନ୍ନ କାର୍ଯ୍ୟକୁ ତଦାରଖ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସଭାରେ ବ୍ୟାପକ ଜନସମାଗମର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଉଭୟ ନିର୍ବାଚନମଣ୍ଡଳୀର ବିଧାୟକ ଭିନ୍ନ ଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନଙ୍କୁ ନେଇ ଉଚ୍ଚ ସ୍ତରୀୟ ବୈଠକ କରି ମୁଖ୍ୟମନ୍ତ୍ରୀଙ୍କ ସଭାକୁ ସଫଳ କରିବା ପାଇଁ ଉଦ୍ୟମ କରୁଛନ୍ତି। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ଏସ୍‌ପିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭ ଜଣ ଡିଏସପି, ୧୭ ଜଣ ଇନ୍ସପେକ୍ଟର, ୪୦ ଜଣ ଏସଆଇ, ୭୨ ଜଣ ଏଏସଆଇ, ୭୫ ଜଣ କନେଷ୍ଟବଳ, ୧୮୦ ଜଣ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଥିବାବେଳେ ୭ ପ୍ଲାଟୁନ୍ ପୋଲିସ ଫୋର୍ସର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଆନନ୍ଦପୁରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବି.ଏନ.ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ୩୧ ତାରିଖ ଦିନ ଉଦ୍‌ଘାଟିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟର ଯୋଗେ ଆସି ଦିନ ୧୧ଟା ୪୫ରେ ବି.ଏନ.ହାଇସ୍କୁଲ ପଡିଆରେ ଅବତରଣ କରିବା ପରେ ୧୧.୫୫ ରେ ନିକଟରେ ଥିବା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମଧ୍ୟାହ୍ନ ୧୨ ଟାରେ ବି.ଏନ. ହାଇସ୍କୁଲ ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ପରେ ୧୨ଟା୪୦ରେ ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ହରିପୁର ଘାଟରୁ ବାଲି ଚାଲାଣ



ଘାଟରୁ ବେଆଇନ ବାଲି ଚାଲାଣ କରାଯାଉଛି ।

**ବାରିପଦା ଅଫିସ,୩୦।୧:** ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ପ୍ରତାପପୁର ପଞ୍ଚାୟତର ବୁଢ଼ାବଳଙ୍ଗ ନଦୀର ହରିପୁର ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ସ୍ଥାନୀୟ ଲୋକେ ତହସିଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବେପାରୀମାନେ ସହଜରେ ବାଲି ଚୋରା ଚାଲାଣ କରୁଛନ୍ତି। ଏହି ଘାଟରୁ ବାଲି ଉଠାଇ ଖାନୁଆ ଗ୍ରାମ ମଧ୍ୟ ଦେଇ ଚାଲାଣ କରାଯାଉଛି। ପ୍ରତିଦିନ ଭୋର ସମୟରେ ଏଠାରୁ ବାଲି ଉଠାଇ ବେପାରୀମାନେ ଚାଲାଣ କରୁଛନ୍ତି। ଖାନୁଆ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ମଧ୍ୟ ବେପାରୀମାନେ ସେମାନଙ୍କୁ ଧମକ ଚମକ ଦେଉଥିବା ଜଣେ ଗ୍ରାମବାସୀ କହିଛନ୍ତି। ଏଠାରୁ ପ୍ରତି ଦିନ ଶହ ଶହ ଟ୍ରାକ୍ଟର, ଡମ୍ଫର ଓ ବିଭିନ୍ନ ଗାଡ଼ିରେ ବାଲି ଚାଲାଣ ହେଉଛି। ଏ ନେଇ ଖାନୁଆ ରାଜସ୍ୱ ନିରୀକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ ବାଲି ଚାଲାଣ ଅଭିଯୋଗକୁ ଏଡାଇ ଯାଇ କୌଣସି ମତାମତ ଦେଇ ନ ଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ତାରିଣୀ ମନ୍ଦିର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ହେବ

**ଘଟଗାଁ, ୩୦।୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକଉଚ୍ଚସ୍ତରୀୟ କମିଟି ମା' ତାରିଣୀ ମନ୍ଦିର, ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହିତ ଉନ୍ନତିକରଣ ପାଇଁ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଏକ ଟିମ୍ ଫେରିଯାଇଥିବା ଜଣାଯାଇଛି। ମୁଖ୍ୟଯନ୍ତ୍ରୀ ଜୟକୃଷ୍ଣ ଦାସ, ଝ୍ଞାନ ବେଓରୁଆ, ଯନ୍ତ୍ରୀ ଅବନୀକାନ୍ତ ଦାସ, ଯନ୍ତ୍ରୀ ତ୍ରିନାଥ ବେହେରା, ଆର୍ଟିଟେକ୍ ଅକ୍ଷୟ ବେଓରିଆ ପ୍ରମୁଖ ଘଟଗାଁ ରାସ୍ତାଗୃହ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ଗିରି, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ତହସିଲଦାର ଜନକ ନାୟକ ପ୍ରମୁଖ ଘଟଗାଁ ଡାକବଙ୍ଗଳାଠାରେ ରାଜସ୍ୱ ବିଭାଗ ଓ ପ୍ରଶାସନିକ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରଥମେ ମା' ତାରିଣୀ ମନ୍ଦିରର ଅବସ୍ଥିତି ଏହାର ଚତୁଃପାର୍ଶ୍ୱ ନକ୍ସା ଅନୁସନ୍ଧାନ କରିଥିଲେ।

୨୦ ନମ୍ବର ଜାତୀୟ ରାଜପଥ, ବାଇପାସ, ଘଟଗାଁ ବସ୍‌ଷ୍ଟାଣ୍ଡ, ମା' ତାରିଣୀ ମନ୍ଦିର ପୂର୍ବପାର୍ଶ୍ୱ ତହସିଲ ଅଫିସ୍ ନିକଟସ୍ଥ ହାଟପଡ଼ିଆ, ମେଡ଼ିକାଲ ରୋଡ଼ ପରିଦର୍ଶନରେ ଯାଇଥିଲେ। ଏହାପରେ ମା' ତାରିଣୀ ମନ୍ଦିର ପରିସର ବୁଲି ଲେଖିଥିଲେ। ପରିଦର୍ଶନ ସମୟରେ ବିଭିନ୍ନ ତଥ୍ୟକୁ ଅନୁଧ୍ୟାନ କରିବା ସଂହ ଓଡ଼ିଶାର କୋଣ ଅନୁକୋଣରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଶୃଙ୍ଖଳା ଦର୍ଶନ ସହିତ ପୂଜା ଅର୍ଚ୍ଚନା, ରହଣୀ, ପାର୍କିଂ ସୁବିଧା, ପାନୀୟ ଜଳ ବ୍ୟବସ୍ଥା, ଦୋକାନଗୃହ ଓ ଭୋଗ ସାମଗ୍ରୀ ଦୋକାନ, ଡ୍ରେନେଜ୍ ବ୍ୟବସ୍ଥା, କରାଯାଇ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତି କରିବା ନିମନ୍ତେ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରି କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ନିକଟକୁ ଅପରାହ୍ନରେ ଯାଇଥିଲେ। ଜିଲାପାଳ ଠାକ୍‌ରେ ଏହାକୁ ଯାଞ୍ଚ କରି ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ ବୋଲି ଜଣାଯାଇଛି। ସୂଚନାଯୋଗ୍ୟଯେ, ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ, ପରେ କେନ୍ଦୁଝର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ପୀଠ ଘଟଗାଁ ପର୍ଯ୍ୟଟନ ମାନଙ୍କର ଅନ୍ୟତମ ମୁଖ୍ୟ ଆକର୍ଷଣ ପାଲଟିଛି। ପ୍ରତ୍ୟେହ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ଯୋଗୁ ପୀଠକୁ ଚଳଚଞ୍ଚଳ କରୁଛି ସତ, ମାତ୍ର ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଅନେକ ସମୟରେ ପର୍ଯ୍ୟଟକମାନେ ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ସପ୍ତାହ ତଳେ ଓଡ଼ିଶାର ମୁଖ୍ୟଶାସନ ସଚିବ ଅସିତ କୁମାର ତ୍ରିପାଠୀ ତାଙ୍କ କେନ୍ଦୁଝର ଗସ୍ତ ସମୟରେ ଘଟଗାଁ ମା' ତାରିଣୀ ଦର୍ଶନ ବେଳେ ଏହାକୁ ଅନୁଭବ କରି ତାଙ୍କ ସହିତ ଉପସ୍ଥିତ ଥିବା କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଏହା ଉପରେ ତୁରନ୍ତ ଦୃଷ୍ଟିଦେବାକୁ କହିଥିଲେ। ଏହାକୁ ଗୁରୁତ୍ୱ ଦେଇ ଏକ ଉଚ୍ଚସ୍ତରୀୟ କମିଟି ପରିଦର୍ଶନକୁ ଏହା ରୂପରେଖ ପରିବର୍ତ୍ତନକୁ ପରିବର୍ତ୍ତନ ସହ ମା' ତାରିଣୀ ପୀଠର ନୂତନ ପରିକଳ୍ପନାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଉଚ୍ଚସ୍ତରୀୟ କମିଟି ଗସ୍ତବେଳେ ଘଟଗାଁ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଗିରି, ଉପଜିଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ତହସିଲଦାର ଜନକ ନାୟକ, ଘଟଗାଁ ଏସ୍‌ଡିପିଓ ଚିତ୍ତରଞ୍ଜନ ନାୟକ, ଟ୍ରଷ୍ଟବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ପ୍ରଶାସନ ଅଧିକାରୀ ଉପସ୍ଥିତ ରହି ସମସ୍ତ ତଥ୍ୟ ଓ ଅଞ୍ଚଳ ପରିଦର୍ଶନବେଳେ ସହଯୋଗ କରିଥିଲେ।

# ବରମୁଣ୍ଡାରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ

- ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ
- ବାଲେଶ୍ୱରର ଶେଖ୍ ମୁସ୍ତାକିନ୍ ଗିରଫ

**ଭୁବନେଶ୍ୱର, ୩୦।୧ (ବ୍ୟୁରୋ):** ରାଜ୍ୟରେ ବ୍ରାଉନସୁଗାର କାରବାର ବଢ଼ିଚାଲିଥିବାବେଳେ ଏହା ଉପରେ ରୋକ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ବିଭିନ୍ନ ସ୍ଥାନରେ ମାରାଥନ ଚଢ଼ାଉ ଜାରି ରଖିଛି। ବୁଧବାର ଖଣ୍ଡଗିରି ଥାନା ଅଧୀନ ବରମୁଣ୍ଡା ଅଞ୍ଚଳରେ ଏସ୍‌ଟିଏଫ ଚଢ଼ାଉ କରି ୨୨ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅରଡବଜାର ଅଞ୍ଚଳର ଶେଖ ମୁସ୍ତାକିନ(୨୭)। ସୂଚନା ମୁତାବକ, ଅଭିଯୁକ୍ତ ମୁସ୍ତାକିନ ରାଜଧାନୀ ଓ ଉପକଣ୍ଠ ଅଞ୍ଚଳରେ ବ୍ରାଉନସୁଗାର କାରବାର ଚଳାଇଥିବା ନେଇ ଏସ୍‌ଟିଏଫ୍ ଖବର ପାଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ବୁଧବାର ସନ୍ଧ୍ୟାରେ ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ମୁସ୍ତାକିନ ବ୍ରାଉନସୁଗାର ଡିଲ କରୁଥିବାବେଳେ ଏସ୍‌ଟିଏଫ ଚଢ଼ଉ କରି ତାଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ଏନଡିପିଏସ୍ ୨୦ ବି ଦଫା ଅନୁଯାୟୀ ଏକ କେସ୍ (ନଂ. ୧୧/୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଥାଉକି, ଏସଟିଏଫ ଗତ ୨୨ଦିନ ମଧ୍ୟରେ ପୁରୀ, ବାଲେଶ୍ୱର, ଅନୁଗୁଳ, ଖୋର୍ଦ୍ଧା, ପିପିଲି, ଢେଙ୍କାନାଳ, ଭୁବନେଶ୍ୱର ଏବଂ ଭଦ୍ରକ ଅଞ୍ଚଳରେ ଚଢ଼ାଉ କରି ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୮୪୦ ଗ୍ରାମ ବ୍ରାଉନସୁଗାର, ୩୨୬.୪୫ ଗ୍ରାମ ଅଫିମ, ୧୩ ଲକ୍ଷ ୨୧ ହଜାର ଟଙ୍କା, ଗୋଟିଏ ମାରୁତି କାର, ୮ଟି ବାଇକ ଓ ବ୍ୟାଙ୍କ ଆକାଉଣ୍ଟ ସମେତ ଅନେକ ଆପତ୍ତିଜନକ ସମାଗ୍ରୀ ଜବତ କରାଯାଇଛି। ଏ ନେଇ ମୋଟ ୯ଟି ମାମଲା ରୁଜୁ ହୋଇଛି।




# ପୋଖରୀକୁ ଭୁଶୁଡ଼ିଲା ଗାର୍ଡୱାଲ



ପୋଖରୀକୁ ଭୁଶୁଡ଼ି ପଡ଼ିଥିବା ଗାର୍ଡୱାଲ।

**ବାସୁଦେବପୁର, ୩୦।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଲବଗାସ୍ଥିତ ଝାଡ଼େଶ୍ୱର ମହାଦେବଙ୍କ ପୋଖରୀ ଗାର୍ଡୱାଲ ବୁଧବାର ରାତିରେ ଭୁଶୁଡ଼ି ପଡ଼ିଛି। ଏହି ପୋଖରୀରେ ଗତ କିଛିମାସ ତଳେ ନିର୍ମାଣ ହୋଇଥିବା ଗାର୍ଡୱାଲ ହଠାତ୍ ଭାଙ୍ଗି ପଡ଼ିଛି। ଏହି ଗାର୍ଡ଼ୱାଲ ପଞ୍ଚାୟତ ପାଣ୍ଠିରୁ ନିର୍ମାଣ ହୋଇଥିବା ସୂଚନା ମିଳିଛି। ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏହା ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଏ ସମ୍ପର୍କରେ ବ୍ରାହ୍ମଣଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାୟାଧର ଗିରିଙ୍କୁ ପଚାରିବାରୁ ଉକ୍ତ ଗାର୍ଡୱାଲ ମାଟି ପୋତୁଥିବା ଏକ ଡ୍ରୋଜର ଧକ୍କା ଦେବାରୁ ଭୁଶୁଡ଼ି ପଡ଼ିଛି ବୋଲି କହିଛନ୍ତି। ତେବେ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ବେଆଇନ ପଥର ଚାଲାଣ: ଜଣେ ଗିରଫ

**ଖୁଣ୍ଟା, ୩୦।୧ (ଡ଼ି.ଏନ୍.ଏ.):** ଖୁଣ୍ଟା ତହସିଲ ଅଞ୍ଚଳରେ ବେଆଇନ ଭାବେ କଳା ମୁଗୁନି ପଥର ଚାଲାଣ ଅଭିଯୋଗରେ ଖୁଣ୍ଟା ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତାଳକୁଣ୍ଡା ଗ୍ରାମର ଧ୍ରୁବେନ୍ଦ୍ର ମହାନ୍ତ। ବୁଧବାର ସେ ଏକ ଡମ୍ଫର ଯୋଗେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିବା ଅଞ୍ଚଳରୁ ପଥର ବୋଝେଇ କରି ଚାଲାଣ କରୁଥିଲା ବେଳେ ବାସିପିଠା ନିକଟ ସନାତନପୁର ଗ୍ରାମଠାରେ ରାଜସ୍ୱ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲେ। ରାଜସ୍ୱ କର୍ମଚାରୀମାନଙ୍କୁ ଦେଖି ରାସ୍ତା ପାର୍ଶ୍ୱରେ ପଥର ଅନଲୋଡ କରି ଡମ୍ଫରଟିକୁ ନେଇ ସେ ଚମ୍ପଟ ମାରିଥିଲେ। ତହସିଲ ପକ୍ଷରୁ ତାଙ୍କ ଘରକୁ ଜରିମାନା ନୋଟିସ ପଠାଯାଇଥିଲା। ମାତ୍ର ଧ୍ରୁବେନ୍ଦ୍ର ଏହାକୁ ଖାତିର କରି ନ ଥିଲେ। ପରେ ତହସିଲଦାର ପ୍ରିୟଦର୍ଶିନୀ ମଲିକ ତାଙ୍କ ନାମରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୧୨/୨୦୨୦) ରୁଜୁ ହେବା ସହିତ ଗୁରବାର ଧ୍ରୁବେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନକଲି ମଦ କାରଖାନା ଠାବ, ୨ ଗିରଫ



ନକଲି ମଦ ସହିତ ଗିରଫ ମାମୁ ଓ ଭଣଜା

**ସିମୁଳିଆ, ୩୦।୧ (ଡି.ଏନ.ଏ.):** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଦ୍ୱାରା ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ସାହୁଖର୍ଦ୍ଦା ଅଞ୍ଚଳରେ ଚାଲିଥିବା ନକଲି ମଦ କାରଖାନା ଉପରେ ଚଢ଼ାଉ କରାଯାଇଛି । ମଦ କାରଖାନା ଚଳାଇଥିବା ମାମୁ ସୁରେଶ କୁମାର ମହାନ୍ତି ଓ ଭଣଜା ଅଜିତ କୁମାର ମହାନ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୩୦ବୋତଲ ମଦ ସମେତ ୫୦ଲିଟର ସ୍ପିରିଟ, ୫ଶହରୁ ଊର୍ଦ୍ଧ୍ୱ ସିଲ ପାଇଁ ରଖାଯାଇଥିବା ଠିପି, ୧ ଲିଟର କେମିକାଲ ସମେତ ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ଗିରଫ ମାମୁ ଭଣଜାଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଏହି ମଦ କାରଖାନା ଚାଲୁଥିବା ସମ୍ପର୍କରେ ଅବକାରୀ ଗୋଇନ୍ଦା ସଂସ୍ଥା ପୂର୍ବରୁ ସୂଚନା ପାଇ ଚଢ଼ାଉ କରିଥିଲା । ଅବକାରୀ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ଧନେଶ୍ୱର ପାତ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନେଉଳିପଶି ଗ୍ରାମରେ ୨ ଜଣଙ୍କ ଘରୁ ଚୋରି

ପାଟଣା,୩୦।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ବୁଢ଼ୀକାପୁଡି ପଞ୍ଚାୟତ ନେଉଳି ପଶି ଗ୍ରାମର ୨ଜଣଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଚୋରି କରିଥିବା ବେଳେ ଆଉ ୩ଜଣଙ୍କ ଘରୁ ଚୋରି ଉଦ୍ୟମ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନେଉଳି ପଶି ଗ୍ରାମର କୀର୍ତ୍ତନ ବିହାରୀ ମହାନ୍ତ ଓ ଶଙ୍କର୍ଷଣ ମହାନ୍ତଙ୍କ ଘରର କବାଟ ଭାଙ୍ଗି ଚୋରି କରାଯାଇଛି। କୀର୍ତ୍ତନ ମହାନ୍ତଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚୋର କବାଟ ଭାଙ୍ଗି କୀର୍ତ୍ତନଙ୍କ ବାକ୍ସରୁ ନଗଦ ୩ହଜାର ଟଙ୍କା ଚୋରି କରିନେଇଥିବା ବେଳେ କେତୋଟି ବ୍ୟାଙ୍କ ସଞ୍ଚୟ ଖାତା ଚୋରି କରିନେଇ ଘର ନିକଟ ଏକ ବୁଦା ମୂଳରେ ବାକ୍ସ ଓ ସଞ୍ଚୟ ଖାତା ଫୋପାଡିଦେଇ ଦୁର୍ବୃତ୍ତ ପଳେଇଯାଇଛନ୍ତି। ଏଥି ସହ ଶଙ୍କର୍ଷଣଙ୍କ ଘର କବାଟ ଭାଙ୍ଗି ଆଲମୀରାରୁ ନଗଦଟଙ୍କା ସହ ସୁନା ଗହଣା ଲୁଟିନେଇଛନ୍ତି ଦୁର୍ବୃତ୍ତ। ତୁରୁମୁଙ୍ଗା ଥାନା ଅଞ୍ଚଳରେ ସମାନ ଢଙ୍ଗରେ ବାରମ୍ବାର ଚୋରି ହେଉଥିଲେ ହେଁ କୌଣସି ମାମଲାରେ ଚୋର ଧରା ପଡୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

### ୪ ଡିଜେଲ ଚୋର ଗିରଫ

କେନ୍ଦୁଝର, ୩୦।୧(ସ୍ୱ.ପ୍ର.)- ଟାଉନ ଥାନା ପୋଲିସ ଗତ ବୁଧବାର ରାତିରେ ୪ ଜଣ ଡିଜେଲ ଚୋରଙ୍କୁ ପାଟ୍ରୋଲିଂ ସମୟରେ ଧରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ଏକ ବୋଲେରୋରେ ଆସି ଘୁଟୁରୁ ଗୁରୁଦ୍ୱାରା ନିକଟରେ ଚୋରି କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଟିମ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ଘର ବଡବିଲ ଥାନା ଅଞ୍ଚଳରେ ଏବଂ ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଏକ ବୋଲେରୋ ଜବତ ହୋଇଥିବା ଟାଉନ ଥାନା ଏଏସଆଇ ସି.ଆର.ଦାସ କହିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଠାକୁରାଣୀ ତଳ ସାହିର କରନ କାରୁଆ, ସେଣ୍ଟିଂ ବସ୍ତିର ଲକ୍ଷ୍ମଣ ମୁଣ୍ଡା, ସେସ କଲୋନୀର ଏମଡି ସୈଫ, ଠାକୁରାଣୀ ବସ୍ତିର ରଞ୍ଜନ ପଲେଇ। ପାଲିସ ସେମାନଙ୍କ ଗ୍ରୁପର ଅନ୍ୟମାନଙ୍କୁ ଖୋଜୁଥିବା ଜଣାପଡିଛି । ସେମାନେ ବିଭିନ୍ନ ସମୟରେ ରାସ୍ତା କଡରେ ଠିଆ ହୋଇଥିବା ବା ବ୍ରେକ ଡାଉନ ହୋଇ ଥିବା ଟ୍ରକ ମାନଙ୍କରୁ ଡିଜେଲ ଚୋରି କରିଆସୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା,୩୦।୧(ସ୍ୱ.ପ୍ର.)-କେନ୍ଦୁଝରଜିଲା ପାଟଣା ବ୍ଲକ ଡୁମୁରିଆସ୍ଥିତ ବିଏସ୍ ହାଇସ୍କୁଲର ୪୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ସୁଧାକର ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣାବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ମୁଖ୍ୟବକ୍ତା ଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ରଚ ଓମାନ୍ତ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାଏକ, ସମିତି ସଭ୍ୟ ରାଘବ ଦଳେଇ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଗୌରହରି ନାଏକ, ସିଆରସି ଶ୍ରୀକାନ୍ତ ବିଶ୍ୱାଳ, ଖବରଦାତା ନୃସିଂହ ନାଥ ସିଂହ, ଅବସର ପ୍ରାପ୍ତ ଶିକ୍ଷକ ପ୍ରସନ୍ନ ପରିଡା, ଶିକ୍ଷକ ପାର୍ଥସାରଥୀ ବେଜ ଓ ସାମାଜିକ କର୍ମୀ ପ୍ରହଲ୍ଲାଦ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବୈଦ୍ୟ ସମ୍ମିଳନୀ, ପରିବେଶ ସୁରକ୍ଷା କର୍ମଶାଳା

କେନ୍ଦୁଝର, ୩୦।୧ (ସ୍ୱ.ପ୍ର.)-ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଏକ ବୈଦ୍ୟ ସମ୍ମିଳନୀ ଓ ପରିବେଶ ସଚେତନତା କର୍ମଶାଳା ବୈତରଣୀ ବୈଦ ସଂଘ, ଝୁମ୍ପୁରା ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନେତ୍ରାନନ୍ଦ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ ବନୌଷଧୀ ବିଶେଷଜ୍ଞ ମହାସଂଘର ସଭାପତି ହରେକୃଷ୍ଣ ମହାନ୍ତ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ରିମୁଳି ଅଧାପକ ରମାକାନ୍ତ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜିଲା ଶାନ୍ତି ବୈଦ୍ୟ ସଂଘର ଉପଦେଷ୍ଟା ପଦ୍ମଚରଣ ମହାନ୍ତ ଓ ରାଇରଙ୍ଗପୁର ବୈଦ୍ୟ ସଂଘର ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ହରେକୃଷ୍ଣ ମହାନ୍ତଙ୍କୁ ବୈଦ୍ୟ ଶିରୋମଣି ଓ ପଦ୍ମଚରଣ ମହାନ୍ତଙ୍କୁ ବୈଦ୍ୟ ରତ୍ନ ଉପାଧିରେ ଭୂଷିତ କରାଯାଇ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା ।



କେନ୍ଦୁଝରରେ ବର୍ଷା ପବନରେ ଗଛ ଭାଙ୍ଗିଯାଇଛି।



ପାଟଣାରେ କୁଆପଥର ଜମାହୋଇ ରହିଛି।

# ଅଦିନିଆ ବର୍ଷା ପବନରେ ବ୍ୟାପକ କ୍ଷୟକ୍ଷତି

କେନ୍ଦୁଝର, ୩୦।୧ (ସ୍ୱ.ପ୍ର.)

ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଅଦିନିଆ ବର୍ଷା ସାଙ୍ଗକୁ ବହୁତ ଜୋରରେ ପବନ ଓ କୁଆପଥର ମାଡ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ସଦର ବ୍ଲକର ବେଲପଶି, ମଥୁରାମଣ୍ଡଳୀ ଆଦି ଅଞ୍ଚଳରେ ବାତ୍ୟା ପବନ ଯୋଗୁ ବହୁ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗଛ ଡାଳ ଭାଙ୍ଗିବା ସହ ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଗତ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ହଠାତ ବର୍ଷା ହୋଇଥିବା ବେଳେ ସକାଳେ ହଠାତ କେତେକ ସ୍ଥାନରେ କୁଆପଥର ମାଡ ସାଙ୍ଗକୁ ବାତ୍ୟା ହୋଇଥିଲା। ଉକ୍ତ ଦୁଇଟି ଗ୍ରାମରେ ଛଅଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଥିବା ସ୍ଥାନୀୟ ଅଞ୍ଚଳ ନିବାସୀ ହରେକୃଷ୍ଣ ମହାନ୍ତ କହିଛନ୍ତି । ଅଦିନିଆ ବର୍ଷା ଓ କୁଆପଥର ମାଡ ଯୋଗୁ ଆମ୍ବ ଗଛରେ ବଉଳ ଝଡି ପଡିଥିବା ବେଳେ ବାଡିବଗିଚା କ୍ଷତିଗ୍ରସ୍ତ ହୋଇଛି । ଏଣୁ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପାଟଣାରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼

ପଟଣା,୩୦।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ଗୁରବାର ପୂର୍ବାହ୍ନରେ ଅଦିନିଆ ବର୍ଷା ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହେବା ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ବର୍ଷା ହେବା ଫଳରେ ଆମ୍ବ ଗଛର ବଉଳ ସବୁ ଝଡି ପଡିଛି। ଲୋକଙ୍କ ଘର, ବାହାରେ ଓ ବଗିଚାରେ ବେଶ କିଛି ସମୟ କୁଆପଥର ଜମିରହିଥିଲା ଫଳରେ ସର୍ବତ୍ର ଧଳା ଆସ୍ତରଣ ଛାଇ ଯାଇଥିଲା। କୁଆପଥର ବର୍ଷା ସ୍ଥାନୀୟ ଲୋକଙ୍କ ମନରେ ବେଶ ଆନନ୍ଦ ଭରି ଦେଇଛି। ଛୋଟ ଛୋଟ ପିଲା ମାନେ କୁଆପଥରରେ ଖେଳିବା ସହ ଖାଉଥିବା ଦେଖିବାକୁ ମିଳିଛି।



ବର୍ଷା ପବନରେ ଜଣେ ମହିଳାଙ୍କ ଘର ଭାଙ୍ଗିଯାଇଛି।

# ପରିବା ବୋଝେଇ ପିକ୍‌ଅପ୍‌କୁ ପିଟିଲା ଟ୍ରକ୍

କେନ୍ଦୁଝର, ୩୦।୧(ସ୍ୱ.ପ୍ର.)

ଟାଉନ ଥାନା ଅନ୍ତର୍ଗତ ନେକଡାଘର ନିକଟ ଏନ୍‌ଏଚ୍ ୨୦ରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ପିକ୍‌ଅପ ଭ୍ୟାନର ଦୁଇ ଜଣଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଅନ୍ୟ ଜଣେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ, ଦୁଇଟି ପିକ୍‌ଅପରେ ପରିବା ବୋଝେଇ ହୋଇ ଯାଜପୁର ଜିଲା କୁଆଖିଆ ଅଞ୍ଚଳରୁ ପରିବା ନେଇ କେନ୍ଦୁଝର ଦେଇ ରାଞ୍ଚି ଯାଉଥିଲା। ଗୋଟିଏ ପିକ୍‌ଅପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ରାସ୍ତା କଡରେ ଅଟକି ସଜଡା ଯାଉଥିଲା। ଏହି ସମୟରେ ଏକ ଲୁହା ପଥର ବୋଝେଇ ଟ୍ରକ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ସଜାଡୁଥିବା ୨ ଜଣଙ୍କର ଘଟଣାସ୍ଥଳରେ ଶୋଚନୀୟ ଭାବେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ମୃତକ ହେଲେ ଉସମାନ ଅନସାରୀ (୩୦) ଓ ଆଫ୍ରଜ ଆଲାମ (୩୫)। ସେମାନଙ୍କ ଘର ଝାଡଖଣ୍ଡ ରାଜ୍ୟ ରାଞ୍ଚି ଅଞ୍ଚଳରେ। ଦୁର୍ଘଟଣା ପରେ ରାସ୍ତାରେ ଯାତାୟାତ କିଛି ସମୟ ବନ୍ଦ ରହିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକଟି ଫେରାର ହୋଇଯାଇଥିବା ଜଣାପଡିଛି । ଅଳ୍ପକେ ବର୍ତ୍ତିଯାଇଥିବା ଅନ୍ୟ ଜଣେ ଆହତଙ୍କ ନାମ ଡ୍ରାଇଭର ପବନ ଲୋହାର (୩୦)। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଗତ ବୁଧବାର ଅପରାହ୍ନରେ ପଣ୍ଡାପଡା ଥାନା ଅନ୍ତର୍ଗତ ସୋନାଟାଙ୍ଗିରି ନିକଟରେ ନରଣପୁର–ଡୁବୁରି ରାସ୍ତାରେ ଏକ ପିକ୍‌ଅପ ଧକ୍କାରେ ଦୁଇ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ବ୍ୟାପକ ଜନସଚେତନତା ସତ୍ତ୍ୱେ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି।

# ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ

କେନ୍ଦୁଝର, ୩୦।୧
(ସ୍ୱ.ପ୍ର./ଡି.ଏନ.ଏ.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ପୂର୍ବାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭକ୍ତିପୂତ ଭାବେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କେନ୍ଦୁଝର ଯାନ୍ତ୍ରିକ କଲେଜ, ଡିମ୍ପୋର ଅଧାପିକା ନିବେଦିତା ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି, ଓଡିଶା ପୂର୍ବତନ ସାଧାରଣ ସଂପାଦକ ଇଂ ଅମରବର ଖଟୁଆ ଯୋଗଦେଇଥିଲେ। ବକ୍ତା ମହାପାତ୍ର ବର୍ତ୍ତମାନର ସମାଜରେ ମା'ମାନଙ୍କର ଶିଶୁମାନଙ୍କ ପ୍ରତି ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମ୍ମିଳନୀରେ ୪୫୦ଜଣରୁ ଊର୍ଦ୍ଧ୍ୱ ମା' ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ମାତୃ ସମ୍ମିଳନୀରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ଡିଏମ୍‌ଏଫ୍ ବୃତ୍ତି ପରୀକ୍ଷାରେ ମନୋଜମଞ୍ଜରୀ ଶିଶୁଭବନର ସଫଳତା

କେନ୍ଦୁଝର, ୩୦।୧(ସ୍ୱ.ପ୍ର./ଡି.ଏନ.ଏ.)

ଜିଲା ଖଣିଜ ସମ୍ପଦ ପାଣ୍ଠିରୁ ଗରିବ ଶ୍ରେଣୀର ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦେବା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ସ୍ଥାନୀୟ ମନୋଜ ମଞ୍ଜରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ଅଭିଭାବକ ମାନେ ପ୍ରଧାନଶିକ୍ଷୟିତ୍ରୀ ସୁରଭି ବାଳା ଜେନା ତଥା ଅନ୍ୟମାନଙ୍କୁ ପ୍ରଶଂସା କରିଛନ୍ତି। ଗରିବ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଡିଏମ୍‌ଏଫରୁ ବୃତ୍ତି ମାଧ୍ୟମରେ ଅନୁଦାନ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ବିଦ୍ୟାଳୟରେ ସାଧାରଣତଃ ବାପା ଓ ମା' ଛେଉଣ୍ଡ ପିଲାମାନେ ଅଧ୍ୟୟନ କରୁଛନ୍ତି। ଅଷ୍ଟମ ଶ୍ରେଣୀର ୧୨ ଜଣ ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତ ବର୍ଷ ତୃତୀୟରେ ପ୍ରମୋଦ ନାୟକ ଓ ପଞ୍ଚମରେ ବବଲୁ ମୁଣ୍ଡା ମେଧା ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି।

# ଅବହେଳିତ କାଣ୍ଡେସାହି



କାଣ୍ଡେସାହି ଗ୍ରାମବାସୀ।

ତେଲକୋଇ, ୩୦।୧(ଡି.ଏନ.ଏ.)

## ୪୦ରୁ ଊର୍ଦ୍ଧ୍ୱ ପିଲାଙ୍କ ପାଠପଢାରେ ଡୋରି

ତେଲକୋଇ ଆଦିବାସୀ ବହୁଳ ବହୁ ଅଞ୍ଚଳରେ ଯୋଜନା କରାଯାଉଛି। ତେବେ ଛାମୁଣ୍ଡା ପଞ୍ଚାୟତର ସିରିଆବାହାଳ ଗ୍ରାମ ସଂଲଗ୍ନ ୬ନଂ ୱାର୍ଡ କାଣ୍ଡେ ସାହି ଅବହେଳିତ ହୋଇ ରହିଛି। ସିରିଆବାହାଳ ଗ୍ରାମ ଠାରୁ କାଣ୍ଡେ ସାହି ୨କି.ମି. ରାସ୍ତା। ରାସ୍ତା ମଧ୍ୟରେ ରହିଛି ଦେବତା ନାଳ ଝରଣା ସବୁ ଦିନିଆ ରାସ୍ତା ନଥିବା ଯୋଗୁଁ ଗ୍ରାମରେ ଥିବା ୪୦ରୁ ଊର୍ଦ୍ଧ୍ୱ ଛୁଆଙ୍କ ପାଠପଢାରେ ଡୋରି ଲାଗିଛି। ଉକ୍ତ ବସ୍ତିରେ ୨୫ରୁ ଊର୍ଦ୍ଧ୍ୱ ପରିବାର ଆଦିବାସୀ ଲୋକେ ବସବାସ କରନ୍ତି। ବସ୍ତି ବାସୀନ୍ଦାଙ୍କ ଝରଣା ପାଣି ଚିର ସହଚର। ବସ୍ତିରୁ ପଞ୍ଚାୟତକୁ ଆସିବାକୁ ହେଲେ ୪କି.ମି. ପାଦରେ ଚାଲି ପିଡିଏସ ସାମଗ୍ରୀ ନେଇଥାନ୍ତି। ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ନଥିବା ଓ ପ୍ରାଥମିକ ସ୍କୁଲ ନ ଥିବା ଯୋଗୁ ଗାଁର ପିଲାମାନେ ପାଠ ପଢ଼ିପାରୁନାହାନ୍ତି। ସମସ୍ତ ପରିବାର ବିପିଏଲଧାରୀ ହୋଇଥିବା ବେଳେ ମାତ୍ର ୪ଜଣଙ୍କୁ ମିଳିଛି ଆବାସ ଯୋଜନା। ସେହିପରି ୧୦ରୁ ଊର୍ଦ୍ଧ୍ୱ ବିଧବା, ବୃଦ୍ଧାବୃଦ୍ଧ ଦୀର୍ଘଦିନ ହେବ ଭତ୍ତା ଅପେକ୍ଷାରେ ବ୍ଲକ ଆସି ନୟାନ୍ତ ହୋଇଥିବା ସ୍ଥାନୀୟ ୱାର୍ଡ ମେମ୍ବର ସୁବାଷ ପାତ୍ର ପ୍ରକାଶ କରିଛନ୍ତି। ସରକାରଙ୍କ ଉଦାସୀନତା ଓ ପଞ୍ଚାୟତ ପ୍ରତିନିଧିଙ୍କ ଅଣଦେଖା ପାଇଁ ଏହି ବସ୍ତି ଅବହେଳିତ ହୋଇପଡିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ କଳ୍ପତରୁ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ବସ୍ତିରେ ଗୋଟିଏ ନଳକୂପ ରହିଛି । ତେବେ ଆଉ ଗୋଟିଏ ନଳକୂପ ଯୋଜନା ହୋଇଥିବା ବେଳେ ସିରିଆବାହାଳ ଠାରୁ କାଣ୍ଡେ ସାହି ପାଇଁ ଏମଜିଏନଆରଇଜିଏସ ଯୋଜନାରେ ସବୁଦିନିଆ ରାସ୍ତା ନିର୍ମାଣ ହେବ। ଭତ୍ତା ଆବେଦନ କାରୀ ଭତ୍ତା ପର୍ଯ୍ୟାୟ କ୍ରମେ ପାଇବେ। ଅଙ୍ଗନୱାଡି କେନ୍ଦ୍ର ପାଇଁ ଶିଶୁ ପ୍ରକଳ୍ପ ଅଧିକାରୀଙ୍କ ଠାରେ ଆବେଦନ କରାଯାଇଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଚମ୍ପୁଆ, ୩୦।୧(ଡି.ଏନ.ଏ.)

ଚମ୍ପୁଆ ଏନଏସି ଅନ୍ତର୍ଗତ ପାଞ୍ଚପୋଖରିଆ ମୁଣ୍ଡାସାହିରେ ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆବଶ୍ୟକ ମୌଳିକ ସୁବିଧାଗୁଡିକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଉପଜିଲାପାଳ ପ୍ରତାପ ପ୍ରତିମୟ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁସାରେ ପାଞ୍ଚପୋଖରିଆ ମୁଣ୍ଡା ସାହି ନିକଟ ଗ୍ରାମ୍ୟ ଜଙ୍ଗଲ ନିକଟରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ ପାଇଁ ହୋଇଥିବା ପ୍ରସ୍ତାବକୁ ଗ୍ରାମବାସୀ ବିରୋଧ କରିଆସୁଥିଲେ। ଭିତ୍ତିପ୍ରସ୍ତର ଦିନ ଏହାକୁ ବିରୋଧ କରାଯିବାରୁ ଉପଜିଲାପାଳ ଘଟଣା ସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିବାରୁ ଗ୍ରାମବାସୀମାନେ ନିଜ ଅସୁବିଧା ବିଷୟରେ ଅବଗତ କରିଥିଲେ। ଏ ନେଇ ଗତ ୨୯ ତାରିଖରେ ଉପଜିଲାପାଳ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପରିବାରକୁ ଘରଡିହ ପଟ୍ଟା, ରାସ୍ତାର ଉନ୍ନତୀକରଣ ଓ ଡ୍ରେନେଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ପୋଖରୀ ପୁନରୁଦ୍ଧାର, ରାସ୍ତାପାର୍ଶ୍ୱ ଆଲୋକ, ଆବାସ ଯୋଜନା, ଖେଳପଡିଆ, କ୍ଲବ ଘର ଆଦି ଗ୍ରାମବାସୀମାନେ ଦାବି କରିଥିଲେ।

# ବିଭିନ୍ନ ସ୍ଥାନରେ ବିଦ୍ୟାଦାତ୍ରୀଙ୍କ ପୂଜା

କେନ୍ଦୁଝର, ୩୦।୧(ସ୍ୱ.ପ୍ର./ଡି.ଏନ.ଏ.)

ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଧୁମଧାମ୍‌ରେ ପାଳିତ ହୋଇଯାଇଛି। ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମୋଚିବନ୍ଧ ହାଇସ୍କୁଲ, ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଡିମ୍ପୋ, ଡି.ଏନ.ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆପେକ୍ସ ଟ୍ୟୁଟୋରିଆଲ, ବ୍ରିଗ୍ରେଡ ପ୍ଲେ ସ୍କୁଲ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଆଦି ଶିକ୍ଷାନୁଷ୍ଠାନ, କ୍ଲବ, ସଂଗଠନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ ଓ ସଂସ୍ଥାମାନେ ରଙ୍ଗବେରଙ୍ଗ କାଗଜ, କନାରେ ମେଢ ସଜାଇବା ସହ ଆକର୍ଷଣୀୟ ତୋରଣ ଓ ଆଲୋକରେ ସଜ୍ଜିତ କରିଥିଲେ।

ଚମ୍ପୁଆ, (ଡି.ଏନ.ଏ.)

ଚମ୍ପୁଆ ସଦରମହକୁମା ସମେତ ପୁରପଲ୍ଲୀରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଭକ୍ତିପୂତ ଭାବେ ପାଳିତ ହୋଇଯାଇଛି। ମାଘମାସ ଶୁକ୍ଳ ପଞ୍ଚମୀ ତିଥି ଗୁରୁବାର ସମସ୍ତ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ଓ ବିଭିନ୍ନ କାର୍ଯ୍ୟାଳୟରେ ଏହା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସକାଳ ୮ଘଟିକାରୁ ଯଥା ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମା' ସରସ୍ୱତୀଙ୍କୁ ପୂଜା କଲେ ବିଦ୍ୟା ବୁଦ୍ଧି ପ୍ରାପ୍ତ ବିଶ୍ୱାସକୁ ନେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ଚମ୍ପୁଆ ସଦର ମହକୁମାରେ ମହତାବ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ, ବାଳିକା ବିଦ୍ୟାଳୟ, ଆକାଶଜ୍ୟୋତି ବିଦ୍ୟାଳୟ, ଚନ୍ଦ୍ରଶେଖର ଇଂଲିଶ ମାଧ୍ୟମ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟରେ ଏହା ପାଳନ କରାଯାଇଥିଲା।

ଆନନ୍ଦପୁର,(ସ୍ୱ.ପ୍ର.)

ଆନନ୍ଦପୁର ଅଞ୍ଚଳରେ ଧୁମ୍‌ଧାମରେ ପବିତ୍ର ଶ୍ରୀପଞ୍ଚମୀ ଅବସରରେ ବିଦ୍ୟାଦାତ୍ରୀଙ୍କ ପୂଜା ପାଳିତ ହେଉଛି। ପୂଜା ଅବସରରେ ସକାଳୁ ସକାଳୁ ଛାତ୍ରୀଛାତ୍ରମାନେ ସ୍ନାନ ସାରି ହାତରେ ଭୋଗ, ଫୁଲ ସାମଗ୍ରୀ ନେଇ ପୂଜା ସ୍ଥଳ ନିକଟକୁ ଯିବା ଦୃଶ୍ୟ ନିଆରା ପାଲଟିଛି। ଆନନ୍ଦପୁର ମହାବିଦ୍ୟାଳୟ, ଘସିପୁରା ବାଲ୍ ଶିକ୍ଷା ସଂସ୍ଥାନ୍, ଶାଳପଡା ମହିଳା ମାହାବିଦ୍ୟାଳୟ, ଆନନ୍ଦପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ, ସରସ୍ୱତୀ ଶିଶୁ ମନ୍ଦିର ଆନନ୍ଦପୁର, ଆନନ୍ଦପୁର କଲେଜ ଛାତ୍ରୀଛାତ୍ରମାନେ ରହୁଥିବା ବିଭିନ୍ନ ମେସ୍ ,ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରୀ ନିବାସ, ଅଳତୀ ସରସ୍ୱତୀ ଶିଶୁ ମନ୍ଦିର, ମଡେଲ ସ୍କୁଲ ଆନନ୍ଦପୁର, ବି.ଏନ ହାଇସ୍କୁଲ ଆନନ୍ଦପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନନ୍ଦପୁର, ପତିତପାବନ ମହାବିଦ୍ୟାଳୟ ସାଇଁକୁଳ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ପ୍ରଭୃତି ବହୁ ସ୍ଥାନରେ ବିଦ୍ୟାଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହେଉଛି।

ଯୋଡ଼ା, (ଡି.ଏନ.ଏ.)

ଯୋଡା ସହରର ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟ, କ୍ଲବ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁରୁବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି । ପଶ୍ଚିମ ଯୋଡାସ୍ଥିତ କୁନ୍ଦୁରୁନାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଶ୍ଚିମ ଯୋଡା ହିନ୍ଦୀ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, ଆଜାଦ୍ ବସ୍ତି ସରସ୍ୱତୀ ଶିଶୁ ମନ୍ଦିର, ଯୋଡା ସରକାରୀ ଉଚ୍ଚ ବିଦ୍ୟାଳୟ , ବନେଇକଳା ଉଚ୍ଚ ବିଦ୍ୟାଳୟ, ଟିଏସଜି ଗୁରୁକୁଳ, ଡିଏଭି ସ୍କୁଲ୍, ଯୋଡା ମହିଳା ମହାବିଦ୍ୟାଳୟ, ସଫଟେକ୍ କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନ ସହିତ ବିଭିନ୍ନ କ୍ଲବ ଓ ୱାର୍ଡରେ ସରସ୍ୱତୀ ପୂଜା ପାଳନ କରାଯାଇଥିଲା। ଯୋଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁସଜ୍ଜିତ ମେଢରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ପୂଜକ ନିତ୍ୟାନନ୍ଦ ମିଶ୍ର ପୂଜା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପ୍ରଧାନ ସଂକଳ୍ପରେ ବସିଥିଲେ । ସେହିପରି ଯୋଡା ମହିଳା ମହାବିଦ୍ୟାଳୟରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଯୋଡାରେ ସରସ୍ୱତୀ ପୂଜା ପାଳନ।




ବିଦ୍ୟାଦାତ୍ରୀଙ୍କୁ ପୂଜା କରାଯାଉଛି।

ଢେଙ୍କିକୋଟ, (ଡି.ଏନ.ଏ.)

ଢେଙ୍କିକୋଟସ୍ଥିତ ଶିକ୍ଷାନୁଷ୍ଠାନ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଶିକ୍ଷ୍ୟ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ମା' ସରସ୍ୱତୀ ବାଗ୍‌ଦେବୀଙ୍କୁ ଭକ୍ତିପୂତ ଯଥାବିଧି ପୂଜାର୍ଚ୍ଚନା କରିଥିଲେ।